R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮୭
ତିଥି : ସପ୍ତମୀ
୨୨ ଜୁଲାଇ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 287
22 July 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ନୀତି ଆୟୋଗ 'ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ୨୦୨୬'

## ଦେଶର ଶୀର୍ଷ ୫ ରାଜ୍ୟ ମଧ୍ୟରେ ଓଡ଼ିଶା

ଭୁବନେଶ୍ୱର, ୨୧ା୭ (ସବ୍ୟୁ) : ନୀତି ଆୟୋଗଙ୍କ ଦ୍ୱାରା ପ୍ରଥମ ଥର ପାଇଁ ପ୍ରକାଶିତ 'ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ୨୦୨୬'ରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀ, ସମସ୍ତ ସରକାରୀ ବିଭାଗ, ଶିଳ୍ପ ସହଯୋଗୀ, ଉଦ୍ୟୋଗୀ, ନିବେଶକ ଏବଂ ସରକାରୀ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଏହି ସଫଳତାକୁ ଓଡ଼ିଶାର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ମାନ୍ୟତା ରାଜ୍ୟର ସ୍ୱଚ୍ଛ ଶାସନ, ନୀତିଗତ ସଂସ୍କାର, ନିବେଶକ-ଅନୁକୂଳ ପ୍ରଶାସନ ଏବଂ ସ୍ଥାୟୀ ଶିଳ୍ପ ବିକାଶ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି ।



### 'ସମୃଦ୍ଧ ଓଡ଼ିଶା' ଗଠନର ସଂକଳ୍ପ : ମୁଖ୍ୟମନ୍ତ୍ରୀ

ଏହାଦ୍ୱାରା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ସଂକଳ୍ପ ଆହୁରି ସୁଦୃଢ଼ ହୋଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, "ସବୁଠାରୁ ନିବେଶ-ଅନୁକୂଳ ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହି ସଫଳତା ସ୍ୱଚ୍ଛ ଶାସନ, ଶିଳ୍ପ-ଅନୁକୂଳ ନୀତି ଏବଂ ଦକ୍ଷ ସେବା ଯୋଗାଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ। ଓଡ଼ିଶା ପ୍ରତି ନିରନ୍ତର ଆସ୍ଥା ପ୍ରକଟ କରିଥିବାରୁ ଆମେ ଆମର ଶିଳ୍ପ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଉଛୁ। ଏହି ମାନ୍ୟତା ଆମର ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ, ବରଂ ଏକ ମାଇଲଖୁଣ୍ଟ। ଆମେ ନିରନ୍ତର ସଂସ୍କାର ଜାରି ରଖିବୁ, ଭିତ୍ତିଭୂମିକୁ ସୁଦୃଢ଼ କରିବୁ ଏବଂ ଏକ ଅଧିକ ଅନୁକୂଳ ପରିବେଶ ସୃଷ୍ଟି କରିବୁ ଯାହା ଦ୍ୱାରା ଓଡ଼ିଶା ଭାରତ ଏବଂ ନିବେଶ କ୍ଷେତ୍ରରେ ବିଶ୍ୱ ସ୍ତରରେ ସବୁଠାରୁ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ପରିଗଣିତ ହୋଇପାରିବ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ସଂଘୀୟ ବ୍ୟବସ୍ଥା ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କର ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଯୁଗାନ୍ତକାରୀ ସଂସ୍କାର ଏବଂ 'ଡବଲ୍ ଇଞ୍ଜିନ୍ ସରକାର'ର ଶକ୍ତି ଓଡ଼ିଶାର ଭିତ୍ତିଭୂମି, ଶିଳ୍ପାୟନ, ସଂଯୋଗୀକରଣ, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ ଏବଂ ସାମଗ୍ରିକ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି।

ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ' ପରିକଳ୍ପନା ଦ୍ୱାରା ଅନୁପ୍ରାଣିତ ହୋଇ, ଓଡ଼ିଶା ସରକାର ୨୦୩୬ ସୁଦ୍ଧା ଏକ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ପ୍ରତିବଦ୍ଧ, ଯେଉଁଠାରେ ଶିଳ୍ପ ଅଭିବୃଦ୍ଧି ଗୁଣାତ୍ମକ ରୋଜଗାର ସୃଷ୍ଟି କରିବ, ଯୁବବର୍ଗଙ୍କୁ ସଶକ୍ତ କରିବ ଏବଂ ( ୯ ପୃଷ୍ଠାରେ)

### ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା

## ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ : ମୋଦୀ

ନୂଆଦିଲ୍ଲୀ, ୨୧ା୭ : ନିଟ୍ ପେପର ଲିକ୍ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜବାବ୍ ରଖିଛନ୍ତି। ଏନଡିଏ ସଂସଦୀୟ ଦଳ ବୈଠକ ମଙ୍ଗଳମିଳନ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯେଉଁମାନେ ଏହି ଘଟଣା ପାଇଁ ଦାୟୀ ସେମାନଙ୍କ ବିରୋଧରେ କଠୋରତମ ଦଣ୍ଡ ଦିଆଯିବ। ଏଥିଲାଗି ସେ ଆହ୍ୱାନ ଦେବା ସହ ଉଲ୍ଲେଖ କରିଛନ୍ତି ଯେ, ପେପର ଲିକ୍ ଘଟଣା ଏକ ଜାତୀୟ ଦାୟିତ୍ୱ ।

ଏନ୍‌ଡିଏ ବୈଠକରେ ପ୍ରଧାନମନ୍ତ୍ରୀ କ'ଣ କହିଛନ୍ତି ବୋଲି ସୂଚନା ଦେଇ ମନ୍ତ୍ରୀ କିରଣ ରିଜ୍ଜୁ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ପରୀକ୍ଷା ବ୍ୟବସ୍ଥାର ଏକ ପୂର୍ଣ୍ଣ ସୁରକ୍ଷା ଗଠନ କରିବାକୁ ସାମୂହିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ଏନଡିଏର ସହଯୋଗୀମାନେ ସଂସଦରେ ବୈଧାନିକ କାର୍ଯ୍ୟକୁ ସମର୍ଥନ କରନ୍ତୁ ଓ ବିରୋଧୀମାନେ ମଧ୍ୟ ଗଠନାତ୍ମକ କାର୍ଯ୍ୟରେ ସଂସଦରେ



ଅଂଶଗ୍ରହଣ କରନ୍ତୁ। ସବୁ ସାଂସଦମାନଙ୍କ ଦାୟିତ୍ୱ ହେଉଛି ଯେ, ଯୁବକମାନଙ୍କ କଲ୍ୟାଣ ଓ ସେମାନଙ୍କ ଭବିଷ୍ୟତ ପାଇଁ କାର୍ଯ୍ୟ କରିବା। ରାଜନୈତିକ ମତଭେଦ ଥାଇପାରେ କିନ୍ତୁ ଦେଶର ଭବିଷ୍ୟତ ଓ ଯୁବପୀଢ଼ିର କଲ୍ୟାଣ ପାଇଁ ସବୁ ସାଂସଦଙ୍କର ସମାନ ଦାୟିତ୍ୱ ରହିଛି। ନିଟ୍ ପ୍ରଶ୍ନପତ୍ର ଲିକ ଖବର ମିଳିବା ପରେ ସରକାର ସବୁ ପଦକ୍ଷେପ ନେଇଥିଲେ। ଘଟଣାରେ ସମ୍ପୃକ୍ତ ଅନେକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାର ସିବିଆଇ ତଦନ୍ତ କରାଯାଉଛି। ନିଟ୍ ପଛରେ ଥିବା କିଙ୍ଗପିନଙ୍କୁ ଗିରଫ କରାଯାଇଛି। ଶିକ୍ଷା ମନ୍ତ୍ରାଣାଳୟ ପକ୍ଷରୁ ଏକ ୱେବସାଇଟ୍ ପ୍ରସ୍ତୁତି କରାଯାଇଛି। ଯେଉଁଥିରେ ସନ୍ଦେହଜନକ ଅଭିଯୋଗ , ଅଣସ୍ୱୀକୃତିପ୍ରାପ୍ତ ବିଷୟ ଓ ଜାଲିଆତି କାର୍ଯ୍ୟ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରାଯାଇପାରିବ। ପ୍ରଶ୍ନପତ୍ର ଲିକ୍ ଘଟଣାକୁ ପ୍ରଧାନମନ୍ତ୍ରୀ ଘୋର ପାପ ବୋଲି କହିବା ସହ ଏହି ମାମଲାରେ ସମ୍ପୃକ୍ତ ୧୩ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଯାଇଛି ବୋଲି କହିଛନ୍ତି।

### ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ

## ସଂସଦର ଉଭୟ ଗୃହ ଅଚଳ

ନୂଆଦିଲ୍ଲୀ, ୨୧ା୭ : ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ମଧ୍ୟ ଅଚଳ ହୋଇଛି। ବିରୋଧୀ ସଦସ୍ୟଙ୍କ ପ୍ରତିବାଦ ଯୋଗୁ ସଂସଦର ଉଭୟ ଗୃହକୁ ମୁଲତବୀ କରାଯାଇଛି। ଅଧିବେଶନ ଆରମ୍ଭ ହେବାର ମାତ୍ର କିଛି ମିନିଟ୍ ପରେ ଉଭୟ ଗୃହକୁ ମୁଲତବୀ ରଖାଯାଇଥିଲା। ବିରୋଧୀ ସଦସ୍ୟମାନେ ଛାତ୍ରଙ୍କ ଉପରେ ହୋଇଥିବା ପୋଲିସର ଆକ୍ରୋଶମୂଳକ ଆକ୍ରମଣ ସମ୍ପର୍କରେ ଆଲୋଚନା ଲାଗି ଦାବି କରୁଛନ୍ତି। ଉଭୟ ଗୃହକୁ ଆଜି ପୁଣି ମୁଲତବୀ କରାଯାଇଛି ।

ପୂର୍ବାହ୍ନ ୧୧ ଟାରେ ଉଭୟ ଲୋକସଭା ଓ ରାଜ୍ୟସଭାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଭୟ ଗୃହରେ ନିଟ୍ ପେପର ଲିକ ପ୍ରସଙ୍ଗ ଉତ୍ଥାପନ ସହ ସିଜେପିର ପ୍ରତିବାଦ ସମୟରେ ପୋଲିସ ଆକ୍ରମଣକୁ ନେଇ ଆଲୋଚନ ଦାବି କରାଯାଇଥିଲା। ରାହୁଲ ଗାନ୍ଧିଙ୍କ ସମେତ କିଛି ବିରୋଧୀ ସାଂସଦ

### ଯୁବଛାତ୍ରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନର ଆଲୋଚନା ଦାବି

ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରିଥିଲେ। ତେବେ ରାହୁଲ କହିଥିଲେ ବାଚସ୍ପତି ତାଙ୍କୁ କହିଥିଲେ ଆଲୋଚନା ଲାଗି ସରକାରଙ୍କ ଠାରୁ ଅନୁମତି ନେବାକୁ ପଡିବ। ସାଂସଦମାନେ ସଂସଦ ବାହାରେ ମଧ୍ୟ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ସରକାରଙ୍କ ପକ୍ଷରୁ ଆଜି ଜାତୀୟ ସମ୍ମାନ ଅସମ୍ମାନ ନିରୋଧ (ସଂଶୋଧନ ବିଲ) ରାଜ୍ୟ ସଭାରେ ଆଗତ କରିବାର ଥିଲା। ଏହି ବିଲରେ ଜାତୀୟ ସଂଗୀତ ବନ୍ଦେ ମାତରମର ଅପମାନ ରୋକିବା ଲାଗି ଅଣାଯାଇଛି। ତେବେ ପ୍ରତିବାଦକାରୀମାନେ ବ୍ୟାନର ଓ ପୋଷ୍ଟର ଧରି ସଂସଦ ଗୃହ ମଧ୍ୟରେ ପ୍ରତିବାଦ କରିଥିଲେ। ତେବେ ଲୋକସଭାରେ ଅଧ୍ୟକ୍ଷତା କରୁଥିବା ଦିଲ୍ଲୀପ ସାଇକିଆ ପୋଷ୍ଟର ଓ ବ୍ୟାନର ଓ କଳା ପୋଷାକ ଗୃହକୁ ( ୯ ପୃଷ୍ଠାରେ)

### ରାଜ୍ୟରେ ବର୍ଷା କଳା ବେହାଲ

## ବାହୁଡ଼ାରେ ଭିଜାଇବ, ସୁନାବେଶରେ ଭସାଇବ

ଭୁବନେଶ୍ୱର, ୨୧ା୭ (ସବ୍ୟୁ):ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି । ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ପବନ ପୁଣି ଲହଡ଼ି ଭାଙ୍ଗୁଛି ବର୍ଷା ପାଣି । ଅପରାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି । ଫଳରେ ଅନେକ ସ୍ଥାନରେ କିଛି ସମୟ ପାଇଁ ଟ୍ରାଫିକ୍ ଜାମ୍ ସ୍ଥିତି ହୋଇଥିଲା। ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗିରହିଥିବା ବେଳେ ଜନଜୀବନ ପ୍ରଭାବିତ ହୋଇଛି । ମଙ୍ଗଳବାର ସନ୍ଧ୍ୟା ସାଢ଼େ ୮ଟା ସୁଦ୍ଧା ଭୁବନେଶ୍ୱରରେ ୨୨ ମିମି ବର୍ଷା ହୋଇଥିବା ବେଳେ ପୁରୀରେ ୨୦ ମିମି ବର୍ଷା ରେଟକର୍ଡ କରାଯାଇଛି ।

ରାଜସ୍ଥାନର ବିକାନିର-ଦୀଘାରୁ ଦକ୍ଷିଣ ବଙ୍ଗୋପସାଗର ୧.୫ କିମି ଓ ଏକ ଡିଗ୍ରୀ ଆକ୍ଷାଂଶ ପାଖାପାଖି



ବାୟୁମଣ୍ଡଳର ୩.୧ରୁ ୭.୬ କିମି ପର୍ଯ୍ୟନ୍ତ ତାରତମ୍ୟ ସ୍ତର ସକ୍ରୀୟ ରହିଛି । ଉଭୟ ପାଣିପାଗ କାରକ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପଭାବ ଲାଗି ରହିଛି । ଏହି ଦୁଇ ପାଣିପାଗ କାରକ ଆଗାମୀ ୪ରୁ ୫ ଦିନ ଯାଏଁ ସକ୍ରିୟ ରହିବାର ସମ୍ଭାବନା ରହିଛି । ଫଳରେ ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ଭଜାଇବ ଓ ସୁନାବେଶରେ ଭସାଇବ ବର୍ଷା । ଏଭଳି ପୂର୍ବାନୁମାନ କିରିଛନ୍ତି ପାଣିପାଗ ବିଶେଷଜ୍ଞ । ପାଣିପାଗ ବିଶେଷଜ୍ଞଙ୍କ କହିବାନୁସାରେ, ଉପଗ୍ରହରୁ ମିଳିଥିବା ପାଣିପାଗ ସଦ୍ୟତମ ଚିତ୍ର, ମଙ୍ଗଳବାର ସକ୍ରୀୟ ମୋସୁମୀ ନିମ୍ନଚାପ ରେଖା ତଥା ବାୟୁମଣ୍ଡଳର ତାରତମ୍ୟ ସ୍ତର ପ୍ରଭାବରେ ରାଜ୍ୟରେ କିଛି ଅଞ୍ଚଳରେ ଭାରିରୁ ଅତିଭାରି ବୃଷ୍ଟିପାତ (୭ ରୁ ୨୦ସେମି) ସମ୍ଭାବନା ରହିଛି । ସୋନପୁରରେ ସର୍ବାଧିକ ୫୮ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ରେ ୪୬ ମିମି, ବଲାଙ୍ଗୀରରେ ୩୫ ମିମି, ରାଉରକେଲାରେ ୩୬ ମିମି, କଟକରେ ୩୦ ମିମି, ପାରାଦୀପରେ ୧୪ ମିମି, ଗୋପାଳପୁରରେ ୧୩ ମିମି, ବଗଡ଼ରେ ୧୨.୮ ମିମି, ଦାରିଙ୍ଗବାଡ଼ିରେ ୧୭ ମିମି, ନବରଙ୍ଗପୁରରେ ୧୩ ମିମି ଓ ଖୋର୍ଦ୍ଧାରେ ୧୩ ମିମି ବର୍ଷା ରେକର୍ଡ କରାଯାଇଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର କହିବାନୁସାରେ, ( ୯ ପୃଷ୍ଠାରେ)

### ଏସ୍ଆଇଆର୍‌ରେ ୧୨ ଲକ୍ଷ ଭୋଟରଙ୍କ ଠିକଣା ତଥ୍ୟ ନାହିଁ

## ୫୮ ଲକ୍ଷଙ୍କୁ ଜାରି ହେବ ନୋଟିସ୍

ଭୁବନେଶ୍ୱର, ୨୧ା୭ (ସବ୍ୟୁ) : ୨୦୦୨ ମସିହା ଭୋଟର ତାଲିକା ସହ ୨୦୨୫ ତାଲିକାର ମ୍ୟାପିଂ କରାଯିବା ପରେ ୧୨ ଲକ୍ଷ ଭୋଟରଙ୍କର କୌଣସି ନିର୍ଦ୍ଦିଷ୍ଟ ଠିକଣା ତଥ୍ୟ ମିଳୁନାହିଁ। ତ୍ରୁଟିପୂର୍ଣ୍ଣ ତଥ୍ୟ ଥିବା ମୋଟ୍ ୫୮ ଲକ୍ଷ ୩୬ ହଜାର ୩୪୧ ଜଣ ନାଗରିକଙ୍କୁ ନୋଟିସ୍ ପଠାଇବା ପାଇଁ ନିଷ୍ପତ୍ତି ହୋଇଛି। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲର ସମୟସୀମା ରହିଛି। ଜୁଲାଇ ୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ନୋଟିସ୍ ପର୍ଯ୍ୟାୟ ଦାବି ଓ ଆପତ୍ତିର ସମାଧାନ ହେବ। ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ କହିଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୪୬ ଲକ୍ଷ ଭୋଟରଙ୍କ ( ୯ ପୃଷ୍ଠାରେ)

## ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର ଲାଗି ୱାଙ୍ଗଚୁକ୍‌ଙ୍କୁ ଅନୁମତି

ନୂଆଦିଲ୍ଲୀ, ୨୧ା୭ : ନିଟ୍ -ୟୁଜି ପେପର ଲିକ୍ ପ୍ରତିବାଦରେ ସିଜେପି ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ଆମରଣ ଅନଶନ କରିଥିବା ସାମାଜିକ ତଥା ପରିବେଶ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ୍‌ଙ୍କୁ ତୁରନ୍ତ ସଫଦର ଜଙ୍କ ହସ୍ପିଟାଲରୁ ମେଦାନ୍ତ ଗୁରୁଗ୍ରାମ ହସ୍ପିଟାଲକୁ ସ୍ଥାନ୍ତାତର କରିବାକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ, ଆମେ ତାଙ୍କର ଚିନ୍ତାକୁ ଅଣଦେଖା କରିପାରୁନାହିଁ।

ଜଷ୍ଟିସ୍ ବିକେ ଉପାଧ୍ୟାୟ ଓ ଜଷ୍ଟିସ୍ ତେଜାସ୍ କାଡିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ମେଦାନ୍ତ ହସ୍ପିଟାଲକୁ ଯିବା ୱାଙ୍ଗଚୁକଙ୍କ ମୌଳିକ ଅଧିକାର। ସେଠାରେ ଭଲ ଡାକ୍ତରଙ୍କ ଏକ ଟିମ ତାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଯାଞ୍ଚ କରନ୍ତୁ। ମେଦାନ୍ତ ହସ୍ପିଟାଲର ଚିକିତ୍ସକମାନେ ତାଙ୍କୁ ଚିକିତ୍ସା କରିବେ। ସଫଦରଜଙ୍କ ହସ୍ପିଟାଲରୁ ୱାଙ୍ଗଚୁକଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ଦିଲ୍ଲୀ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଅନୁମତି ଦେଇନଥିଲେ। ଏହାକୁ ଚ୍ୟାଲେଞ୍ଜ କରି ତାଙ୍କ ପତ୍ନୀ ଗୀତା ଆଙ୍ଗମୋ ଦିଲ୍ଲୀ ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠର ଦ୍ୱାରସ୍ଥ ହୋଇଥିଲେ। ଏହି ଦୁଇଜଣିଆ ଖଣ୍ଡପୀଠ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ( ୯ ପୃଷ୍ଠାରେ)

## ୪୫୭୩ କୋଟିର ୨୩ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର, ୨୧ା୭ (ସବ୍ୟୁ) : ରାଜ୍ୟରେ ୨୩ଟି ପ୍ରମୁଖ ଶିଳ୍ପ ପ୍ରକଳ୍ପର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକରେ ୪୫୭୩.୮୭ କୋଟି ଟଙ୍କା ପୁଞ୍ଜି ନିବେଶ ହେବ ଓ ୨୨୮୩୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ କର୍ତ୍ତୃପକ୍ଷ (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ମିଳିଛି। ବିଶେଷକରି ଆଇଟି ଏବଂ ଆଇଟିଇଏସ୍, ସବୁଜ ଶକ୍ତି, ଇକ୍ୟୁପ୍‌ମେଣ୍ଟସ୍, ବ୍ୟାଟେରୀ ଓ ଶକ୍ତି ସଂରକ୍ଷଣ, କେମିକାଲ, ଟେକ୍ସଟାଇଲ୍, ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଆନୁଷଙ୍ଗିକ, ଔଷଧ, ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ହେବ। ଅନୁଗୁଳ, ବଲାଙ୍ଗିର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୂଆପଡା, ପୁରୀ ଓ ସୁନ୍ଦରଗଡରେ ଏହି ଶିଳ୍ପ ପ୍ରତିଷ୍ଠା କରାଯିବ। ( ୯ ପୃଷ୍ଠାରେ)

### ଯୁବ-ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

ନୂଆଦିଲ୍ଲୀ, ୨୧ା୭ : ସିଜେପି ଆନ୍ଦୋଳନ ସମୟରେ ଛାତ୍ର ଓ ଯୁବକଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନ ଓ ଲାଠି ଚାର୍ଜ ପ୍ରତିବାଦରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ସମାଜବାଦୀପାର୍ଟି ଓ ଅନ୍ୟ ସହଯୋଗୀମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେଇଛନ୍ତି। କଂଗ୍ରେସ ପକ୍ଷରୁ ୫ ଦଫା ଦାବି ଉପସ୍ଥାପନ କରାଯାଇଛି। ତେବେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଓ ଅଖିଳେଶ ଯାଦବଙ୍କୁ ଧାରଣା ସ୍ଥଳରୁ ପୋଲିସ ଉଠାଇନେଇ ଅଟକ ରଖିଛି।

କଂଗ୍ରେସ ଧାରଣା ଦେଉଥିବା ସମୟରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ ବିରୋଧୀଦଳ ନେତା ରାହୁଲ ଗାନ୍ଧି ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା



### ▸▸ ରାହୁଲ, ଅଖିଳେଶଙ୍କୁ ଉଠାଇନେଲା ପୋଲିସ
### ▸▸ ଛାତ୍ରଶାଲ ଷ୍ଟାଡିୟମ୍‌ରେ ଉଭୟଙ୍କୁ ଅଟକ

ପାଇଁ ଆସିଥିଲେ। ଜିତେନ୍ଦ୍ର ସିଂ କହିଛନ୍ତି ଯେ, ରାହୁଲ ଗାନ୍ଧିଙ୍କୁ ସେ ଏଠାରେ ଧାରଣା ନଦେବାକୁ ଅନୁରୋଧ କରିଥିଲେ। କାରଣ ଏହା ଧାରଣା ସ୍ଥଳ ନହୋଇଥିବାରୁ ସାଧାରଣ ଲୋକଙ୍କୁ ଅସୁବିଧା ସୃଷ୍ଟି କରିବ। ମାତ୍ର ରାହୁଲ ତାଙ୍କୁ କହିଥିଲେ ଯେ, କଂଗ୍ରେସ ତୁରନ୍ତ ଏହି ଧାରଣା ପ୍ରତ୍ୟାହର କରିନେବ ଯଦି ସରକାର ସଂସଦରେ ଆଲୋଚନା ପାଇଁ ଏହି ପ୍ରସଙ୍ଗରେ ରାଜି ହେବେ। ତେବେ ରାହୁଲ ଗାନ୍ଧିଙ୍କୁ ପରେ ମୁଁ ବାର୍ତ୍ତା ଦେଇଥିଲେ ଯେ, ସରକାର ସେମାନଙ୍କ ଦାବିକୁଗ୍ରହଣ କରିଛନ୍ତି। ନିଟ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ରାଜି ଅଛନ୍ତି। ତେବେ ରାହୁଲ ଗାନ୍ଧି ତୁରନ୍ତ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ରାହୁଲ ଗାନ୍ଧିଙ୍କ ଆଚରଣଙ୍କୁ ଶ୍ରୀ ସିଂ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଜିତେନ୍ଦ୍ର ସିଂଙ୍କର ବିବୃତ୍ତି ପରେ ଦିଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଓ ପ୍ରଧାନମନ୍ତ୍ରୀଙ୍କ ବାସଭବନ ( ୯ ପୃଷ୍ଠାରେ)

### ରାଜ୍ୟରେ ପଞ୍ଚାୟତ, ପୌର ନିର୍ବାଚନ ପ୍ରସ୍ତୁତି

## ଅକ୍ଟୋବରରୁ ଘରକୁ ଘର ସର୍ଭେ

ଭୁବନେଶ୍ୱର, ୨୧ା୭ (ସବ୍ୟୁ): ୨୦୨୭ରେ ରାଜ୍ୟରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ସଂସ୍ଥା ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି । ଘରକୁ ଘର ସର୍ଭେ ମାଧ୍ୟମରେ ପ୍ରକୃତ ସ୍ଥିତି ଅନୁଯାୟୀ ବୁଥ୍ ଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତ କରାଯିବ । ଏହା ସହିତ ପ୍ରତ୍ୟେକ ଘରକୁ କ୍ରମିକ ଘର ନମ୍ବର ପ୍ରଦାନ, ଗୋଟିଏ ପରିବାରର ସମସ୍ତ ଯୋଗ୍ୟ ଭୋଟରଙ୍କୁ କ୍ରମାନୁସାରେ ତାଲିକାଭୁକ୍ତ କରିବା, ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଆଇନଗତ ପ୍ରକ୍ରିୟାରେ ସାମିଲ କରଯିବାକୁ ଆଲୋଚନା ହୋଇଥିଲା ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସର୍ଭେ

- ❒ ଜିଲ୍ଲାପାଳଙ୍କ ସହ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା
- ❒ ଜାନୁଆରୀ ୧ରେ ଖସଡ଼ା ଭୋଟର ତାଲିକା ପ୍ରକାଶ
- ❒ ଫେବୃଆରୀ ୧୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ପ୍ରକ୍ରିୟା, ବୁଥ୍ ଓ ୱାର୍ଡ ସୀମା ନିର୍ଦ୍ଧାରଣ, ଦାବି ଓ ଆପତ୍ତି ଫର୍ମ ସଂଗ୍ରହ, ସର୍ଭେ ତଥ୍ୟର ଡିଜିଟାଇଜେସନ୍ ଏବଂ ସମୟସୀମା ଅନୁଯାୟୀ କାର୍ଯ୍ୟକ୍ରମ ସମ୍ପାଦନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଆସନ୍ତା ୨୦୨୭ ଜାନୁଆରୀ ୧ରେ ଖସଡ଼ା ଭୋଟର ତାଲିକା ପ୍ରକାଶ ଏବଂ ଫେବୃଆରୀ ୧୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଲକ୍ଷ୍ୟ ରଖାଯାଇଛି ।

ସର୍ଭେ ପାଇଁ ପ୍ରତ୍ୟେକ ଦଳରେ ସମ୍ପୃକ୍ତ ବୁଥ୍ ଲେଭେଲ୍ ଅଫିସରଙ୍କୁ ଟିମ୍ ଲିଡର ଭାବେ ନିଯୁକ୍ତ କରାଯିବ । ତାଙ୍କୁ ଦୁଇଜଣ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିବେ । ଆବଶ୍ୟକ ସ୍ଥଳେ ଆଶା କର୍ମୀ, ଜଳ ସାଥୀ କିମ୍ବା ସ୍ୱଚ୍ଛ ସାଥୀଙ୍କୁ ମଧ୍ୟ ଦଳରେ ସାମିଲ କରାଯିବ । ବ୍ଲକ ଓ ସହରାଞ୍ଚଳ ସ୍ତରରେ ( ୯ ପୃଷ୍ଠାରେ)

# ସୋସିଆଲ କୋଟ୍ସ



ଆମ ଛାତ୍ରଙ୍କୁ ମାଡ ମାରୁଥିବା ବାଡି ନୁହେଁ ଆଲିଙ୍ଗନ କରୁଥିବା ହାତ ଦରକାର ।

**ସୋନ ସୁଦ, ଅଭିନେତା**



ୟୁନିଫର୍ମ ପିନ୍ଧିବା ପାଇଁ ହେଲେ ଆତ୍ମା, ଆତ୍ମୀୟତା ସବୁର ବାଜି ଲଗାଇବାକୁ ପଡିଥାଏ । ଏହା ମୋତେ ଏବେ ଜଣା ପଡିଲା । ଦେଶରେ କଣ ଏମିତି ପୋଲିସ ବାଲା ଅଛନ୍ତି ଯିଏ ଭୁଲ ନିର୍ଦ୍ଦେଶ ମାନିବେ ନାହିଁ ।

**ଅନୁରାଗ କଶ୍ୟପ, ଫିଲ୍ମ ମେକର**



ଆଜି ଜନ୍ତରମନ୍ତରରେ ଯାହା ହେଲା ତାହା ମୋର ସବୁଦିନ ପାଇଁ ମନେ ରହିବ । ଶାନ୍ତିପୂର୍ଣ୍ଣ ଭାବେ ହେଉଥିବା ପ୍ରଦର୍ଶନ ଉପରେ ଏଭଳି ଆକ୍ରମଣକୁ ଦୃଢ ଭାବେ ନିନ୍ଦା କରୁଛି ।

**ହ୍ୟୁମା କୁରେସି, ଅଭିନେତ୍ରୀ**

## ନବରଙ୍ଗପୁର

ନବରଙ୍ଗପୁରର ଜଗନ୍ନାଥ ମନ୍ଦିର ଖୁବ୍ ପୁରୁଣା । ଏହାର ଇତିହାସ ମଧ୍ୟ ଖୁବ ପୁରୁଣା । ଏହା ବିକ୍ରମ ଦେବ ପ୍ରଥମଙ୍କ ଶାସନ ସମୟରେ ୧୭୫୮ରୁ ୧୭୮୧ ମଧ୍ୟରେ ନିର୍ମି ତ ହୋଇଥିଲା । ୮୦ ଦଶକର ଶେଷ ପର୍ଯ୍ୟନ୍ତ ଗର୍ଭଗୃହରେ ପ୍ରଭୁ ଜଗନ୍ନାଥଙ୍କ ଏକମାତ୍ର ମୂର୍ତ୍ତି ପୂଜା ପାଉଥିଲେ। କିମ୍ବଦନ୍ତୀ ଅନୁସାରେ ଭଗବାନ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ କାଠ ମୂର୍ତ୍ତି ଗୁଡ଼ିକୁ ବସ୍ତରର ଜଣେ ଶାସକ ନେଇ ଜଗଦଲପୁରର ଏକ ମନ୍ଦିରରେ ରଖିଥିଲେ । ସେ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ବି ନେଇଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ମୂର୍ତ୍ତି ଟି ଚମତ୍କାର ଭାବରେ ହାତୀ ପଛରୁ ଖସିଗଲା ଏବଂ ପରଦିନ ସ୍ଥାନୀୟ ଲୋକମାନେ ମୂର୍ତ୍ତି ଟିକୁ ଉଦ୍ଧାର କରିଥିଲେ । ୧୭୭୦ ପରଠାରୁ ୧୯୫୮ ଯାଏ ୨୧୬ ବର୍ଷ କାଳ ଗୋଟିକିଆ ପତିତପାବନ ମୂର୍ତ୍ତି ନବରଙ୍ଗପୁର ରାଜଧାନୀରେ ଘୋଷଯାତ୍ରା କରି ଆସୁଥିଲେ ବୋଲି ସୂଚନା ରହିଛି । ପରେ ପୁରୀ ଗଜପତି ରାଜା ଦିବ୍ୟସିଂହ ଦେବ ଅନୁଧ୍ୟାନ କରି ପୁଣି ନୂତନ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଦାରୁ ବିଗ୍ରହ ଶ୍ରୀକ୍ଷେତ୍ରରେ ନିର୍ମାଣ କରାଇ ଆଣି ନବରଙ୍ଗପୁର ମନ୍ଦିରରେ ସାନି ସ୍ଥାପନ କରିଥିବା ସୂଚନା ରହିଛି । ସୁତରାଂ ୧୯୮୭ରୁ ଆଜିଯାଏ ତିନି ବିଗ୍ରହଙ୍କ ଘୋଷ ଯାତ୍ରା ଚାଲିଛି । ଏଠିକାର ଘୋଷଯାତ୍ରାରେ ଆଖପାଖର ଅନେକ ସ୍ଥାନୀୟ ବାସିନ୍ଦା ଭାଗନେଇ ଥାଆନ୍ତି ।



## ଦିଆସିଲି ଖୋଳର ସଂଗ୍ରାହକ



ରାଜସ୍ଥାନର ବିକାନେରରେ ରହୁଥିବା ୧୫ ବର୍ଷୀୟା ସ୍ୱରୂପା ସୋନୀ ୩୫ ହଜାରରୁ ଅଧିକ ଦିଆସିଲି ଖୋଳର ଏକ ଅନନ୍ୟ ସଂଗ୍ରହ କରି ଚର୍ଚ୍ଚାକୁ ଆସିଛନ୍ତି । ମାତ୍ର ୧୦ ବର୍ଷ ବୟସରୁ ଦିଆସିଲି ଖୋଳ ସଂଗ୍ରହ କରିବା ଆରମ୍ଭ କରିଥିବା ସ୍ୱରୂପା ଗତ ୫ ବର୍ଷ ମଧ୍ୟରେ କେବଳ ଭାରତର ପ୍ରାୟ ସମସ୍ତ ରାଜ୍ୟର ବିଭିନ୍ନ ଡିଜାଇନର ଖୋଳ ନୁହେଁ, ବରଂ ଇଂଲଣ୍ଡ, ଜାପାନ, ଆମେରିକା, ଇସ୍ରାଏଲ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ଦକ୍ଷିଣ କୋରିଆ ଭଳି ବିଶ୍ୱର ଅନେକ ଦେଶର ଦୁର୍ଲଭ ଦିଆସିଲି ଖୋଳ ମଧ୍ୟ ଏକାଠି କରିଛନ୍ତି । ଯେଉଁଥିରୁ ଅନେକ ବଜାରରେ ଏବେ ଆଉ ମିଳୁନାହିଁ । ପୁରୁଣା ନୋଟ୍, କଏନ ଏବଂ ଡାକ ଟିକେଟ୍ ସଂଗ୍ରହ କରୁଥିବା ନିଜ ବାପାଙ୍କୁ ଦେଖି ସେ ଅନୁପ୍ରାଣିତ ହୋଇଥିଲେ । ସ୍ୱରୂପା ଏବେ ନିଜ ନାମ ୱାର୍ଲ୍ଡ ରେକର୍ଡରେ ସାମିଲ କରିବା ସହ ବିକାନେରରେ ଦିଆସିଲି ଖୋଳର ଏକ ସ୍ଥାୟୀ ମ୍ୟୁଜିୟମ ତିଆରି କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଦିବ୍ୟ ବ୍ୟଞ୍ଜନ



### ମିଠା କାନିକା

**ସାମଗ୍ରୀ-** ଅରୁଆ ଚାଉଳ କିମ୍ବା ବାସୁମତୀ ଚାଉଳ: ୧ କପ୍ ,ପାଣି: ୨ କପ, ଗୁଡ଼: ୧ କପ, ଅଳେଇଚ : ୨ଟି, ଜାଇଫଳ, ଡାଲଚିନି , ଲବଙ୍ଗ : ୭-୮ ଟି, ଦେଶୀ ଘିଅ : ୪-୫, ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳକୁ ସଫା ପାଣିରେ ଭଲ ଭାବରେ ଧୋଇ ୧୫-୨୦ ମିନିଟ୍ ପାଇଁ ଭିଜାଇ ରଖନ୍ତୁ ଏବଂ ପରେ ପାଣି ସମ୍ପୂର୍ଣ୍ଣ ନିଗାଡ଼ି ଦିଅନ୍ତୁ । ଏବେ ଘିଅ ଗରମ କରନ୍ତୁ, ସେଥିରେ କାଜୁ ଏବଂ କିସମିସକୁ ହାଲୁକା ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ଅଲଗା ବାହାର କରି ରଖିଦିଅନ୍ତୁ । ବଳକା ଘିଅରେ ସମସ୍ତ ଗୋଟା ମସଲା (ତେଜପତ୍ର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଡାଲଚିନି, ଏବଂ ଗୋଲମରିଚ) ପକାଇ କିଛି ସେକେଣ୍ଡ ପାଇଁ ଫୁଟାନ୍ତୁ । ଯେପରି ସେଥିରୁ ସୁଗନ୍ଧ ଆସିବ । ଏହାପରେ ସେଥିରେ ଚାଉଳକୁ ମସଲା ମଧ୍ୟରେ ପକାଇ ଧୀମା ଆଞ୍ଚରେ ୨-୩ ମିନିଟ୍ ପାଇଁ ହାଲୁକା ଭାବେ ଭାଜନ୍ତୁ । ଏବେ ସେଥିରେ ୨ କପ୍ ଗରମ ପାଣି ଏବଂ ଆବଶ୍ୟକ ମୁତାବକ ସାମାନ୍ୟ ଲୁଣ ମିଶାଇ ଫୁଟିବାକୁ ଦିଅନ୍ତୁ । ପାତ୍ରଟିକୁ ଭଲ ଭାବେ ଘୋଡ଼ାଇ ଅତି ଧୀମା ଆଞ୍ଚରେ ୧୨-୧୫ ମିନିଟ୍ ପର୍ଯ୍ୟନ୍ତ ସିଝାନ୍ତୁ, ଯେପର୍ଯ୍ୟନ୍ତ ଚାଉଳ ୯୦% ପର୍ଯ୍ୟନ୍ତ ସିଝି ନଯାଇଛି । ବର୍ତ୍ତମାନ ସେଥିରେ ଗୁଡ଼ ମିଶାଇ ହାଲୁକା ଭାବେ ଗୋଳାଇ ଦିଅନ୍ତୁ । ପୁଣି ଥରେ ଘୋଡ଼େଇ ଧୀମା ଆଞ୍ଚରେ ୫ ମିନିଟ୍ ପାଇଁ ରନ୍ଧାନ୍ତୁ, ଯେପରି ଚାଉଳ ମିଠାକୁ ଭଲ ଭାବେ ପିଇନେବ । ଶେଷରେ ଆଞ୍ଚ ବନ୍ଦ କରି ଦିଅନ୍ତୁ । ଏବେ ପୂର୍ବରୁ ଭାଜି ରଖିଥିବା କାଜୁ, କିସମିସ୍ ଏବଂ ଏକ ଚାମଚ ଘିଅ ପକାଇ ହାଲୁକା ଗୋଳାଇ ଦିଅନ୍ତୁ ।





**ହାଃହାଃ**

ଶିକ୍ଷକ: ପପୁ, "ମୁଁ ଆମ୍ବ ଖାଉଛି" ଏହାର ଇଂଲିଶ୍ କ'ଣ ହେବ କହ ।

ପପୁ: ସାର , ଆଇ ଆମ ଇଟିଂ ମ୍ୟାଙ୍ଗୋ ।

ଶିକ୍ଷକ: ବହୁତ ବଢ଼ିଆ ! ଏବେ କହ "ମୁଁ ଆମ୍ବ ଖାଇସାରିଛି" ର ଇଂଲିଶ୍ କ'ଣ ହେବ ?

ପପୁ: (ଟିକେ ଭାବି କହିଲା) ସାର, ମ୍ୟାଙ୍ଗୋ ଇଜ ଫିନିସ ଆଣ୍ଡ ଦି ପ୍ଲେଟ ଇଜ କ୍ଲିନ ।

## ମଣିଷକୁ ଥଣ୍ଡା କରିବ ଫ୍ରିଜ



ଜାପାନରେ ମଣିଷଙ୍କୁ ଥଣ୍ଡା କରିବା ପାଇଁ ଏକ ସ୍ୱତନ୍ତ୍ର କୁଲିଂ ବୁଥ୍ ତିଆରି କରାଯାଇଛି, ଯାହା 'ମଣିଷ ବସିବା ଫ୍ରିଜ୍' ଭାବେ ପରିଚିତ । 'ଡୋ ରେଇମୋନ୍ ବକ୍ସ' ନାମକ ଏହି କୁଲିଂ ବୁଥକୁ ଏକ ଜାପାନିଜ କମ୍ପାନୀ ପ୍ରସ୍ତୁତ କରିଥିବା ବେଳେ ଏହା ଫ୍ରୋଜନ୍ ଫୁଡ୍ ଭେଣ୍ଡିଂ ମେସିନର ରେଫ୍ରିଜରେସନ୍ ସିଷ୍ଟମ୍ ଟେକ୍ନୋଲୋଜି ଉପରେ ଆଧାରିତ । ଏହି ବୁଥର ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ରଖାଯାଉଥିବା ବେଳେ ଏଥିରୁ ୫ଡିଗ୍ରୀ ସେଲସିଅସର ଥଣ୍ଡା ପବନ ସିଧାସଳଖ ଶରୀରର ମୁଣ୍ଡ, ବେକ ଏବଂ ପିଠି ଉପରେ ପଡ଼ିଥାଏ, ଯାହା ମାତ୍ର ୫ ରୁ ୧୦ ମିନିଟ୍ ମଧ୍ୟରେ ଶରୀରର ତାପମାତ୍ରା କମ୍ କରିଦିଏ । ସୁରକ୍ଷା ଦୃଷ୍ଟିରୁ ଏଥିରେ ଜଣେ ବ୍ୟକ୍ତି ଥରକରେ ସର୍ବାଧିକ ୨୦ ମିନିଟ୍ ପର୍ଯ୍ୟନ୍ତ ରହିପାରିବେ । ନିର୍ମାଣ ସ୍ଥଳ, ଫ୍ୟାକ୍ଟ୍ରି, ଗୋଦାମ ଏବଂ ରାସ୍ତାରେ କାମ କରୁଥିବା କର୍ମଚାରୀମାନଙ୍କୁ ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତ ବିପଦରୁ ରକ୍ଷା କରିବା ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି ।



## ଡେଟିଂକୁ ନେଇ ଚର୍ଚ୍ଚାରେ

ବଲିଉଡ୍ ଅଭିନେତା ଅର୍ଜୁନ କପୁର ଏବଂ ଅଭିନେତ୍ରୀ ସାହିବା ବାଲିଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଯାହାପରେ ଉଭୟଙ୍କର ଡେଟିଂକୁ ନେଇ ଚର୍ଚ୍ଚା ଜୋର ଧରିଛି । ଉଭୟ ଲଣ୍ଡନର ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ତୃତୀୟ ଦିନିକିଆ ମ୍ୟାଚ୍ ଦେଖୁଥିବାର ନଜର ଆସିଥିଲେ । ତେବେ ଏହି ଆଲୋଚନା ଉପରେ ଏବେ ସାହିବା ବାଲି ନିଜ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି । ଲର୍ଡସ୍ ଷ୍ଟାଡିୟମରୁ ଅର୍ଜୁନଙ୍କ ସହ ଏକ ଫଟୋ ସେୟାର କରି ସେ ସବୁ କଥାକୁ ବିଶ୍ୱାସ କରନ୍ତୁ ନାହିଁ ଲେଖି ଏହି ପ୍ରେମ ସମ୍ପର୍କର ଗୁଜବକୁ ଖଣ୍ଡନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଜଣେ ୟୁଜର ସାହିବାଙ୍କୁ ଭୁଲରେ ବିରାଟ କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମା ଭାବି ନେଇଥିବାରୁ ସେ ସେହି ସ୍କ୍ରିନଶଟ୍ ସେୟାର କରି ସବୁ କଥାକୁ ବିଶ୍ୱାସ କରନ୍ତୁ ନାହିଁ ବୋଲି ଲେଖିଥିଲେ । ୨୦୧୮ ରେ ଇମ୍ତିଆଜ ଅଲ୍ଲୀଙ୍କ ଫିଲ୍ମ 'ଲୈଲା ମଜନୁ'ରୁ ବଲିଉଡରେ ଡେବ୍ୟୁ କରିଥିବା ସାହିବା 'ବାର୍ଡ ଅଫ୍ ବ୍ଲଡ୍', 'ଅମର ସିଂହ ଚମକିଲା' ଏବଂ 'ତନାବ' ଭଳି ଚର୍ଚ୍ଚିତ ପ୍ରୋଜେକ୍ଟରେ କାମ କରିବା ସହ ଜଣେ ଜଣାଶୁଣା କଣ୍ଟେଣ୍ଟ କ୍ରିଏଟର ଓ ପୋଡକାଷ୍ଟର ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ଅନ୍ୟପଟେ, ଦୀର୍ଘ ୬ ବର୍ଷର ସମ୍ପର୍କ ପରେ ୨୦୨୪ରେ ମଲାଇକାଙ୍କଠାରୁ ଅଲଗା ହୋଇଥିବା ଅର୍ଜୁନ କପୁର ଶେଷ ଥର ପାଇଁ ୨୦୨୫ରେ ମୁଦସର ଅଜିଜଙ୍କ ରୋମାଣ୍ଟିକ କମେଡି ଫିଲ୍ମ 'ମେରେ ହସବ୍ୟାଣ୍ଡ କି ବିବି'ରେ ଭୂମି ପେଡନେକର ଏବଂ ରକୁଲ ପ୍ରୀତ ସିଂହଙ୍କ ସହ ନଜର ଆସିଥିଲେ ।

ପେରୁର ଆମାଜନ ଜଙ୍ଗଲରେ ପ୍ରକୃତିର ଏକ ଆଶ୍ଚର୍ଯ୍ୟଜନକ ରୂପ ଦେଖିବାକୁ ମିଳିଛି, ଯେଉଁଠାରେ ବିଶ୍ୱର ଏକମାତ୍ର ଫୁଟୁଥିବା ଗରମ ପାଣିର ନଦୀ ପ୍ରବାହିତ ହେଉଛି । ଏହା ପ୍ରାୟ ୪ କିଲୋମିଟର ଲମ୍ବ, କେତେକ ସ୍ଥାନରେ ୧୬ ଫୁଟ ପର୍ଯ୍ୟନ୍ତ ଗଭୀରତା ଏବଂ ଦୁଇ ଲେନ୍ ବିଶିଷ୍ଟ ସଡ଼କ ଭଳି ଚଉଡ଼ା ଏହି ନଦୀର ପାଣି ହାରାହାରି ୮୬ଡିଗ୍ରୀ ସେଲସିଅସ ପର୍ଯ୍ୟନ୍ତ ଗରମ ରହିଥାଏ । ଯେଉଁଥିରେ କୌଣସି ଛୋଟ ଜୀବ ପଡ଼ିଗଲେ ମାତ୍ର କିଛି ସେକେଣ୍ଡ ମଧ୍ୟରେ ସିଝିଯାଏ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ନଦୀର ଆଖପାଖରେ କୌଣସି ସକ୍ରିୟ ଆଗ୍ନେୟଗିରି ନାହିଁ । ବୈଜ୍ଞାନିକମାନଙ୍କ ମତରେ ନଦୀର ପାଣି ଭୂମିର ଗଭୀର ଫାଟ ଦେଇ କେତେକ କିଲୋମିଟର ତଳକୁ ଚାଲିଯାଏ ଏବଂ ସେଠାରେ ପୃଥିବୀର ଆଭ୍ୟନ୍ତରୀଣ ଉତ୍ତାପରେ ଗରମ ହୋଇ ପୁଣି ଉପରକୁ ଫେରିଆସେ, ଯେଉଁଥିପାଇଁ ଏହା ସଦାସର୍ବଦା ଫୁଟୁଥାଏ । ଆମାଜନର ସ୍ଥାନୀୟ ଆଦିବାସୀମାନେ ଶତାବ୍ଦୀ ଶତାବ୍ଦୀ ଧରି ଏହି ନଦୀକୁ ଅତ୍ୟନ୍ତ ପବିତ୍ର ମାନୁଥିବା ବେଳେ ବର୍ତ୍ତମାନ ଜଙ୍ଗଲ କଟାଯିବା ଯୋଗୁଁ ଏହି ଅଞ୍ଚଳ ପ୍ରତି ବିପଦ ସୃଷ୍ଟି ହୋଇଛି, ଯାହାକୁ ନେଇ ଏବେ ଏହାକୁ ସଂରକ୍ଷିତ କରିବା ପାଇଁ ପ୍ରୟାସ କରାଯାଉଛି ।



## ଇତିହାସ

୧୯୧୮- ଭାରତର ପ୍ରଥମ କୁଶଳୀ ପାଇଲଟ୍ ଇନ୍ଦ୍ରଲାଲ ରାୟ ପ୍ରଥମ ବିଶ୍ୱଯୁଦ୍ଧରେ ସହୀଦ ।
୧୯୩୩- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଯତୀନ୍ଦ୍ର ମୋହନ ସେନଗୁପ୍ତାଙ୍କ ପରଲୋକ ।
୧୯୪୭- ସମ୍ବିଧାନରେ ଭାରତୀୟ ରାଷ୍ଟ୍ରୀୟ ଧ୍ୱଜ ସ୍ୱୀକୃତ ।
୧୯୫୯- ପ୍ରସିଦ୍ଧ ରାଜନୈତିକ ଏବଂ ବର୍ତ୍ତମାନର କ୍ୟାବିନେଟ୍ ମନ୍ତ୍ରୀ ଅନନ୍ତ କୁମାରଙ୍କ ଜନ୍ମ ।
୧୯୬୮- ପ୍ରସିଦ୍ଧ ଭାରତୀୟ ମହିଳା ଚିକିତ୍ସକ, ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ମୃତ୍ୟୁଲକ୍ଷ୍ମୀ ରେଡ୍ଡୀଙ୍କ ପରଲୋକ ।
୧୯୭୦- ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍‌ଙ୍କ ଜନ୍ମ ।
୧୯୮୧- ଭାରତର ପ୍ରଥମ ଉପଗ୍ରହ ଆପଲ୍ କାର୍ଯ୍ୟ କରିବା ଆରମ୍ଭ କଲା ।
୧୯୯୯- ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ଦ୍ୱାରା ସମାନ କାର୍ଯ୍ୟ ପାଇଁ ସମାନ ପାରିଶ୍ରମିକ ଯୋଜନା କାର୍ଯ୍ୟକାରୀ ହେଲା ।
୨୦୦୯- ୨୧ତମ ଦଶକର ସର୍ବବୃହତ୍ ସୂର୍ଯ୍ୟଗ୍ରହଣ ।
୨୦୧୨- ପ୍ରଣବ ମୁଖାର୍ଜୀ ତ୍ରୟୋଦଶ ରାଷ୍ଟ୍ରପତି ହେଲେ ।
୨୦୧୨- ଚୀନ୍‌ର ବେଜିଂରେ ମାତ୍ରାଧିକ ବର୍ଷା କାରଣରୁ ୭୭ ଲୋକଙ୍କ ମୃତ୍ୟୁ ।



**ମେଷ:** ମାନସିକ ଖୁସି, ବ୍ୟବସାୟରେ ସ୍ୱଳ୍ପଲାଭ, ଦୂରଯାତ୍ରାରେ ସତର୍କ, ଶତ୍ରୁସମସ୍ୟାରୁ ମୁକ୍ତି, ପାରିବାରିକ ଖୁସି, ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବନ୍ଧୁବିଦ୍ରୋହ, ଅନୁଷ୍ଠାନରୁ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଦ୍ରବ୍ୟଲାଭ, ବାଣିଜ୍ୟରେ ଲାଭ, ଶୁଭଖବର, ଦାମ୍ପତ୍ୟସୁଖ, ଶତ୍ରୁ ପରାଜିତ, ଭ୍ରମଣସୁଖ, ଶରୀର ସୁସ୍ଥ, ବିଦ୍ୱାନ ମିଳନ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଶୁଭକାର୍ଯ୍ୟରେ ଧନବ୍ୟୟ, ପାରିବାରିକ ଖୁସି, ବିବାଦ ସମାଧାନ, ଶୁଭଖବର, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ଦୂରଯାତ୍ରା, ଶତ୍ରୁରେ ବିଜୟ, ବ୍ୟବସାୟରେ ଲାଭ, ଦାମ୍ପତ୍ୟଖୁସି,, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଲୋକସମ୍ପର୍କବୃଦ୍ଧି, ପୂଜାରେ ଆନନ୍ଦ, ସମ୍ମାନିତ, ବନ୍ଧୁଲାଭ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା ।

**ସିଂହ:** ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଶୁଭଖବର, ପାରିବାରିକ ଚିନ୍ତା, ହେବାକାର୍ଯ୍ୟ ବିଳମ୍ବ, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଶରୀର ସୁସ୍ଥ, ନୂତନ ବ୍ୟବସାୟ, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ଶାନ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ମାନସିକ ଶାନ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ନୂତନ ବାଣିଜ୍ୟରେ ଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ଶୁଭଖବର, ସନ୍ତାନଲାଭ, ଦାମ୍ପତ୍ୟଖୁସି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ତୁଳା:** ଶତ୍ରୁରେ ବିଜୟ, ନୂତନଲାଭ, ଶୁଭଖବର, ବ୍ୟବସାୟରେ ଉନ୍ନତି, ଶତ୍ରୁସମସ୍ୟା, ଶୁଭକାର୍ଯ୍ୟରେ ବିଳମ୍ବ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସମ୍ମାନବୃଦ୍ଧି, ଭୂସମ୍ପତ୍ତିଲାଭ, ଶୁଭଖବର, ନୂତନ ବ୍ୟବସାୟ, ବନ୍ଧୁଲାଭ, ଦ୍ରବ୍ୟଲାଭ, ଦାମ୍ପତ୍ୟଖୁସି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଗୃହେ ଉତ୍ସବ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶୁଭକାର୍ଯ୍ୟରେ ଧନବ୍ୟୟ, ବନ୍ଧୁଲାଭ, ସନ୍ତାନସୁଖ, ଲୋକସମ୍ପର୍କରେ ଉନ୍ନତି, ସୁମିଷ୍ଟ ଭୋଜନ, ବନ୍ଧୁଗୃହକୁ ଯାତ୍ରା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ନୃସିଂହ ।

**ମକର:** ହସଖୁସି, ମାନସିକ ଶାନ୍ତି, ଅର୍ଥସମସ୍ୟା, ଦୂରଯାତ୍ରା ସଫଳ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ସମ୍ମାନପ୍ରାପ୍ତି, ସମ୍ପତ୍ତିଲାଭ, ଦାମ୍ପତ୍ୟଖୁସି, ବନ୍ଧୁଦର୍ଶନ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କୁମ୍ଭ:** ମାନସିକ ଶାନ୍ତି, ବ୍ୟବସାୟରେ ଲାଭ, ଶୁଭଖବର, ବନ୍ଧୁଗୃହକୁ ଯାତ୍ରା, ସମ୍ପତ୍ତିଲାଭ, ବ୍ୟକ୍ତିସାହାଯ୍ୟ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, ସନ୍ତାନଲାଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ସରସ୍ୱତୀ ।

**ମୀନ:** କର୍ମକ୍ଷେତ୍ରେ ଅଶାନ୍ତି, ହେବାକାର୍ଯ୍ୟ ବିଳମ୍ବ, ଦୂରଯାତ୍ରା, ବନ୍ଧୁସାହାଯ୍ୟ, ଅତିଥି ସତ୍କାର, ନୂତନ ବ୍ୟବସାୟ, ଦାମ୍ପତ୍ୟକଳହ, ହଠାତ୍ ଧନଲାଭ, ସନ୍ତାନସୁଖ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗୌରୀ ।

**ଆଷାଢ଼ ଶୁକ୍ଳପକ୍ଷ ନବମୀ**
**୨୨.୭.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ରାଜଭବନ ସମ୍ମୁଖରେ କଂଗ୍ରେସର ପ୍ରତିବାଦ

# ଛାତ୍ରଙ୍କ ଉପରେ ଲାଠି ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତି ଅପମାନ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଅଖିଳ କଂଗ୍ରେସ କମିଟିର ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବିରୋଧୀ ଦଳ ନେତା ତଥା କଂଗ୍ରେସର ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଦଳର ସାଂସଦ ଓ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀଙ୍କ ସହିତ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ଛାତ୍ରଙ୍କ ଉପରେ ବର୍ବର ତାନାସାହି ଆକ୍ରମଣ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ପ୍ରତିବାଦ କରିଥିଲେ । ସେଇ ପରିପେକ୍ଷୀରେ ଦେଶର ସମସ୍ତ ରାଜ୍ୟର ରାଜଭବନ ସମ୍ମୁଖରେ ପିସିସି ସଭାପତିଙ୍କ ନେତୃତ୍ୱରେ ସରକାରଙ୍କ ଛାତ୍ର ମାରଣ ନୀତି ବିରୋଧରେ ପ୍ରତିବାଦ କରାଯାଇଛି । ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ସରକାରଙ୍କ ବିରୋଧରେ ପ୍ରତିବାଦ କରାଯାଇ ଶିକ୍ଷାମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା, ଛାତ୍ରଙ୍କ ପରୀକ୍ଷାକୁ ନେଇ ସଂସଦରେ ସମ୍ପୂର୍ଣ୍ଣ ଏକ ଆଲୋଚନା ଓ ଛାତ୍ରଙ୍କ ବିରୋଧରେ ଦାୟର କରାଯାଇଥିବା ଏତଲାକୁ ରଦ୍ଦ କରିବା ପାଇଁ ତିନିଗୋଟି ଦାବି କରାଯାଇଥିଲା ।




ଏଇ ପ୍ରତିବାଦ ସଭାରେ ପିସିସି ସଭାପତି ଗଣମାଧ୍ୟମକୁ କହିଥିଲେ ଯେ, ଛାତ୍ରଙ୍କ ଉପରେ ଲାଠି ଗଣତାନ୍ତ୍ରିକ ରାଷ୍ଟ୍ରପ୍ରତି ଅପମାନ । ଆମ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଛାତ୍ରଙ୍କ ଅଧିକାର ପାଇଁ ଦେଶବ୍ୟାପୀ ଛାତ୍ରୋଂ କି ଗୁଞ୍ଜି ବିରାଟ କାର୍ଯ୍ୟକ୍ରମ ଚାଲିଛି । ଛାତ୍ରଙ୍କ ଭବିଷ୍ୟତ ସହିତ କୌଣସି ପ୍ରକାର ସାଲିସ କଂଗ୍ରେସ କରିବ ନାହିଁ ଯଦି ଆଗକୁ ଆମ ଦାବୀ ସରକାର ରକ୍ଷା କରିବ ନାହିଁ ତେବେ ଆନ୍ଦୋଳନକୁ ରାଜରାସ୍ତାରେ ବ୍ୟାପକ କରାଯିବ ବୋଲି କହିଛନ୍ତି । ପ୍ରତିବାଦ କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ବିଧାୟକ ତାରା ପ୍ରସାଦ ବାହିନୀପତି, କଂଗ୍ରେସ ନେତା ଶିବାନନ୍ଦ ରାୟ, ବିଧାୟକ ରାଜନ ଏକ୍କା, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର,ୟାଶୀର ନାଓ୍ୱାଜ, ସୁଦର୍ଶନ ଦାସ, ମାନସ ମଲ୍ଲିକ, ହଳଧର ସେଠୀ, ମନୋରଞ୍ଜନ ଦାସ, ଅମିତା ବିଶ୍ୱାଳ, ରାଜୀବ ପଟ୍ଟନାୟକ, ବିଭୁତି ଭୂଷଣ ମହାପାତ୍ର, ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀକ୍ଷେତ୍ରରେ ତିନି ରଥର ଦକ୍ଷିଣ ମୋଡ଼ ପ୍ରକ୍ରିୟା ଆରମ୍ଭ

ପୁରୀ, (ସବ୍ୟୁ) : ମଙ୍ଗଳବାର ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ହୋଇଛି । ପରମ୍ପରା ଅନୁଯାୟୀ ଷଷ୍ଠୀ ତିଥିରେ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ର ଦକ୍ଷୀଣ ମୋଡ଼ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଡ଼ପମଣ୍ଡପରେ ଅଧିଷ୍ଠିତ ବିଗ୍ରହମାନ ଙ୍କର ଆଜି ସକାଳୁ ପ୍ରକ୍ରିୟା ନୀତିକାନ୍ତି ଅନୁଷ୍ଠିତ ହୋଇ ଥିଲା। ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ, ମଇଲମ, ଅବକାଶ, ତଡପଲାଗି, ରୋଷ ହୋମ , ସୂର୍ଯ୍ୟ ପୂଜା, ଦ୍ୱାର ପାଳ ପୂଜା, ସକାଳ ଧୂପ ନୀତି ଅନୁଷ୍ଠିତ ହୋଇ ଥିଲା। ଅପରାହ୍ଣ ୩ ଟା ବେଳେ ତିନି ରଥ ଦକ୍ଷୀଣ ମୋଡ଼ ପାଇଁ ଗୁଣ୍ଡିଚା ମନ୍ଦିରରୁ ରଥ ନିକଟକୁ ଆଜ୍ଞା ମାଳ ବିଜେ ହୋଇ ଥିଲା । ପୂଜା ପଣ୍ଡା ମାନେ ମହାପ୍ରଭୁଙ୍କ ଆଜ୍ଞାମାଳକୁ ତିନି ରଥରେ ଲାଗି କରି ଥିଲେ। ପରେ ରଥ ଟଣା ଆରମ୍ଭ ହୋଇଥିଲା। ରଥ ଦକ୍ଷୀଣ ମୋଡ଼ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଶରଧା ବାଲିରେ ବାଲି ବିଛା ଯାଇଥିଲା। ଘଣ୍ଟୁଆ ମାନଙ୍କର ଘଣ୍ଟ ଘଣ୍ଟା ତାଳେ ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ରଥ ଟାଣି ଥିଲେ। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଟଣା ଆରମ୍ଭ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟା ହୋଇ ଯିବାରୁ ରଥ ଟଣା ସ୍ଥଗିତରଖାଯାଇଛି। ବୁଧବାର ସକାଳେ ପୁନର୍ବାର ରଥ ଦକ୍ଷୀଣ ମୋଡ଼ ପ୍ରକ୍ରିୟା ହେବ। ଟଣା ହୋଇ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାରରେ ଲାଗିବ ତିନି ରଥ । ଏଥି ପାଇଁ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ପରମ୍ପରା ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ଦେଇ ଆଡପ ମଣ୍ଡପ ବିଜେ କରିଥିବାବେଳେ ନାକଚଣା ଦ୍ୱାର ଦେଇ ବାହୁଡା ଯାତ୍ରାରେ ବାହାରିଥାନ୍ତି । ସକାଳଧୂପ ପରେ ରଥକୁ ଆଜ୍ଞାମାଳ ବିଜେ କରାଯିବ। ଏହାପରେ ତିନି ରଥକୁ ନାକଚଣା ଦ୍ୱାର ନିକଟକୁ ଟଣାଯିବ । ପ୍ରଥମେ ଦେବଦଳନ ରଥ ଓ ପରେ ପରେ ନନ୍ଦିଘୋଷ ଓ ଶେଷରେ ତାଳଧ୍ୱଜ ରଥ ଟଣାଯିବ । ଗତକାଲି ଅନୁଷ୍ଠିତ ହୋଇଯାଇଛି ହେରାପଞ୍ଚମୀ ନିତି । ବିଧିପରମ୍ପରା ପୂର୍ବକ ଆଡପମଣ୍ଡପରେ ବିରାଜିତ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ସଂଧ୍ୟା ଆଳତୀ ପରେ ବିମାନ ଓ ପଟୁଆରରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ବିଭିନ୍ନ ନୀତିକାନ୍ତି ପରେ ମା ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିର ରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବାଟରେ ମହାପ୍ରଭୁଙ୍କ ରଥ ଭାଙ୍ଗି ଥିଲେ।



### ଏସ୍‌ସିବିର ଭିତ୍ତିଭୂମି, ଅଗ୍ନି ନିରାପତ୍ତା, ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

# ଗୁଣାତ୍ମକ ମାନ ବଜାୟ ରଖି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

କଟକ/ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଉନ୍ନତ, ଆଧୁନିକ ଓ ରୋଗୀ-ଅନୁକୂଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗଠନ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମଙ୍ଗଳବାର କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ପ୍ରକଳ୍ପ ଭିତ୍ତିଭୂମି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରିଛନ୍ତି । ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣାତ୍ମକମାନ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନୂତନ ନିର୍ମାଣାଧୀନ ହସ୍ପିଟାଲ ବ୍ଲକ, ପିଜି ହଷ୍ଟେଲ, ରେସିଡେଣ୍ଟ ଡାକ୍ତରମାନଙ୍କ ହଷ୍ଟେଲ ଏବଂ ସହକାରୀ ପ୍ରଫେସରମାନଙ୍କ ବାସଭବନ ବୁଲି ଦେଖିଥିଲେ । ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣର ଅଗ୍ରଗତି, କାର୍ଯ୍ୟର ଗୁଣବତ୍ତା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ହସ୍ପିଟାଲ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ହସ୍ପିଟାଲର ପ୍ରତ୍ୟେକ ଭବନରେ ଅଗ୍ନି ନିର୍ବାପକ ଉପକରଣ, ଜରୁରୀକାଳୀନ ନିର୍ଗମନ ପଥ, ଫାୟାର ଆଲାର୍ମ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହିତ ନିୟମିତ ଅଡିଟ୍ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ, ରୋଗୀଙ୍କ ସୁବିଧା, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ପରିବେଶ ଏବଂ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ରହଣି ସୁବିଧାରେ ଉନ୍ନତି ଆଣିବା ମୁଖ୍ୟ ଉଦ୍ଦେଶ୍ୟ । ନୂତନ ଭିତ୍ତିଭୂମି ସୃଷ୍ଟି ହେଲେ ରୋଗୀ ସେବାର ମାନ ବୃଦ୍ଧି ପାଇବା ସହିତ ରାଜ୍ୟର ଚିକିତ୍ସା ଶିକ୍ଷା ବ୍ୟବସ୍ଥା ମଧ୍ୟ ଅଧିକ ସୁଦୃଢ଼ ହେବ । ପରିଦର୍ଶନ ସମୟରେ ମନ୍ତ୍ରୀ ହସ୍ପିଟାଲ ପରିସରର ପରିମଳ ବ୍ୟବସ୍ଥା, ରୋଗୀ ସୁବିଧା, ଜଳ ଓ ବିଦ୍ୟୁତ ଯୋଗାଣ, ଯାତାୟତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ । ଏହି ପରିଦର୍ଶନ ଅବସରରେ କଟକ ସଦର ବିଧାୟକପ୍ରକାଶ ଚନ୍ଦ୍ର ସେଠୀ , ଚୌଦ୍ୱାର କଟକ ବିଧାୟକ ଶୌଭିକ ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତୀ ଏସ୍, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଟ୍ରକ୍ ପଛକୁ ପିଟିଲା ଟ୍ରକ୍: ଡ୍ରାଇଭର ଗୁରୁତର, ଗାଡ଼ି ଚଳାଚଳ ବ୍ୟାହତ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଓଭରବ୍ରିଜ୍ ଉପରେ ଏକ ମାଲ ବୋଝେଇ ଟ୍ରକ୍ ପଛକୁ ଆଉ ଏକ ମାଲ ବାଝେଇ ଟ୍ରକ୍ ପିଟିବାରୁ ପରିସ୍ଥିତି ଗୁରୁତର ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ପାଞ୍ଚଟି ପିସିଆର୍ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ । ପଛ ଟ୍ରକ୍ ଡ୍ରାଇଭର ଗାଡି ଭିତରେ ସମ୍ପୂର୍ଣ୍ଣ ଚାପି ହୋଇ ରହିଥିଲେ । ଟ୍ରକ୍ ଡୋର୍ ପ୍ରଭୃତି କାଟି ତାଙ୍କୁ କାଢିବା ପାଇଁ ୪୦ ମିନିଟ୍‌ରୁ ଅଧିକ ସମୟ ଲାଗିଥିଲା । ସେଥିପାଇଁ ଜାତୀୟ ରାଜପଥରେ ଗାଡି ଚଳାଚଳ କିଛି ସମୟ ବ୍ୟାହତ ହେଲା । ପୋଲିସ ପ୍ରଥମେ ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହେବାରୁ ଅଗ୍ନିଶମ ବାହିନୀକୁ ଖବର କରିଥିଲେ । ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି ପଛ ଟ୍ରକ୍ ଡ୍ରାଇଭରଙ୍କୁ ବାହାର କରିବା ପାଇଁ ଡୋର୍ ପ୍ରଭୃତି କାଟିବାକୁ ପଡ଼ିଲା । ଡ୍ରାଇଭରଙ୍କୁ ଗୁରୁତର ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯିବା ପରେ ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ନ୍ୟୁଜ୍ ହେବା ପର୍ଯ୍ୟନ୍ତ ଡ୍ରାଇଭରଙ୍କ ଅବସ୍ଥା ଭଲ ଥିବା ଖବର ମିଳିଥିଲା ।

### ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ

# ଓଡ଼ିଶାର ଜନଜାତି ଉଦ୍ୟମିତାକୁ ପ୍ରଶଂସା କଲେ ରାଜ୍ୟପାଳ

ଭୁବନେଶ୍ୱର (ସବ୍ୟୁ) : ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରୁପାଲି ଛକସ୍ଥିତ ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ କରିଛନ୍ତି ।ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ ।

ଏହି ଅବସରରେ ରାଜ୍ୟପାଳ ଆଉଟଲେଟ ଉପସ୍ଥିତ ଥିବା ଗ୍ରାହକ ଓ କର୍ମଚାରୀଙ୍କ ସହିତ ଭାବ ବିନିମୟ କରିଥିଲେ । ରାଜ୍ୟ ସରକାର ଆଦିଶା ବ୍ରାଣ୍ଡ ମାଧ୍ୟମରେ ଓଡ଼ିଶାର ଉଚ୍ଚମାନର କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଜନଜାତି ଜୀବିକା ଓ ଉଦ୍ୟମିତାକୁ ମଜବୁତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଜନଜାତି ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ଏବଂ କଫି ଚାଷ ଓ ମୂଲ୍ୟ ସଂଯୋଜନରେ ନିୟୋଜିତ ଜନଜାତି ଉତ୍ପାଦକଙ୍କ ପାଇଁ ଉନ୍ନତ ବଜାର ସୁଯୋଗ ସୃଷ୍ଟି କରିବା ପାଇଁ ନିଆଯାଇଥିବା ପ୍ରୟାସକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏପରି ଉଦ୍ୟମ କେବଳ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେଇ ନଥାଏ ବରଂ ସ୍ଥାୟୀ ଜୀବିକା ସୃଷ୍ଟି ଓ ଅନ୍ତର୍ଭୁକ୍ତିମୂଳକ ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି ।



ପରିଦର୍ଶନ ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଆଦିବାସୀ ବିକାଶ ସହକାରୀ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ର ମ୍ୟାନେଜିଂ ଡାଇରେକ୍ଟର ଡ. ପୋମା ଟୁଡୁ ଏବଂ ନିଗମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପୂର୍ବ ଶତ୍ରୁତାରୁ ଝରଣା ସାହିରେ ହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ପୂର୍ବ ଶତ୍ରୁତାରୁ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଝରଣା ସାହିରେ ଏକ ହତ୍ୟାକାଣ୍ଡ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଦୁଇଜଣ ଦୁର୍ବୃତ୍ତ ବନମାଳୀ ଭୋଇ (୫୮)ଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି । ଚଳିତ ମାସ ୧୫ ତାରିଖରେ କୌଣସି ଏକ କଥାକୁ ନେଇ ଦୁଇ ଅଭିଯୁକ୍ତଙ୍କ ସହ ଯୁକ୍ତିତର୍କ ହେବାରୁ ସେମାନେ ଉତ୍କ୍ଷିପ୍ତ ହୋଇ ବନମାଳୀଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ । ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ତାଙ୍କ ମୃତ୍ୟୁ ହୋଇଛି ।

### କାରାଗାର ବିକାଶ ବୋର୍ଡର ୪ର୍ଥ ବୈଠକ

# ବନ୍ଦୀଙ୍କ କଲ୍ୟାଣ ଲାଗି ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : କାରାଗାରର ଆଧୁନିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ସଂସ୍କାର, ବନ୍ଦୀମାନଙ୍କ କଲ୍ୟାଣ ପାଇଁ ଶିକ୍ଷା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, କାରାଗାରରୁ ମୁକ୍ତି ପରେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ କାରାଗାର କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ବିଭାଗଗୁଡ଼ିର ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ କାରାଗାର ବିକାଶ ବୋର୍ଡ (ପିଡିବି)ର ୪ର୍ଥ ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାରାଗାର ମହାନିର୍ଦ୍ଦେଶକ ତଥା ସଂଶୋଧନାତ୍ମକ ସେବା ନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ କାରାଗାରଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗତ ଏକ ବର୍ଷ ମଧ୍ୟରେ କାରାଗାର ନିର୍ଦ୍ଦେଶାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ନୂତନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ । କାରାଗାରଗୁଡ଼ିକରେ କାରାଗାର ଗୁଇନ୍ଦାୟୁନିଟ୍ ସ୍ଥାପନ ଏବଂ କାରାଗାର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଅଧିକ ସଂଖ୍ୟକ ଦୋଷୀ ସାବ୍ୟସ୍ତ ଅଥଚ ବିଶ୍ୱସନୀୟ ବନ୍ଦୀମାନଙ୍କୁ କାରାଗାର ଭିତରେ ଶୃଙ୍ଖଳା ରକ୍ଷା, ବନ୍ଦୀଙ୍କ ଗତିବିଧି ଉପରେ ନଜର ରଖିବା, ପରିଷ୍କାର-ପରିଚ୍ଛନ୍ନତା, ଇତ୍ୟାଦି ଆଭ୍ୟନ୍ତରୀଣ ସହାୟକ କାର୍ଯ୍ୟରେ ନିୟୋଜିତ କରାଯାଉଛି ।

କାରାଗାର ମାନୁଆଲ୍ ଅନୁଯାୟୀ ବନ୍ଦୀମାନଙ୍କ ପାଇଁ ଟେଲିଫୋନ୍ କଲ୍ ସୁବିଧାର କାର୍ଯ୍ୟକାରୀ କରାଯାଇଛି । ଏହି ସୁବିଧା ଅନୁସାରେ ପ୍ରତ୍ୟେକ ବନ୍ଦୀ ସପ୍ତାହକୁ ସର୍ବାଧିକ ୨ଟି କଲ୍ କରିପାରିବେ ଏବଂ ପ୍ରତ୍ୟେକ କଲର ଅବଧି ୪ ମିନିଟର ସୀମିତ ରହିବ । ଏହି ପରିପ୍ରେକ୍ଷୀରେ ୭୪ଟି କାରାଗାର ପାଇଁ ୧୧୮ ଜଣ ସମର୍ପିତ ଯୋଗ ପ୍ରଶିକ୍ଷକ ନିଯୁକ୍ତି ହୋଇଛନ୍ତି । ୩୬ ଟି କାରାଗାରରେ ୬୧ ଜଣ ସମର୍ପିତ ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି । ୨୦୨୫-୨୬ ମସିହାରେ ଏକ ସ୍ୱତନ୍ତ୍ର ଶିକ୍ଷା ଅଭିଯାନରେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ (ଏନଆଇଓଏସ), ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ), ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ( ଓଏସଓୟୁ) ଅଧୀନରେ ମାଟ୍ରିକ୍ରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ବିଭିନ୍ନ ପାଠ୍ୟକ୍ରମରେ ୨୧୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।



ବୈଠକରେ କାରାଗାର ଭିତ୍ତିଭୂମିରେ ଉନ୍ନତି ପାଇଁ ଭୁବନେଶ୍ୱର, ଯାଜପୁର ଏବଂ ଭଦ୍ରକ ସମେତ ବିଭିନ୍ନ ସ୍ଥାନରେ ନୂତନ ମଡେଲ୍ କାରାଗାର ନିର୍ମାଣ, ବନ୍ଦୀ କଲ୍ୟାଣ ଏବଂ ଉନ୍ନତ ଜୀବନଯାପନ ବ୍ୟବସ୍ଥା ସ୍ୱରୂପ ବନ୍ଦୀମାନଙ୍କ ଖାଦ୍ୟ ଖର୍ଚ୍ଚ, ରାତ୍ରି ଭୋଜନ, ବିଶୁଦ୍ଧ ଓ ନିରାପଦ ପାନୀୟ ଜଳର ବ୍ୟବସ୍ଥା, ବନ୍ଦୀମାନଙ୍କ ମଜୁରୀ, କାରାଗାର ଭିତରେ ନିଶାମୁକ୍ତି କେନ୍ଦ୍ର ସ୍ଥାପନ, କଟକ ଚୌଦ୍ୱାର କାରାଗାରରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସ୍ଥାପନ ଇତ୍ୟାଦି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲଙ୍କ ସମେତ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା, ବିଭାଗ କମିଶନର ତଥା ଶାସନ ସଚିବ, ନିର୍ଦ୍ଦେଶକ , ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ ।


**CSM TECHNOLOGIES LIMITED**

Breaking Thought Barriers

CIN: U62090OR1998PLC005380

Registered Office: Plot No. E/56, Infocity, Chandrasekharpur, Bhubaneswar - 751 024, Odisha, India

Website: www.csm.tech Email: secretarial@csm.tech

**EXTRACT OF AUDITED CONSOLIDATED FINANCIAL RESULTS FOR THE QUARTER AND YEAR ENDED 31ST MARCH 2026**

(₹ in Lakh, except for share data)

| Sr. No. | Particulars | For the quarter ended | | | For the year ended | |
|---|---|---|---|---|---|---|
| | | 31.03.2026 (Audited) | 31.12.2025 (Unaudited) | 31.03.2025 (Unaudited) | 31.03.2026 (Audited) | 31.03.2025 (Audited) |
| 1 | Total Income | 6,166.85 | 6,503.97 | 6,009.73 | 22,871.83 | 20,062.74 |
| 2 | Profit / (Loss) for the period (before Tax, Exceptional and/or Extraordinary items) | 1,417.28 | 1,218.52 | 737.60 | 3,477.70 | 2,045.97 |
| 3 | Profit for the period before Tax* (after Exceptional and/or Extraordinary items) | 1,144.04 | 1,218.52 | 737.60 | 3,204.46 | 2,045.97 |
| 4 | Net Profit for the period after Tax* (after Exceptional and/or Extraordinary items) | 929.87 | 866.83 | 523.23 | 2,400.70 | 1,410.37 |
| 5 | Total Comprehensive Income for the period (Comprising Profit for the period (after tax) and Other Comprehensive Income (after tax)) | 1,084.08 | 860.65 | 529.37 | 2,500.18 | 1,389.14 |
| 6 | Paid-up Equity Share Capital (Face Value of ₹10/- each) | 3,870.25 | 3,870.25 | 641.62 | 3,870.25 | 641.62 |
| 7 | Reserves (excluding Revaluation reserve) as shown in the Audited Balance sheet | | | | 6,396.75 | 7,056.28 |
| 8 | Earnings per share (of ₹10/- each) - not annualised | | | | | |
| | Basic (₹) | 2.41 | 2.19 | 1.38 | 6.10 | 3.72 |
| | Diluted (₹) | 2.41 | 2.19 | 1.38 | 6.10 | 3.72 |
| 9 | **Key results of CSM Technologies Limited on a standalone basis** | | | | | |
| | Total Income | 5,911.73 | 6,060.93 | 5,955.59 | 21,641.69 | 19,980.59 |
| | Profit before tax | 1,063.12 | 1,064.19 | 795.25 | 2,688.14 | 2,298.66 |
| | Profit after tax | 838.25 | 772.80 | 580.88 | 2,025.35 | 1,637.68 |
| | Total Comprehensive Income | 1,043.54 | 785.55 | 583.13 | 2,243.40 | 1,632.71 |

**Notes:**

*Profitability for the Year ended 31.03.2026 and Q4 of FY 2026 is stated after an exceptional charge of ₹273.24 Lakh towards the statutory impact of the new Labour Codes.

The above is an extract of the detailed format of Quarterly and Annual Consolidated & Standalone Financial Results filed with the Stock Exchanges under Regulation 33 of SEBI (Listing Obligations and Disclosure Requirements) Regulations, 2015. The full format of the aforementioned financial results are available on the Stock Exchange websites; www.bseindia.com, www.nseindia.com and the Company's website; www.csm.tech

Place: Bhubaneswar
Date: 20th July, 2026

For CSM Technologies Limited
(Formerly known as CSM Technologies Private Limited)
Sd/-
Priyadarshi Pany
Chairman, CEO & Managing Director
DIN: 00824049


### ଯୁବ ଛାତ୍ରଙ୍କୁ ପୋଲିସର ଲାଠିଚାର୍ଜ ଘଟଣା

# ପ୍ରସଙ୍ଗ କରିବେ ବିଜେଡି ସାଂସଦ : ନବୀନ

ଭୁବନେଶ୍ୱର, (ସବ୍ୟୁ): ଦିଲ୍ଲୀରେ ସମ୍ପ୍ରତି ସିଜେପି ଆନ୍ଦୋଳନ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତି ସମ୍ପର୍କରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆଦିଲ୍ଲୀରେ ବିଜେଡି ସାଂସଦଙ୍କ ସହ ବୈଠକ କରିଛନ୍ତି। ବୈଠକ ପରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ପରିସ୍ଥିତି ଅତ୍ୟନ୍ତ ସାଂଘାତିକ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରାଯାଇଛି। ବିଜେଡି ସାଂସଦମାନେ ହସ୍ପିଟାଲ ଯାଇ ସେମାନଙ୍କୁ ଭେଟିଛନ୍ତି। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ମୋତେ ଆସନ୍ତାକାଲି ଭୁବନେଶ୍ୱର ଫେରିବାକୁ ପଡିବ। କିନ୍ତୁ ଆମ ସାଂସଦମାନେ ଏହି ମାମଲାକୁ ଗମ୍ଭୀରତାର ସହ ଉଠାଇବେ। ତେବେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ମୋର ମନେ ହୁଏ ସେ ଇସ୍ତଫା ଦେବା ଉଚିତ।

### ରେଳ ଷ୍ଟେସନରୁ ମହିଳା ଲୁଟେରା ଗିରଫ, ସୁନାହାର, ୧୦ ହଜାର ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ରେଳ ଷ୍ଟେସନରୁ ଜଣେ ମହିଳା ଲୁଟେରାକୁ ଜିଆର୍ ପୋଲିସ ଗିରଫ କରି ତା'ନିକଟରୁ ଲୁଟ୍ ସୁନାହାର ଓ ୧୦ ହଜାର ଟଙ୍କା ଜବତ କରିବାରେ ସମର୍ଥ ହୋଇଛି । ଗିରଫ ମହିଳା ଲୁଟେରା ରୁନୁ ମଣ୍ଡଳ ଘର ପଶ୍ଚିମବଙ୍ଗରେ ବୋଲି ପୋଲିସ କହିଛି । ଏକ ନମ୍ବର ପ୍ଲାଟଫର୍ମରୁ ଜଣେ ମହିଳାଙ୍କ ଭ୍ୟାନିଟି ବ୍ୟାଗ୍‌କୁ ମହିଳା ଲୁଟେରା କାଟି ନେଇଥିଲା । ଏହା ଜାଣିବା ପରେ ଆର୍‌ପିଏଫ୍ ଓ ଜିଆର୍ ପୋଲିସ ସର୍ଚ୍ଚ ଅପରେସନ କରିଥିଲେ । ସର୍ଚ୍ଚ ଅପରେସନ ବେଳେ ରାନୁ ମଣ୍ଡଳ ନିକଟରୁ ଭ୍ୟାନିଟି ଜବତ ହୋଇଥିଲା । ଭ୍ୟାନିଟିରେ ଥିବା ସୁନାହାର ଓ ୧୦ ହଜାର ଟଙ୍କା ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କୁ ହସ୍ତାନ୍ତର କରାଗଲା । ପୁରୀ ରଥଯାତ୍ରା ପାଇଁ ବଞ୍ଜରା ଗ୍ୟାଙ୍ଗ କଟକ, ଭୁବନେଶ୍ୱର ସମେତ ପୁରୀରେ ମଧ୍ୟ ସକ୍ରିୟ ଥିଲେ । ସେମାନେ ଟଙ୍କା, ସୁନାଗହଣା, ମୋବାଇଲ ପ୍ରଭୃତି ଲୁଟ୍‌ପାଟ କରି ଓଡ଼ିଶାରୁ ଖସିଯାଆନ୍ତି । ସେମାନେ ମୁଖ୍ୟତଃ ରେଳ ଷ୍ଟେସନ ଓ ବସଷ୍ଟାଣ୍ଡ ପ୍ରଭୃତିରେ ଜୀବନଯାପନ କରନ୍ତି । ନିର୍ଦ୍ଦିଷ୍ଟ କୌଣସି ସ୍ଥାନରେ ଘରଭଡା ନିଅନ୍ତି ନାହିଁ । ଦୁଇଦିନ ପୂର୍ବରୁ କ୍ୟାପିଟାଲ ଥାନା ପୋଲିସ ହୋଟେଲରୁ ଜଣଙ୍କୁ ଗିରଫ କରି ତା'ନିକଟରୁ ୧୫୦ ମୋବାଇଲ ଫୋନ୍ ଜବତ କରିଥିଲା ।

# ମନ୍ଦିର ଲୁଟେରା ଗ୍ୟାଙ୍ଗର ୩ ଗିରଫ, ସୁନା-ରୁପା ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ମନ୍ଦିର ଲୁଟେରା ଗ୍ୟାଙ୍ଗର ୩ଜଣଙ୍କୁ କମିଶନରେଟ୍ ପୋଲିସ ଧରିବା ପରେ ୧୦ଟି ମନ୍ଦିର ଲୁଟ୍ ଘଟଣାର ପର୍ଦ୍ଦାଫାସ ହୋଇଛି । ସେମାନଙ୍କ ନିକଟରୁ ବିପୁଳ ପରିମାଣର ସୁନା ଓ ରୂପା ଗହଣା ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି । ଏମାନଙ୍କ ନାଁରେ କଟକ-ଭୁବନେଶ୍ୱର ସମେତ ଅନ୍ୟ ଜିଲ୍ଲାରେ ମାମଲା ଥାଇପାରେ ବୋଲି କମିଶନର କହିଛନ୍ତି ।



ଗିରଫ ୩ ଲୁଟେରା ହେଲେ ଭୀମ ବେଦ (୨୪), ନୀତିଶ ସିଂ (୧୯), ସୁରେଶ ସିଂ (୧୮) । ସମସ୍ତଙ୍କ ଘର ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଗୋଧିବସା ଗ୍ରାମରେ ବୋଲି ପୋଲିସ କହିଛି । ଏମାନଙ୍କ ନିକଟରୁ ତିନୋଟି ସୁନା ଆଖି, ତିନୋଟି ସୁନାଚିତା ଓ ତିନୋଟିଯୁଗଠନର ସୁନାଗହଣା ଜବତ ହେବା ସହ ୧୫ଟି ରୂପା ମୁକୁଟ, ୬ ରୂପା ହାର, ତିନିହଳ ରୂପା ପାଦୁକା, ଦୁଇଟି ରୂପା ମଥାମଣି ଓ ଗୋଟିଏ ରୂପା ଆଙ୍କଲେଟ୍ ଜବତ ହୋଇଛି । ତିନିଜଣଙ୍କ ନିକଟରୁ ୧୯ ହଜାର ୧୦୦ ନଗଦ ଟଙ୍କା ଜବତ କରାଯାଇଥିବା ପୋଲିସ କହିଛି ।

ଏମାନଙ୍କ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ଦୁଇଟି ମାମଲା, ବୟାଳିଶ ମୌଜା ଥାନାରେ ଦୁଇଟି ମାମଲା, କଟକ ଟାଙ୍ଗୀ ଥାନାରେ ତିନୋଟି ମାମଲା ଓ ଚୌଦ୍ୱାର ଥାନାରେ ତିନୋଟି ମାମଲା ରହିଛି । ଏହି ୧୦ଟି ମନ୍ଦିରରୁ ସୁନା, ରୂପା ଗହଣା ଚୋରି କରି ଏମାନେ ଫେରାର୍ ହୋଇଯାଇଥିଲେ । କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍ ଛାନ୍‌ଭିନ୍ କରିବା ପରେ ତିନିଜଣ ଆନ୍ତଃଜିଲ୍ଲା ମନ୍ଦିର ଲୁଟେରାଙ୍କୁ ଗିରଫ କରାଯିବା ପରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହୋଇଯିବାରୁ ତିନିଜଣଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଗ୍ରୀଷ୍ମକାଳୀନ ଇଣ୍ଟର୍ଣ୍ଣସିପ୍

# ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ସିଟିଜେନ୍ସ ହ୍ୟୁମାନ୍ ରାଇଟ୍ସ କ୍ଲିନିକ୍ (ସିଏଚଆରସି), ଓଡ଼ିଶା ପକ୍ଷରୁ ରାମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ ଛାତ୍ରୀମାନଙ୍କ ପାଇଁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ ସମାରୋହ ରେଡ୍ କ୍ରସ୍ ଭବନ, ଭୁବନେଶ୍ୱରସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ବିଶିଷ୍ଟ ଅତିଥି, ଶିକ୍ଷାବିତ୍, ଅଧ୍ୟାପକ ଓ ଛାତ୍ରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଗରିମାମୟ ହୋଇଉଠିଥିଲା।



ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଣ୍ଟର୍ନଶିପ୍ ସଫଳତାର ସହ ସମାପ୍ତ କରିଥିବା ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ଭବିଷ୍ୟତରେ ସାମ୍ବିଧାନିକ ମୂଲ୍ୟବୋଧ, ନ୍ୟାୟ, ମାନବାଧିକାର ଏବଂ ସାମାଜିକ ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶାର ପୂର୍ବତନ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ନିର୍ବାଚନ କମିଶନର ଡଃ ରବିନାରାୟଣ ସେନାପତି ସ୍ୱତନ୍ତ୍ର ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମାନବାଧିକାର ଶିକ୍ଷା, ନୈତିକ ନେତୃତ୍ୱ ଏବଂ ସକ୍ରିୟ ନାଗରିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ନ୍ୟୁଜପେପର୍ସ, ନ୍ୟାସନାଲ୍ ମିଡିଆ କନଫେଡେରେସନ୍ ଓ ରାଷ୍ଟ୍ରୀୟ ପତ୍ରକାର ମହାସଂଘର ଜାତୀୟ ସଭାପତି ତଥା 'ପର୍ଯ୍ୟବେକ୍ଷକ' ଓ 'ଦ କଳିଙ୍ଗା କ୍ରୋନିକଲ୍'ର ସମ୍ପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ ବିଶିଷ୍ଟ ଅତିଥି ଭାବେ ଏବଂ ରାମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ବସନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ମାନବାଧିକାର ସଚେତନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରସାର ପାଇଁ ସକ୍ରିୟ ଭୂମିକା ଗ୍ରହଣର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସିଏଚଆରସି, ଓଡ଼ିଶାର ଅଧ୍ୟକ୍ଷ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଡଃ ଗୋପବନ୍ଧୁ ମଲ୍ଲିକ ସଭାପତିତ୍ୱ କରି ଛାତ୍ରୀମାନଙ୍କର ନିଷ୍ଠା ଓ ଉତ୍ସର୍ଗକୁ ପ୍ରଶଂସା କରିବା ସହ ମାନବାଧିକାର ଶିକ୍ଷା, ଆଇନ ସଚେତନତା ଏବଂ ସାମାଜିକ ସେବା ପ୍ରତି ସିଏଚଆରସିର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ।

ସି ଏ ଚ ଆ ର ସି ର ପରାମର୍ଶଦାତା ପ୍ରଫେସର (ଡଃ) ନିରଞ୍ଜନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଗଠନର ଉପସଭାପତି ବସନ୍ତ କୁମାର ଦାଶ କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ। ଏହି ଅବସରରେ ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ ସଫଳତାର ସହ ସମାପ୍ତ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସିଏଚଆରସିର ମହିଳା ବିଭାଗ ମୁଖ୍ୟ ଶ୍ରୀମତୀ ବନଶ୍ରୀ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଫ୍ରିଡମ ତେଲର ଓଡ଼ିଶା ମୁଖ୍ୟ ଅମୀୟ ଧଳ ସମ୍ବର୍ଦ୍ଧିତ

କଟକ, (ସ୍ୱପ୍ର): ବଡ଼ଶଙ୍ଖସ୍ଥିତ ସାଂସ୍କୃତିକ ସଂଘ ପକ୍ଷରୁ ପବିତ୍ର ରଥଯାତ୍ରା ଅବସରରେ ୩୫ତମ ଲୋକନୃତ୍ୟ ମହୋତ୍ସବ-୨୦୨୬ ବଡ଼ଶଙ୍ଖ ଠାରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ଏହି ମଞ୍ଚରେ ସମ୍ମାନିତ କରାଯାଇଥିବା ବେଳେ ସେଥିମଧ୍ୟରେ ଘରେ ଘରେ ପରିଚିତ ଖାଇବା ତେଲ ଫ୍ରିଡମର ଓଡ଼ିଶା ମୁଖ୍ୟ ଅମୀୟ କୁମାର ଧଳ ହେଉଛି ଅନ୍ୟତମ । ଶ୍ରେଷ୍ଠ ଗ୍ରାହକ ସେବା କ୍ଷେତ୍ରରେ ତାଙ୍କର ନିଷ୍ଠାପର ସେବା ମନୋଭାବ ଯୋଗୁଁ ସେ ଆଜି ଏହି ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି । ଶ୍ରୀ ଧଳଙ୍କ ଏହି ସଫଳତା ପାଇଁ ମହୋତ୍ସବ କମିଟି ତରଫରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।



## ଭୁଶୁଡିଲା କୁଶଭଦ୍ରା ନଦୀବନ୍ଧ, ବିପଦରେ ୬ ପଞ୍ଚାୟତ

ଗୋପ, (ସବ୍ୟୁ): ଗତ କିଛି ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଗୋପ କୁଶଭଦ୍ରା ନଦୀ ବନ୍ଧ ଦୁଇ ଫାଳ ହୋଇ ନଦୀ ଶଯ୍ୟା ଭିତରକୁ ଭୁଶୁଡି ପଡିଛି । ଫଳରେ ଏବେ ଗୋପ ବ୍ଲକର ୬ଟି ପଞ୍ଚାୟତର ୫୦ ହଜାର ଜନସାଧାରଣ ବିପଦରେ ଅଛନ୍ତି ।ଖବରରୁ ପ୍ରକାଶ ଗୋପ ଜଳସେଚନ ବିଭାଗ ଅନ୍ତର୍ଗତ ଗୋପ କୁଶଭଦ୍ରା ସେତୁର୍ ବମାପର୍ଶ ନଦୀ ବନ୍ଧ ଗୋପ-ନିମାପଡା କୁ ସଂଯୋଗ କରୁଥିବା ବନ୍ଧର ବେଣୀପୁର ଗାଁ ମୁଣ୍ଡରେ ପ୍ରାୟ ୪୦ ଫୁଟ ବନ୍ଧ ଧସି ହୋଇ ଯାଇଛି । ଏହି ବନ୍ଧ ରାସ୍ତା ଦେଇ ଦୈନ ଦିନ ହଜାର ହଜାର ଜନସାଧାରଣ ମାନେ ଯାତାୟାତ କରୁଥିବା ବେଳେ ଲୋକମାନଙ୍କର ଏବେ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ।ସେହି ପରି ଏହି ବନ୍ଧ ରାସ୍ତ ସାରା ଖାଲ ଖମାରେ ଭରି ରହିଥିବାରୁ ସାଧାରଣ ଲୋକେ ଓ ଗାଡି ମଟର ଯାତାୟାତ ରେ ସମସ୍ୟା ଉପୁଜିଥିବା ଦେଖିବାକୁ ମିଳୁଛି । ପ୍ରତି ବର୍ଷ ଏହି ବନ୍ଧ ପୁନଃ ଉନ୍ନତି କାରଣ,ମରାମତି ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅର୍ଥ ଆତ୍ମସାତ କରୁଥିବା ଭଳି ସ୍ଥାନୀୟ ଜନସାଧାରଣ ମାନେ ଅଭିଯୋଗ କରି ନିରାଶ ହୋଇଛନ୍ତି ।ଆଗକୁ ଲଘୁଚାପ ଜନିତ ବର୍ଷା ହେବାର ସମ୍ଭାବନା ଥିବା ବେଳେ ନଦୀରେ ବନ୍ୟା ଆସିଲେ ବନ୍ଧ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହିତ ବ୍ଲକର ଗଣେଶ୍ୱରପୁର,ଅଣ୍ଡରା ଇଚ୍ଛାପୁର,ରାହଁଗୋରଡ଼ା, ନୂଆଖୋଲମରା, ନାଗପୁର,କୁଆଁପଡା ଭଳି ପଞ୍ଚାୟତ ଚାଷ ଉଜୁଡିବା ସହିତ ବହୁ ଧନ ଜୀବନ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି ।ତେବେ ଏନେଇ ନିମାପଡା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଥଲଙ୍କୁ ଯୋଗ ଯୋଗ କରିଥିଲେ ମଧ ଫୋନ ସୁଇଚ୍ଛ ଅପ ଥିଲା ।ତେବେ ଏଥି ପ୍ରତି ମୁଖ୍ୟମନ୍ତ୍ରୀ,ଜଳସେଚନ ବିଭାଗ ସଚିବ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଅଲମ୍ପିଆନ ଗଗନ ନାରଙ୍ଗ

ପୁରୀ, (ସବ୍ୟୁ): ଚଳିତ ରଥଯାତ୍ରା ଅବସରରେ ଭାରତୀୟ ସୁଟର ପଦ୍ମଶ୍ରୀ ଗଗନ ନାରଙ୍ଗ ଶ୍ରୀଜୀଉମାନଙ୍କୁ ଆଡପ ମଣ୍ଡପ ରେ ଦର୍ଶନ କରିଛନ୍ତି ।ଦର୍ଶନ ପରେ ନିଜ ପ୍ରତିକ୍ରିୟା ରେ ମହାପ୍ରଭୁଙ୍କୁ ଦର୍ଶନ କରି ସେ ନିଜକୁ ଧନ୍ୟ ମନେ ଭବୁଛନ୍ତି ବୋଲି କହିବା ସହ ଏହି ଅନୁଭବ ସାରା ଜୀବନ ଆଚ୍ଛାଦିତ କରି ରଖିଥିବ ବୋଲି ଭାବ ବିହ୍ୱଳ କଣ୍ଠରେ କହିଥିଲେ ।ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ,ଆଇଜି ପିନାକ ମିଶ୍ର,କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,କ୍ରୀଡା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଶ୍ରୀ ନାରଙ୍ଗଙ୍କୁ ସ୍ୱାଗତ କରିଥିଲେ ।ସୂଚନା ଯୋଗ୍ୟ ଯେ ପଦ୍ମଶ୍ରୀ ଶ୍ରୀ ନାରଙ୍ଗ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ତାଙ୍କର ଅଲିମ୍ପିକ୍ସ ପଦକ ଜିତିଥିଲେ। ସେ ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ଏକ କାଂସ୍ୟ ପଦକ ହାସଲ କରିଥିଲେ, ଯାହା ଗେମ୍ସର ସେହି ସଂସ୍କରଣରେ ଭାରତର ପ୍ରଥମ ପଦକ ଥିଲା ।



# ଟ୍ରାଫିକ ପୁଲିସ କର୍ମଚାରୀଙ୍କୁ ରୋଟାରୀ କ୍ଲବ ପକ୍ଷରୁ ଛତା ବଣ୍ଟନ

ଖୋର୍ଦ୍ଧା, (ସବ୍ୟୁ) : ସାଧାରଣ ଲୋକଙ୍କ ସୁରକ୍ଷା ଓ ସୁଗମ ଯାତାୟାତ ପାଇଁ ଦିନରାତି କର୍ତ୍ତବ୍ୟ ପାଳନ କରୁଥିବା ଟ୍ରାଫିକ ପୁଲିସ କର୍ମଚାରୀଙ୍କ ପ୍ରତି କୃତଜ୍ଞତା ଓ ସମ୍ମାନ ଜଣାଇ ରୋଟାରୀ କ୍ଲବ ଖୋର୍ଦ୍ଧା ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ସହରର ବିଭିନ୍ନ ପ୍ରମୁଖ ଛକରେ କର୍ତବ୍ୟରତ ଟ୍ରାଫିକ ପୁଲିସ କର୍ମଚାରୀଙ୍କୁ ମାଗଣାରେ ଛତା ବଣ୍ଟନ କରାଯାଇଥିଲା।



ବର୍ଷା ଋତୁରେ ଲଗାଣ ବର୍ଷା ସହ ଅସହ୍ୟ ଖରା ମଧ୍ୟରେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଠିଆ ହୋଇ ଯାନବାହାନ ନିୟନ୍ତ୍ରଣ କରୁଥିବା ଟ୍ରାଫିକ ପୁଲିସ କର୍ମଚାରୀଙ୍କ ଦୈନନ୍ଦିନ କଷ୍ଟକୁ ଅନୁଭବ କରି ଏହି ମାନବିକ ପଦକ୍ଷେପ ଗ୍ରହଣ କରାଯାଇଥିବା କ୍ଲବ ପକ୍ଷରୁ କୁହାଯାଇଛି। ବଣ୍ଟନ କରାଯାଇଥିବା ଛତା ସେମାନଙ୍କ କର୍ତ୍ତବ୍ୟ ପାଳନ ସମୟରେ ବର୍ଷା ଓ ଖରାରୁ ସୁରକ୍ଷା ଯୋଗାଇବା ସହ କାର୍ଯ୍ୟକୁ ଆହୁରି ସୁବିଧାଜନକ କରିବ। ଏହି ଛତାଗୁଡ଼ିକୁ ରୋଟାରିଆନ୍ ସୁଚିସ୍ମିତା ପରିଜା ସୌଜନ୍ୟରେ ପ୍ରଦାନ କରିଥିବାବେଳେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ରୋଟାରିଆନ୍ ସୌର୍ଯ୍ୟ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବ ଖୋର୍ଦ୍ଧାର ସଭାପତି ରୋଟାରିଆନ୍ ସଞ୍ଜୟ ବର୍ମନ କହିଥିଲେ ଯେ, ଟ୍ରାଫିକ ପୁଲିସ କର୍ମଚାରୀମାନେ ପ୍ରତିଦିନ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କଠିନ ପରିସ୍ଥିତିରେ ନିରନ୍ତର ସେବା ଯୋଗାଇ ଆସୁଛନ୍ତି। ସେମାନଙ୍କ ଏହି ନିଷ୍ଠା ଓ ପରିଶ୍ରମ ପ୍ରତି ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ ପକ୍ଷରୁ ଏହି କ୍ଷୁଦ୍ର ପ୍ରୟାସ କରାଯାଇଛି। ଆଗାମୀ ଦିନରେ ମଧ୍ୟ ସମାଜର ବିଭିନ୍ନ ବର୍ଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେବାମୂଳକ ଓ ଜନହିତକର କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଏହି ସେବାମୂଳକ କାର୍ଯ୍ୟକ୍ରମରେ ରୋଟାରୀ ଓ ରୋଟାରାକ୍ଟ ପରିବାରର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## ବର୍ଷା ତାଣ୍ଡବ: ରାସ୍ତା ଉପରେ ଉପୁଡିଲା ବିଶାଳ ଗଛ

ବାରଙ୍ଗ ,(ସବ୍ୟୁ): ଗତ ଦୁଇ ଦିନ ହେଲା ଲଗାଣ ବର୍ଷାରେ ବେହାଲ ହୋଇପଡିଛି ବାରଙ୍ଗ ଅଞ୍ଚଳ । ବର୍ଷା ରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ବାରଙ୍ଗ ମୁଣ୍ଡୁଳିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ଏକ ବଡ ଅଘଟଣ ଘଟିଛି । ପ୍ରବଳ ବର୍ଷା ପବନ ସହ ଏକ ବିଶାଳ ପୁରୁଣା ଗଛ ମୂଳ ସହିତ ଉପୁଡି ସମ୍ପୂର୍ଣ୍ଣ ରାସ୍ତା ଉପରେ ପଡିଯାଇଥିଲା । ସୌଭାଗ୍ୟ ବଶତଃ ସେ ସମୟରେ ରାସ୍ତାରେ କୌଣସି ଯାତ୍ରୀ କିମ୍ବା ଗାଡି ନଥିବାରୁ ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । ଗଛ ପଡିବା ମାତ୍ରେ ଉଭୟ ପଟୁ ଶହ ଶହ ଗାଡି ଅଟକି ଯାଇଥିଲା । ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯିବାରୁ ସ୍କୁଲ ଛାତ୍ରଛାତ୍ରୀ, କର୍ମଜୀବୀ ଏବଂ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀମାନେ ବର୍ଷାରେ ଭିଜି ଭିଜି ଘଟଣାସ୍ଥଳରେ ପହଞ୍ଚିପ୍ରାୟ ଏକ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ବିଶାଳ ଗଛକୁ କାଟି ରାସ୍ତା କଡକୁ ହଟାଇଥିଲେ । ଏଥିରେ ସ୍ଥାନୀୟ କିଛି ଯୁବକ ମଧ୍ୟ ସହଯୋଗ କରିଥିଲେ ।ରାସ୍ତା ସଫା ହେବା ପରେ ଯାତାୟାତ ପୁଣି ସ୍ୱାଭାବିକ ହୋଇଛି । ଅଗ୍ନିଶମ ବାହିନୀର ଏଭଳି ତ୍ୱରିତ ପଦକ୍ଷେପ ଏବଂ ନିଷ୍ଠାପର କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଭୂୟସୀ ପ୍ରଶଂସା କରିଛନ୍ତି ।

# ପିଲାଙ୍କ ଭବିଷ୍ୟତ ପାଇଁ ଆର୍ଥିକ ଭିତ୍ତିଭୂମି ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ନିଜ ପିଲାଙ୍କୁ ଅନ୍ୱେଷଣ କରିବା, ଶିଖିବା ଓ ସେମାନଙ୍କ ପସନ୍ଦର ଏକ ଭବିଷ୍ୟତ ଗଠନ କରିବାର ସ୍ୱାଧୀନତା ଦେବାକୁ ପ୍ରତ୍ୟେକ ପିତାମାତା ସ୍ୱପ୍ନ ଦେଖନ୍ତି । ସେହି ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରସ୍ତୁତି, ଯୋଜନା ଓ ଏକ ମଜବୁତ ଆର୍ଥିକ ଭିତ୍ତିଭୂମିର ସହଯୋଗ ଆବଶ୍ୟକ ହୋଇଥାଏ । ବିଶ୍ୱସ୍ତରୀୟ ଶିକ୍ଷା, ବିଶେଷଜ୍ଞ ବୃତିଠାରୁ ଆରମ୍ଭ କରି ଉଦ୍ୟମିତା ଓ ସୁଯୋଗ ପର୍ଯ୍ୟନ୍ତ ପିଲାମାନେ ସମ୍ଭାବନାରେ ପରିପୂର୍ଣ୍ଣ ଏକ ଦୁନିଆରେ ବଡ଼ ହେଉଛନ୍ତି । ସେମାନଙ୍କ ପାଇଁ ଉପଲବ୍ଧ ବିକଳ୍ପ ଗୁଡ଼ିକର ବିସ୍ତାର ହେଉଛି । ତେବେ ଜୀବନର ପଥ ଯେତେ ବଦଳିଲେ ମଧ୍ୟ ପ୍ରତ୍ୟେକ ଆର୍ଥିକ ଯୋଜନା ହେଉଛି, ଶିଶୁର ସ୍ୱପ୍ନ ଓ ଲକ୍ଷ୍ୟ ପୂରଣରେ ସର୍ବଦା ସାଥୀ ହୋଇ ରହିବାର ଏକ ଅଟଳ ପ୍ରତିବଦ୍ଧତା । ଶୀଘ୍ର ଯୋଜନା କରିବା ଦ୍ୱାରା ପିତାମାତାଙ୍କୁ ସମୟର ଫାଇଦା ମିଳିପାରିବ । ଏକ ଦୀର୍ଘକାଳୀନ ଯୋଜନାର ସମୟସୀମା ପରିବାରଗୁଡ଼ିକୁ ଧୀରେ ଧୀରେ ଏକ ମଜବୁତ ଆର୍ଥିକ ଭିତ୍ତିଭୂମି ଗଠନ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଗୁଡ଼ିକ ପାଇଁ ଭଲ ଭାବରେ ପ୍ରସ୍ତୁତ ହେବାର ସୁଯୋଗ ଦେଇଥାଏ ବୋଲି ଏସବିଆଇ ଲାଇଫ ଇନ୍ସୁରାନ୍ସର ଜୋନାଲ ନିର୍ଦ୍ଦେଶକ (ପୂର୍ବ), ଦୀପକ ନାୟାର କହିଛନ୍ତି । ତାଙ୍କ ମତରେ, ପିତାମାତା ଯେତେ ଶୀଘ୍ର ଯୋଜନା କରିବା ଆରମ୍ଭ କରିବେ ସେମାନଙ୍କ ପିଲାଙ୍କ ଭବିଷ୍ୟତର ସ୍ୱପ୍ନକୁ ସମର୍ଥନ କରୁଥିବା ଏକ ଆର୍ଥିକ ଭିତ୍ତିଭୂମି ଗଠନ କରିବା ପାଇଁ ସେମାନଙ୍କ ପାଖରେ ସେତେ ଅଧିକ ସମୟ ରହିବ । ଜୀବନ ବୀମା ଓ ସନ୍ତାନ କୈନ୍ଦ୍ରିକ ବୀମା ସମାଧାନଗୁଡ଼ିକ ଏହା ନିଶ୍ଚିତ କରିବାରେ ସାହାଯ୍ୟ କରିପାରିବ ଯେ ଜୀବନ ଯୋଜନା ଅନୁଯାୟୀ ନ ଚାଲିଲେ ମଧ୍ୟ ପିଲାଙ୍କ ଭବିଷ୍ୟତର ଲକ୍ଷ୍ୟଗୁଡ଼ିକୁ ସମର୍ଥନ ଦିଆଯାଇପାରିବ ।




# 'ଶ୍ରୀଜଗନ୍ନାଥ ଓ ଓଡ଼ିଶୀ ସଙ୍ଗୀତ' ସଂକ୍ରାନ୍ତୀୟ ଆଲୋଚନାଚକ୍ର

ଭୁବନେଶ୍ୱର: (ସବ୍ୟୁ): ନୀଳଶୈଳ ଏବଂ ଭାରତୀୟ ସଙ୍ଗୀତ ସଂସ୍ଥାନ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ତଥା ଓଡ଼ିଆ ସାହିତ୍ୟ ଏକାଡ଼େମୀର ପୃଷ୍ଠପୋଷକତାରେ ଆୟୋଜିତ 'ଶ୍ରୀଜଗନ୍ନାଥ ଓ ଓଡ଼ିଶୀ ସଙ୍ଗୀତ' ଓ 'ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା, ସମସ୍ୟା ଓ ସମାଧାନ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଦିନ ବୁଦ୍ଧମନ୍ଦିରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଆଲୋଚନାଚକ୍ରର ଉଦ୍ଘାଟନ କରି ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ପ୍ରମଥ ପଟ୍ଟନାୟକ ଓଡ଼ିଶୀ ସଙ୍ଗୀତ ଆମର ପରିଚୟ ଓ ଗୌରବ ଏବଂ ଏହା ଜଗନ୍ନାଥ ମହାପ୍ରଭୁଙ୍କ ସହିତ ଅଙ୍ଗାଙ୍ଗୀ ଭାବରେ ଜଡିତ, ତେଣୁ ଏହାର ମର୍ଯ୍ୟାଦାପୂର୍ଣ୍ଣ ସଂରକ୍ଷଣ ଓ ପ୍ରସାର ଆମମାନଙ୍କର ସାମୂହିକ ଦାୟିତ୍ୱ ବୋଲି କହିଥିଲେ । ବିଶିଷ୍ଟ ଅତିଥି ଡ.କୃଷ୍ଣଚନ୍ଦ୍ର ବଳ ଓଡ଼ିଶୀ ସଙ୍ଗୀତର ତଥ୍ୟ ଓ ତତ୍ତ୍ୱପୂର୍ଣ୍ଣ ବ୍ୟାଖ୍ୟା କରିବା ସହିତ ବିଭିନ୍ନତାକୁ ଏକତାରେ ସମାହିତ କରିବା ଓଡ଼ିଶୀ ସଙ୍ଗୀତର ବିଶେଷତା ବୋଲି ମତ ପ୍ରକାଶ କରିଥିଲେ। ପ୍ରଥମ ଅଧିବେଶନର ମୁଖ୍ୟ ବକ୍ତା ପ୍ରଫେସର ଡ.ପ୍ରେମାନନ୍ଦ ମହାପାତ୍ର ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାର ପାଇଁ ଓଡ଼ିଶୀ ସଙ୍ଗୀତର ଉତ୍କର୍ଷ ସାଧିତ କିପରି ହୋଇପାରିଛି ଆଲୋଚନା କରିଥିଲେ । ନୀଳଶୈଳର ଉପଦେଷ୍ଟା ସହଦେବ ଜୟସିଂହ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଶୀ ସଙ୍ଗୀତ ଏକ ଓ ଅଭିନ୍ନ ଦର୍ଶାଇବା ସହିତ ଏହି ଅଧିବେଶନର ଅଧ୍ୟକ୍ଷତା କରିଥିଲେ । ଲଳିତ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ କୁଙ୍କୁମ୍ ମହାନ୍ତି ଯୋଗଦେଇ କଳାକାରମାନଙ୍କ ଦ୍ୱାରା ହିଁ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇପାରିବ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନୀୟ ବକ୍ତା ଭାରତୀୟ ସଂଗୀତ ସଂସ୍ଥାନର ମୁଖ୍ୟ ଟ୍ରଷ୍ଟି ଡ. କୀର୍ତ୍ତନ ନାରାୟଣ ପାଢୀ ଓଡ଼ିଶୀ ସଙ୍ଗୀତରେ ଶାସ୍ତ୍ରୀୟତାର ବିଭିନ୍ନ ବିଭବ ଓ ପ୍ରାଚୀନତା ସମ୍ପର୍କରେ ଅଲୋଚନା କରିଥିଲେ । ଅନ୍ୟତମ ଆଲୋଚକ ପ୍ରଭାତ ନନ୍ଦ କେନ୍ଦ୍ର ସରକାର 'ଓଡ଼ିଶୀ ସଙ୍ଗୀତକୁ ଅବିଳମ୍ବେ ଶାସ୍ତ୍ରୀୟ ଓ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେବା ଉଚିତ ହେବ ବୋଲି କହିଥିଲେ । ସ୍ତମ୍ଭକାର ତେଜେଶ୍ୱର ପଟ୍ଟନାୟକଙ୍କ ସଂଚାଳନରେ ତୃତୀୟ ଅଧିବେଶନରେ ଗବେଷିକା ଡ. ହିମାଦ୍ରି ତନୟା ମିଶ୍ର ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ସମ୍ପର୍କରେ ଆଲୋଚନାର ସମୀକ୍ଷା କରିବା ସହିତ ଓଡ଼ିଶୀ ସଙ୍ଗୀତ ଗାଇ ଏହାର ଶାସ୍ତ୍ରୀୟ ରୂପରେଖ ଦର୍ଶାଇଥିଲେ । ଅନ୍ୟତମ ଗବେଷକ ଗୁରୁପଦ ବଳିୟାରସିଂହ ଓଡ଼ିଶୀ ସଙ୍ଗୀତର ତୁଳନା ଅନ୍ୟ କୌଣସି ଭାରତୀୟ ସଙ୍ଗୀତ ଠାରୁ ନ୍ୟୂନ ନୁହେଁ ବୋଲି ଯୁକ୍ତି ବାଢିଥିଲେ । ଏହି ଆଲୋଚନାଚକ୍ରକୁ ନୀଳଶୈଳର ସାଧାରଣ ସମ୍ପାଦକ ରଜନୀକାନ୍ତ ପଣ୍ଡା ସଂଯୋଜନା କରିଥିବାବେଳେ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମିନତି ମିଶ୍ର ଜଗନ୍ନାଥ ଅଷ୍ଟକମ୍ ଗାନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଶରତ ଚନ୍ଦ୍ର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।



## ଜଟଣୀ ସାମ୍ବାଦିକ ସଂଘ ପକ୍ଷରୁ "ପରିବେଶ ସୁରକ୍ଷା "ସଚେତନତା କାର୍ଯ୍ୟକ୍ରମ

ଜଟଣୀ, (ସବ୍ୟୁ): ସ୍ଥାନୀୟ ବରପଦା ଗ୍ରାମରେ ଅବସ୍ଥିତ "ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର "ଠାରେ ଜଟଣୀ ସାମ୍ବାଦିକ ସଙ୍ଘ ତରଫରୁ ବିଦ୍ୟାଳୟର ଛୋଟ ଛୋଟ ଶିଶୁ ମାନଙ୍କୁ ନେଇ ଆଜିର ପ୍ରଦୂଷିତ ପରିବେଶର ସୁରକ୍ଷା ନିମନ୍ତେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ପରିବେଶ ସନ୍ତୁଳନ ବିଷୟରେ ସାମ୍ବାଦିକ ସଂଘର ସମ୍ପାଦକ ଦେବ ପ୍ରସାଦ ଦାସ ଶିଶୁ ମାନଙ୍କୁ ନିଜର ବାର୍ତ୍ତା ମାଧ୍ୟମରେ ସମ୍ୟକ ଧାରଣା ଦେଇଥିଲେ। ଶିଶୁ ମାନଙ୍କ ମଧ୍ୟରେ "ପ୍ରକୃତିକ ପରିବେଶ "ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ସାମ୍ବାଦିକ ସଂଘର ସଭାପତି ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ସମସ୍ତ ଶିଶୁ ମାନଙ୍କୁ ସଂଘ ତରଫରୁ ବିସ୍କୁଟ ଓ ଚକଲେଟ ବଣ୍ଟନ କରାଯାଇଥିଲା ।

# ରୋଟାରୀ କ୍ଲବ ଭୁବନେଶ୍ୱର ୟୁନିକ ର ଅଧିଷ୍ଠାନ ଉତ୍ସବ




ଭୁବନେଶ୍ୱର (ସବ୍ୟୁ): ରୋଟାରୀ କ୍ଲବ ଭୁବନେଶ୍ୱର ୟୁନିକ ର ନୂତନ କର୍ମକର୍ତ୍ତା ମାନଙ୍କ ର ଅଧିଷ୍ଠାନ ଉତ୍ସବ ହୋଟେଲ ସ୍ୱସ୍ତି ଗ୍ରାଣ୍ଡ ରେ ଅନୁଷ୍ଠିତ ହେଇଯାଇଛି। ନୂତନ ବର୍ଷ ପାଇଁ ସଭାପତି ଭାବେ ପ୍ରଫେସର ଡ଼ : ଅନନ୍ତ କିଶୋର ଜେନା ଏବଂ ସମ୍ପାଦକ ଭାବେ ପ୍ରକାଶ ଚନ୍ଦ୍ର ଦାସ ପୂର୍ବତନ ସଭାପତି ସଂଘମିତ୍ରା ରଥ ଏବଂ ସମ୍ପାଦକ ସୁଧୀର କୁମାର ବେହେରା ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବରେ ପ୍ରାନ୍ତପାଳ ଅନିଲ କୁମାର ସାମଲ ଯୋଗ ଦେଇ ରୋଟାରୀଆନ ମାନଙ୍କର ସାମାଜିକ ଦାୟିତ୍ୱବୋଧ, କର୍ତ୍ତବ୍ୟ ଉପରେ ଉଦବୋଧନ ଦେଇଥିଲେ। ନୂତନ ସଭାପତି ଡ଼: ଅନନ୍ତ କିଶୋର ଜେନା କ୍ଲବ ର ଚଳିତ ବର୍ଷ ର ସାମାଜିକ କାର୍ଯ୍ୟକ୍ରମ ଏବଂ କ୍ଲବ ର ଆଭିମୁଖ୍ୟ ସମ୍ପର୍କ ରେ ସୂଚନା ଦେଇଥିଲେ। ନୂତନ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ରୋଟାରୀ ର ସମସ୍ତ କାର୍ଯ୍ୟକ୍ରମ ରେ ସଭ୍ୟ ମାନଙ୍କ ର ଯୋଗଦାନ ଉପରେ ଗୁରୁତ୍ୱ ଦେଇଥିଲେ। ପାଞ୍ଚ ଜଣ ନୂତନ ସଭ୍ୟ ଙ୍କୁ କ୍ଲବ ର ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା। କ୍ଲବ ର ଉପଦେଷ୍ଟା ଗିରିଜା ଶଙ୍କର ପାଣି, ଆସିଷ୍ଟାଣ୍ଟ ଗୋଭାରନାର ସଂଯୁକ୍ତା ନାୟକ ଯୋଗଦାନ କରିଥିଲେ। ଡ଼ : ଶୁଭେନ୍ଦୁ ଦାସ ଏବଂ ପ୍ରାକ୍ତନ ସଭାପତି ଦିବ୍ୟ ରଞ୍ଜନ ଦାଶ ସଭା ପରିଚାଳନା କରିଥିଲେ। କ୍ଲବ ର ସଦସ୍ୟ ଆର୍ଯ୍ୟ କୁମାରୀ ପାଣିଗ୍ରାହୀ, ଅର୍ଜୁନ ପୁରସ୍କାର ବିଜେତା ଶ୍ରୀମତୀ ମିନତି ମହାପାତ୍ର, ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ, ସୌଭାଗ୍ୟ ରଞ୍ଜନ ଭୂୟାଁ ପ୍ରମୁଖ ଯୋଗଦାନ କରିଥିଲେ।

# ବଜ୍ରକାପ୍ତା ବିକ୍ରି ପାଇଁ ଉଦ୍ୟମ : ଉଦ୍ଧାର କଲା ବନ ବିଭାଗ, ଜଣେ ଗିରଫ



ବୁଗୁଡ଼ା, (ସବ୍ୟୁ) : କିଛି ଦିନର ବ୍ୟବଧାନ ପରେ ପୁଣି ସକ୍ରୀୟ ହେଲେଣି ବଜ୍ରକାପ୍ତା ବେପାରୀ । ଏକ ବଜ୍ରକାପ୍ତା ବିକ୍ରି କରିବା ପାଇଁ ଗ୍ରାହକ ଯୋଗାଡ଼ କରୁଥିବା ଖବର ପାଇ ବନବିଭାଗ ଟିମ ଚଢାଉ କରି ଏକ ବଜ୍ରକାପ୍ତା ଉଦ୍ଧାର କରିବା ସହ ସନ୍ତୋଷ ଗୌଡ଼(୩୨)କୁ ଗିରଫ କରିଛି ।

ଗତକାଲି ବେଲଗୁଣ୍ଠା ଥାନା ଅନ୍ତର୍ଗତ କିରାପଲ୍ଲୀ ଗ୍ରାମରେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ନେତୃତ୍ୱରେ ବାଲିପଦର ବନପାଳ ଅଭିରାମ ଖିଲ, ମାଣିତରା ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବୁଗୁଡ଼ା ବନପାଳ ସୁଧୀର କୁମାର ପଟ୍ଟନାୟକ ଚଢ଼ାଉ କରି ସନ୍ତୋଷଙ୍କ ଘର ଭିତରୁ ବଜ୍ରକାପ୍ତା ଉଦ୍ଧାର କରିଥିଲେ । ଉକ୍ତ ମାଇ ବଜ୍ରକାପ୍ତାର ଓଜନ ୭ କେଜି ୧୦୦ ଗ୍ରାମ ହୋଇଥିବା ବେଳେ ଏହାର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୩୫ଲକ୍ଷ ଟଙ୍କା ହେବ ବୋଲି ବୁଗୁଡା ବନାଞ୍ଚଳ ଅଧିକାରୀ ମତବ୍ୟକ୍ତ କରିଛନ୍ତି ।

ଗତକାଲି କିରାପଲ୍ଲୀ ଗାଁ ପାଖ ରଙ୍କି ଘାଇ ନିକଟରୁ ବଜ୍ରକାପ୍ତାଟିକୁ ସନ୍ତୋଷ ଧରିଥିବା କହିଛି । ତେବେ ବୁଗୁଡ଼ା ରେଞ୍ଜ କାର୍ଯ୍ୟାଳୟରେ ଏସିଏଫ ପ୍ରଶାନ୍ତ କୁମାର ସାହୁ ଓ ପ୍ରଦୀପ ବେହେରା ପହଞ୍ଚି ଅଭିଯୁକ୍ତ ସନ୍ତୋଷକୁ ପଚାରାଉଚରା କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି ।

ଏନେଇ କେସନଂ-ଓଆର ୧୦/୨୬-୨୭ ଏବଂ ବନ୍ୟଜନ୍ତୁ ସୁରକ୍ଷା ଆଇନ ଦଫା ୯, ୩୯, ୪୪, ୪୯, ୪୯ଏ, ୪୯ବି, ୫୨ ପ୍ରକାରେ ଅଭିଯୁକ୍ତ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଗୋଦାମ ଗୃହରେ ନିଆଁ : ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ



ଛତ୍ରପୁର, (ସବ୍ୟୁ): ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟ ଗୋଦାମଗୃହରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି । ଶ୍ରୀ କ୍ରିଷ୍ଣା ଏଣ୍ଟ୍ରପ୍ରାଇଜ ନାମକ ସଂସ୍ଥା ଗୋଦାମ ଗୃହରେ ହଠାତ ନିଆଁ ଲାଗି ଯିବା ଦେଖିବାକୁ ପାଇ ସ୍ଥାନୀୟ ବାସିନ୍ଦା ମାନେ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଛତ୍ରପୁର ଓ ବ୍ରହ୍ମପୁର ଅଗ୍ନିଶ୍ରମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

ସୂଚନା ପ୍ରକାରେ ପ୍ରତିଦିନ ପରି ଆଜି ବି ଗୋଦାମ ଖୋଲାଯାଇ କାର୍ଯ୍ୟ ଚାଲିଥିଲା । କର୍ମଚାରୀମାନେ ଗୋଦାମ ବନ୍ଦ କରି ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିବା ବେଳେ ହଠାତ ଗୋଦାମ ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ । ଗୋଦାମ ମାଲିକ ଆସି ସାଙ୍ଗେସାଙ୍ଗେ ଗୋଦାମ ଭିତରୁ ସାମଗ୍ରୀ ବାହାର କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ତାହା ସମ୍ଭବ ହୋଇପାରିନଥିଲା । ଅଗ୍ନିଶ୍ରମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି । ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ଉକ୍ତ ଗୋଦାମ ଗୃହରେ କୁରକୁରି, ଆଚାର, ଘିଅ, ସସ ସହିତ ବିଭିନ୍ନ ଖାଦ୍ୟ ସାମଗ୍ରୀ ରହିଥିଲା ।

## ବିପର୍ଯ୍ୟସ୍ତ ଅଙ୍ଗନବାଡି କେନ୍ଦ୍ର ଓ ପରିଚାଳନା ପ୍ରସଙ୍ଗ

# ଭଞ୍ଜସେନ ପକ୍ଷରୁ ହେବ ରିଲ୍ସ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର ପରିଚାଳନା ଅବ୍ୟବସ୍ଥା ମଧ୍ୟରେ ଗତିକରୁଥିବାରୁ ସରକାରଙ୍କ ପ୍ରଣିତ ମହିଳା ଓ ଶିଶୁଙ୍କ ଯନି ଠାରୁ ସ୍ୱାସ୍ଥ୍ୟ ଓ ପ୍ରାକ ପ୍ରାଥମିକ ଶିକ୍ଷା ଯୋଜନାରେ ଗୁରୁତର ବିଭ୍ରାଟ ପରିଲକ୍ଷିତ ହେଉଛି । ଜିଲ୍ଲାରେ ମୋଟ ୫୧୫୩ଟି ଅଙ୍ଗନବାଡି କେନ୍ଦ୍ର ଥିବାବେଳେ ଅନେକ ମୌଳିକ ସୁବିଧାର ଅଭାବ ଏବଂ ପଦବୀ ଖାଲି ପଡ଼ି ରହିବା ଫଳରେ ଲକ୍ଷାଧିକ ହିତାଧିକାରୀ ପ୍ରଭାବିତ ହେଉଛନ୍ତି । ଜିଲ୍ଲାର ୫୧୫୩ ଅଙ୍ଗନବାଡି କେନ୍ଦ୍ର ଜରିଆରେ ମୋଟ ୧,୯୨,୨୭୬ ହିତାଧିକାରୀ ନିର୍ଭରଶୀଳ । ସେମାନଙ୍କ ମଧ୍ୟରୁ ୧୮୩୭୪ଜଣ ଗର୍ଭବତୀ ମହିଳା ଥିବା ବେଳେ ୧୧୪୨୮ଜଣ ସ୍ତନ୍ୟପାନ ମାଉଛନ୍ତି ।

ସେହିପରି ୧୧,୬୬୬ଜଣ ୦-୬ ମାସର ଶିଶୁ, ୭୮,୩୩୩ଜଣ ୬ମାସରୁ ୩ ବର୍ଷର ଶିଶୁ ୭୨,୪୭୫ଜଣ ୩-୬ ବର୍ଷର ଶିଶୁ ରହିଛନ୍ତି । ଏହି ବିରାଟ ସଂଖ୍ୟକ ହିତାଧିକାରୀଙ୍କ ମଧ୍ୟରୁ ବିଶେଷକରି ଆଦିବାସୀ ଅଞ୍ଚଳର ମହିଳା ଓ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଥମିକ ଶିକ୍ଷା ପ୍ରଦାନ କରିବାର ଦାୟିତ୍ୱ ଅଙ୍ଗନବାଡି କେନ୍ଦ୍ର ଉପରେ ରହିଛି । କିନ୍ତୁ ସୁବିଧାର ଅଭାବ ଏବଂ ଜନବଳର ଅଭାବ ଯୋଗୁଁ ଏହି କାର୍ଯ୍ୟକ୍ରମ ପ୍ରଭାବଶାଳୀ ହୋଇ ପାରୁ ନାହିଁ । କାରଣ ୫୧୩୫ ଅଙ୍ଗନବାଡି କେନ୍ଦ୍ରରୁ ୧୧୮୨ଟିର ନିଜସ୍ୱ ଗୃହ ନଥିବାରୁ ୩୧୩ଟି କେନ୍ଦ୍ର ଭଡ଼ା ଘରେ ୧୧୯୪ଟି ବିଦ୍ୟାଳୟ ପରିସର ଓ ୬୭୫ଟି ଗୋଷ୍ଠୀ ସାଧନ ଗୃହରେ ଚାଲିଛି । ଏମାନଙ୍କ ମଧ୍ୟରୁ ୧୫୯୬ଟି କେନ୍ଦ୍ରରେ ରୋଷେଇ ଘର ନାହିଁ । ୧୭୮୩ଟି କେନ୍ଦ୍ରରେ ପରିମଳ ବ୍ୟବସ୍ଥା ନାହିଁ । ୨୦୧୮ କେନ୍ଦ୍ରରେ ବିଦ୍ୟୁତ୍ ସୁବିଧା ନାହିଁ ତେବେ ଉପଲବ୍ଧ ପାନୀୟ ଜଳ ସୁବିଧା ସମସ୍ତ କେନ୍ଦ୍ରରେ ଥିବା କଥା କୁହାଯାଉଛି, ବାସ୍ତବରେ ଅନେକ ସ୍ଥାନରେ ଏହାର ମଧ୍ୟ ଅଭାବ ଦେଖାଯାଉଛି ।

ଏହି କେନ୍ଦ୍ର ପରିଚାଳନା ପାଇଁ ଜିଲ୍ଲା ମୁଖ୍ୟ ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବାରମ୍ବାର ବଦଳୁଥିବାରୁ ୨ବର୍ଷରେ ପରିଚାଳନା ବିଭ୍ରାଟ ସର୍ବାଧିକ ହୋଇଛି । ବିଗତ ୩ ଅଧିକାରିଣୀ ଅବସର ଗ୍ରହଣ କିଛିଦିନ ପୂର୍ବରୁ ଯୋଗଦେଇ ସମସ୍ତେ ଅବସର ନେଇଥିବାବେଳେ ନୂତନ ଭାବେ ଏବେ ବଦଳି ହୋଇ ଆସୁଥିବା ଅଧିକାରିଣୀ ମଧ୍ୟ ୪ମାସ ପରେ ଅବସର ନେବେ । ବୃହତ୍ତ ଜିଲ୍ଲାର ସ୍ଥିତି ପରଖିବା ବେଳକୁ ତାଙ୍କ କାର୍ଯ୍ୟକାଳ ଶେଷ ଅନ୍ତରାୟ ଆଣୁଛି । ସେହିପରି ଜିଲ୍ଲାର ୨୬ଟି ବ୍ଲକରୁ ୨ଟି ବ୍ଲକରେ ସିଡିପିଓ ପଦବୀ ଖାଲି ପଡିଛି ।

ସେହିପରି ୧୯୨ଟି ସୁପରଭାଇଜର ପଦରୁ ୧୧୯ଟି, ୫୧୫୩ ଅଙ୍ଗନବାଡି କର୍ମୀ ପଦରୁ ୯୮ଟି ଓ ଅଙ୍ଗନବାଡି ସହାୟକା ପଦ ୩୬୧ଟି ଖାଲି ଥିଲେ ହେଁ ପୂରଣ କରାଯାଉନାହିଁ । ଫଳରେ କେନ୍ଦ୍ରଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେଉଛି ଏବଂ ସେବା ପ୍ରଦାନର ମାନ ଖରାପ ହେଉଛି । ଜିଲ୍ଲାର ବହୁ ବୁଦ୍ଧିଜୀବୀ ସମେତ ଛାତ୍ରଛାତ୍ରୀ ମାନଙ୍କର ଅଭିଭାବକ ମାନେ ନିଜ ନିଜର ସ୍ତରରେ ଏହି ଅବ୍ୟବସ୍ଥାର ଶୀଘ୍ର ସମାଧାନ ପାଇଁ ପ୍ରଶାସନକୁ ଦାବି କରିବା ସହିତ ଖାଲି ପଦବୀଗୁଡ଼ିକୁ ପୂରଣ କରିବା, ଅପର୍ଯ୍ୟାପ୍ତ ଭବନ ଓ ସୁବିଧାର ଉନ୍ନତି ଏବଂ ନିୟମିତ ତଦାରଖ ଜରୁରୀ ବୋଲି ମଧ କରିଆସୁଛନ୍ତି ମାତ୍ର ପ୍ରଶାସନ ନିଦାବିଷ୍ଟୁ ସାଜି ବସିରହିଥିବା ଦେଖି ଆଜି ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ, ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ବିପର୍ଯ୍ୟସ୍ଥ ହୋଇପଡିଥିବା ଅଙ୍ଗନବାଡି କେନ୍ଦ୍ର ଓ ଏହାରି ଉପରେ ନିର୍ଭରଶୀଳ ମାଓ ଶିଶୁଙ୍କୁ ତାଙ୍କର ହକ୍ ପ୍ରଦାନ ପାଇଁ ଯଥାଶୀଘ୍ର ସରକାର ଉଚିତ୍ ପଦକ୍ଷେପ ନେବାକୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସାମାଜିକ ଗଣମାଧ୍ୟମ "ଏକ୍ସ (ଟ୍ୱିଟ୍) ଯୋଗେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲାରେ ବିପର୍ଯ୍ୟସ୍ଥ ହୋଇପଡିଥିବା ଅଙ୍ଗନବାଡି ଗୁଡ଼ିକର ସତ୍ୟତା କୁ ପଦାକୁ ଆଣିବା ପାଇଁ ଆଗକୁ ଆକର୍ଷଣୀୟ ପୁରସ୍କାର ରାଶି ସହିତ ହେବ ରିଲ୍ସ ପ୍ରତିଯୋଗିତା ଏବଂ ଯଥାଶୀଘ୍ର ଏପରି ଅବ୍ୟବସ୍ଥାରେ ସୁଧାର ନଆସିଲେ ସଂଗଠନ ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି ।

# ଏମକେସିଜିରେ ୩ କରୋନା ସନ୍ଦିଗ୍ଧ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମକୁ ପୁଣି ଫେରିଛି କରୋନା । ଏମକେସିଜି ମେଡିକାଲରେ ୩ ଜଣ ସନ୍ଦିଗ୍ଧ କୋଭିଡ-୧୯ ରୋଗୀଙ୍କୁ ସ୍ୱତନ୍ତ୍ର ଓ୍ୱାର୍ଡରେ ରଖି ଚିକିତ୍ସା କରାଯାଉଛି । ଆନ୍ଧ୍ରପ୍ରଦେଶରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ତାହା ଏବେ ଗଞ୍ଜାମକୁ ଡେଇଁଥିବା କୁହାଯାଉଛି । ଥଣ୍ଡା, ଜ୍ୱର ଓ କାଶରେ ପିଡିତ ରୋଗୀ ସମେତ ଶ୍ୱାଶକ୍ରିୟାରେ ପିଡିତଙ୍କ କରୋନା ପରୀକ୍ଷା କରିବାକୁ ନିକଟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପରୋକ୍ତ ରୋଗୀଙ୍କ କରୋନା ପରୀକ୍ଷା କରାଯାଉଛି । ଗତ ୨ ଦିନ ଭିତରେ ଗଞ୍ଜାମ ଜିଲାରେ ୩ ଜଣ ସନ୍ଦିଗ୍ଧ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି ।

ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ମହିଳାଙ୍କ ଠାରେ କରୋନା ପଜିଟିଭ ଥିବା ସନ୍ଦେହ ଉପୁଜିବା ପରେ ତାଙ୍କୁ ଅନ୍ୟ ସ୍ୱତନ୍ତ୍ର ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା ।

ସେହିପରି ଏମକେସିଜିର ଜଣେ କର୍ମଚାରୀ ଏବଂ ଗଞ୍ଜାମ ଜିଲାର ଆଉ ଜଣେ ବ୍ୟକ୍ତି କରୋନାରେ ଆକ୍ରାନ୍ତ ଥିବା ପ୍ରାଥମିକ ପରୀକ୍ଷାରୁ ଜଣାପଡିବା ପରେ ସେମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି ।

## ରାମମନ୍ଦିର ଟ୍ରଷ୍ଟରେ ଅର୍ଥ ଆତ୍ମସାତ

# ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବାରିପଦା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ଅଯୋଧ୍ୟା ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ କଥିତ ଅର୍ଥ ଓ ସ୍ୱର୍ଣ୍ଣ ଅଳଙ୍କାର ଆତ୍ମସାତ ଘଟଣାକୁ କଂଗ୍ରେସ ନେତୃବୃନ୍ଦ ବିରୋଧ କରିବା ସହିତ ନିନ୍ଦା କରିଥିଲେ । ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ବାରିପଦାବାର ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, କଂଗ୍ରେସ ଆଦିବାସୀ ସେଲର ରାଜ୍ୟ ଉପାଧ୍ୟକ୍ଷ ଚୈତନ ହାଁସଦାଃ ଏବଂ ଜିଲ୍ଲା କଂଗ୍ରେସ ଉପସଭାପତି ନାରାୟଣ ପଟ୍ଟନାୟକ କହିଥିଲେ ଯେ, ରାମ ଜନ୍ମଭୂମି ଟ୍ରଷ୍ଟରେ ଭକ୍ତମାନଙ୍କ ଦ୍ୱାରା ଦାନ କରାଯାଇଥିବା ହଜାର ହଜାର କୋଟି ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାରର ଲୁଟ୍‌କୁ ଘୋରନିନ୍ଦା କରିଛନ୍ତି । ସେମାନେ ଏହାକୁ ଏକ ଲଜ୍ଜାଜନକ ଘଟଣା ଭାବରେ ଚିତ୍ରଣ କରିଛନ୍ତି ।

ଘଟଣାର ନିରପେକ୍ଷ ତଦନ୍ତ ସହିତ ଏହାର ଚେର ଆହୁରି ଉପର ପର୍ଯ୍ୟନ୍ତ ଯାଇଥିବା ଦାବି କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅଭିଯୋଗ କରି କହିଥିଲେ ଯେ, ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନିରବତା ଦୁର୍ଭାଗ୍ୟଜନକ ଏବଂ ଏହା ଭକ୍ତମାନଙ୍କର ଆସ୍ଥା ଓ ଭାବାବେଗ ସହ ବିଶ୍ୱାସଘାତ ସଦୃଶ । ସେ ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ସ୍ୱଚ୍ଛ ତଦନ୍ତର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସଞ୍ଜୀବ କୁମାର ପଣ୍ଡା, ଅସିତ ଦାସ, ବନମାଳୀ ବାରିକ, ରଣା ସତ୍ୟକାମ ସେନାପତି, ପ୍ରଫୁଲ୍ଲ ଦାସ, ଚନ୍ଦନ କିସ୍କୁ, ରତନ ମହାନ୍ତ, ସୁନାରାମ ସୋରେନ, ଉତ୍ତମ ବେହେରା, ଶଶୀ ଯାଦବ, ଅଭିଷେକ ଯାଦବ, ନାରୀ ନେତ୍ରୀ ସବିତା ସୋରେନ, ସମର ଦାସ, ଜୀବନ ବାରିକ,ଅନୁସୂଚିତ ଜାତି ସେଲର ଜିଲ୍ଲା ସଭାପତି ସସ୍ମିତା ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ।

## ଆଇନଜୀବୀ ମାନସ ବେହେରା

# ବିଶ୍ୱହିନ୍ଦୁ ସେବା ସଂଘର ଜିଲ୍ଲା ସଭାପତି



ବାରିପଦା, (ସବ୍ୟୁ) : ବିଶ୍ୱହିନ୍ଦୁ ସେବାସଙ୍ଘର ଓଡିଶା ପ୍ରଦେଶ ଅଧ୍ୟକ୍ଷ ରଙ୍ଗେୟ ଷଡ଼ଙ୍ଗୀଙ୍କ ଅନୁମୋଦନ କ୍ରମେ ଆଇନଜୀବୀ ମାନସ ରଞ୍ଜନ ବେହେରାଙ୍କୁ ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ଷଡ଼ଙ୍ଗୀଙ୍କ ଦ୍ୱାରା ଜାରି ନିଯୁକ୍ତି ପତ୍ରରେ ଜିଲ୍ଲାରେ ସଂଗଠନର ବିସ୍ତାର ସହିତ ଜନସେବା ଗତିବିଧିକୁ ମଜଭୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ନିଯୁକ୍ତି ପତ୍ର ଅନୁସାରେ ଜିଲ୍ଲାସଭାପତି ମାନସ ରଞ୍ଜନ ବେହେରା ଉପଖଣ୍ଡ, ବ୍ଲକ, ତଥା ଗ୍ରାମସ୍ତରର ସାଙ୍ଗଠନିକ ସ୍ତରକୁ ସୁଦୃଢ କରିବା ସହିତ, ସାମାଜିକସେବା, ସାଂସ୍କୃତିକ ସଂଗ୍ରକ୍ଷଣ ତଥା ରାଷ୍ଟ୍ରହିତରେ ଯୋଡିତ କାର୍ଯ୍ୟକୁ ଆଗକୁ ବଢ଼ାଇବେ । ଜିଲ୍ଲାସଭାପତି ନିଯୁକ୍ତି ପରେ ଶ୍ରୀ ବେହେରା ସଙ୍ଗଠନର ପଦାଧିକାରୀ ତଥା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ରଥଯାତ୍ରା ସ୍ୱତନ୍ତ୍ର ସେବା ଶିବିର

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ରଥଯାତ୍ରା ସ୍ୱତନ୍ତ୍ର ସେବା ଶିବିର୨୦୨୬' ଆୟୋଜିତ ହୋଇଯାଇଛି । ଏହି ସେବା ଶିବିରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଦଘାଟନ କରି ନିଜ ବକ୍ତବ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରାରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାନଙ୍କର ନିଷ୍ଠାପର ସେବା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ବିଷୟ ଏବଂ ସମାଜ ପାଇଁ ପ୍ରେରଣାଦାୟକ ବୋଲି କହିବା ସହ ଯୁବପିଢ଼ି ମଧ୍ୟରେ ସେବା, ସହଯୋଗ ଓ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବାରେ ଏନ୍‌ଏସ୍‌ଏସ୍‌ର ଭୂମିକା ଅତୁଳନୀୟ ବୋଲି ଅଭିହିତ କରିଥିଲେ ।

ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପିଜି ପୁରୁଷ ଓ ମହିଳାୟୁନିଟ୍ ସମେତ ଏମ୍‌ପିସି କଲେଜ, ମହିଳା ମହାବିଦ୍ୟାଳୟ, ବାରିପଦା କଲେଜ, ଏମ୍‌ସିଏଏମ୍ କଲେଜ, ଏସ୍‌ସିବି କଲେଜ, ବିବି କଲେଜ ଏବଂ ଶ୍ରୀମା ମହାବିଦ୍ୟାଳୟର ପ୍ରାୟ ୧୫୦ଜଣ ସ୍ୱେଚ୍ଛାସେବୀ ଏନ୍‌ଏସ୍‌ଏସ୍‌ର ନଟ୍ ମି ବଟ୍‌ୟୁ ଆଦର୍ଶକୁ ବାସ୍ତବ ରୂପ ଦେଇ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସ୍ୱେଚ୍ଛାସେବୀମାନେ ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ପରିବେଶ ପରିଷ୍କାର, ଶ୍ରଦ୍ଧାଳୁଙ୍କୁ ମାର୍ଗଦର୍ଶନ, ଶୃଙ୍ଖଳା ରକ୍ଷା, ପାନୀୟ ଜଳ ବଣ୍ଟନ ଏବଂ ଆବଶ୍ୟକ ସ୍ଥଳରେ ଜିଲ୍ଲା ପ୍ରଶାସନ ଓ ପୁଲିସକୁ ସହଯୋଗ ପ୍ରଦାନ କରିଥିଲେ ।

ଏନ୍‌ଏସ୍‌ଏସ୍ ବ୍ୟୁରୋର ସଂଯୋଜକ ଡଃ ପ୍ରିୟ ରଞ୍ଜନ ଦେବତାଙ୍କ ତତ୍ତ୍ୱାବଧାନରେ ପିଜି ପୁରୁଷୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡଃ ଯତୀନ୍ଦ୍ରନାଥ ବେଶ୍ରା, ପିଜି ମହିଳାୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟଙ୍କା ଦାସ ଏବଂ ଅଂଶଗ୍ରହଣକାରୀ ମହାବିଦ୍ୟାଳୟମାନଙ୍କର କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା, ରୂପାଲି ବିଶୋଇ, ସୁଶ୍ରୀ ନାୟକ, ଯମୁନା ମାଝୀ, ଜ୍ୟୋତ୍ସ୍ନା ରାଣୀ ଦତ୍ତ, ସରୋଜ କୁମାର ବେହେରା, ଆନନ୍ଦ ଶଙ୍କର ଆଚାର୍ଯ୍ୟ, ମିସ୍ ସ୍ୱର୍ଣ୍ଣକାନ୍ତା ଓ ଡଃ ପ୍ରିୟନ୍ରତା ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏହାବ୍ୟତୀତ ଏନ୍‌ଏସ୍‌ଏସ୍ ବ୍ୟୁରୋର କର୍ମଚାରୀ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ଓ ସୁନେଲିକା ପ୍ରହରାଜ ପ୍ରମୁଖ ସହଯୋଗ କରିଥିଲେ ।

# ଗୋପାଳପୁର କଲେଜରେ ନବସୃଜନ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର କଲେଜରେ ଆଜି ଆକ୍ୟୁଏସି ଦ୍ୱାରା ଆୟୋଜିତ ସେନ୍ସିଟାଇଜେଶନ ପ୍ରୋଗ୍ରାମ ଅନ ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗୀତା-୨୦୨୬ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼ ରାମ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବାଣିଜ୍ୟ ବିଭାଗ ଅଧ୍ୟାପିକା ଡ଼. ନିହାରିକା ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ ।

ଏଥିରେ କେନ୍ଦ୍ରୀୟ ଏକ୍ସାଇଜର ପୂର୍ବତନ ଜିଏସଟି କମିଶନର ପ୍ରଣବ କୁମାର ମିଶ୍ର, ପାରଳା ଯାନ୍ତ୍ରିକ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼. ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ ଛାତ୍ର, ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସ୍ଥାନୀୟ ସମସ୍ୟାର ସମାଧାନ, ସହଜ ଜୀବନ ଯାପନ, ଦୈନନ୍ଦିନ କାର୍ଯ୍ୟକଳାପ, ଷ୍ଟାର୍ଟଅପ୍ ଏବଂ ବ୍ୟବସାୟିକ ଧାରଣା ଉପରେ ଆଲୋକପାତ କରିଥିଲେ । ଆକ୍ୟୁଏସିର ସଂଯୋଜକ ଡ଼.ମାନସ ରଞ୍ଜନ ମିଶ୍ର ଓ ଚଳିତ ଶିକ୍ଷାବର୍ଷର ଦେବୀ ପ୍ରସାଦ ପାଢ଼ୀ ନିଜନିଜ ମତ ପ୍ରକାଶ କରିଥିଲେ । ଇଂରାଜୀ ବିଭାଗ ଅଧ୍ୟାପିକା ଡ଼. ମୌସୁମୀ ପାଢ଼ୀ ଧନ୍ୟବାଦ ଦେଇଥିଲେ ।

## ଜାତୀୟ ଯୋଗାସନ ପ୍ରତିଯୋଗିତା

# ଭାଗ ନେବେ ମୟୂରଭଞ୍ଜର ୭ ପ୍ରତିଯୋଗୀ




ବାରିପଦା, (ସବ୍ୟୁ) : ରାଜସ୍ଥାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୋଗାସନ ସବ ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ମୟୂରଭଞ୍ଜର ୫ଜଣ ଓ ପାଟନାରେ ସିନିୟର ବିଭାଗର ୨ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି।

ପ୍ରକାଶ ଥାଉକି ଚଳିତ ମାସ ଓଡିଶା ଯୋଗ ଏସୋସିଏସନ ଦ୍ୱାରା କଟକ ଠାରେ ଅନୁଷ୍ଠିତ ୩୨ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଂଜ ଜିଲ୍ଲାରୁ ସର୍ବମୋଟ ୬୧ଜଣ ବାଳକ ଓ ବାଳିକା ଏବଂ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିବା ବେଳେ ସବ ଜୁନିୟର ଓ ଜୁନିୟର ବିଭାଗରେ ବିଜୟଲକ୍ଷ୍ମୀ ଗିରି ୩ୟ ସ୍ଥାନ, ନିହାର ରଞ୍ଜନ ସାହୁ ୨ୟ, ବିଷ୍ଣୁ ପ୍ରସାଦ ସାମଲ ୨ୟ, କ୍ରିଷ୍ଣା ନାୟକ ୧ମ ଓ ବିଶ୍ୱଜିତ ମହାନ୍ତି ୨ୟ ସ୍ଥାନ ଏବଂ ସିନିୟର ବିଭାଗରେ ଶିବଶଙ୍କର ଦାସ ୧ମ ଓ ପ୍ରକାଶ ବେହେରା ୨ୟ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତତ୍‌ସହିତ ଶୁଭଶ୍ରୀ ନିକିତା ଜେନା ୫ମ, ଶୁଭ୍ରାଂଶୁ ପୃଷ୍ଟି ୬ଷ୍ଠ, ପ୍ରସାଦ ବାରିକ ୫ମ, ପ୍ରିୟାଂଶି ପୃଷ୍ଟି ୬ଷ୍ଠ, ବିଷ୍ଣୁ ଶିବରାଜ ସୋରେନ ୪ର୍ଥ, ଯାଜ୍ଞଶିନୀ ସାହୁ ୬ଷ୍ଠ, ସଂଗୀତା ପାଢ଼ୀ ୪ର୍ଥ, ରୁପମ ମଣ୍ଡଳ ୫ମ, ନେହା ଅଗ୍ରଓ୍ୱାଲ ୫ମ, ଦେବାଶିଷ ବାରିକ ୫ମ ଓ ଆରତୀ ସିଂ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଏବଂ କ୍ରିଷ୍ଣା ନାୟକ "ଯୋଗ କୁମାର ଓ ଶିବଶଙ୍କର ଦାସ ଯୋଗଶ୍ରୀ ଉପାଧି ଲାଭ କରିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଡ଼ଃ ସୁଭାଶିଷ ନାୟକ କୃତୀ ପ୍ରତଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି।

## ନିଟ୍ ପ୍ରବେଶିକା ପରୀକ୍ଷା -୨୦୨୬

# ସରସ୍ୱତୀବିଦ୍ୟାମନ୍ଦିରନୀଳକଣ୍ଠନଗରରସଫଳତା




ବ୍ରହ୍ମପୁର, (ସବ୍ୟୁ) : ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଂଚାଳନା କରାଯାଇଥିବା "ନିଟ୍-୨୦୨୬' ଯୁଗ୍ମ ପ୍ରବେଶିକା ପରୀକ୍ଷାଫଳ ଗୁରୁବାର ଦିନ ପ୍ରକାଶ ପାଇଛି ।

ପ୍ରକାଶଯୋଗ୍ୟ, ସବୁ ବର୍ଷ ଭଳି ଚଳିତବର୍ଷ ମଧ୍ୟ ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ଶ୍ରେଣୀକକ୍ଷରେ ମେଡ଼ିକାଲ୍ ପାଠ୍ୟକ୍ରମ ପାଇଁ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀ ଏହି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଅଭୂତପୂର୍ବ ସଫଳତାର ସହ କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ଆନୁପାତିକ ଭିତିରେ ପୁନର୍ବାର ଓଡ଼ିଶାରେ ଏହା ସଫଳତାର ସର୍ବୋତମ ସ୍ଥାନ ଅଧିକାର କରିଛି । ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ଏହି ଅନୁଷ୍ଠାନରୁ ୬୦୦ରୁ ଉଦ୍ଧ୍ୱର୍ ୧୮ ଜଣ, ୫୫୦ରୁ ଉଦ୍ଧ୍ୱର୍ ୯୦ ଜଣ ଏବଂ ୫୦୦ରୁ ଉର୍ଦ୍ଧ୍ୱ ୨୦୨ ଜଣ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ।

ସେମାନଙ୍କ ମଧ୍ୟରୁ ଗୌରାଙ୍ଗ ପାଢ଼ୀ ୬୪୩, ଦେବାଶିଷ ରଥ ୬୩୯, ବିଭୂଦତ ପୃଷ୍ଟି ୬୩୨, ଆଶୁତୋଷ ମହାନ୍ତି ୬୨୯, ସୋହନ ଦାଶ ୬୨୮, ଅଙ୍କିତା ଭୂୟାଁ ୬୨୫, ସ୍ୱୟଂଶଛି ପ୍ରଧାନ ୬୨୦, ଜସ୍ମିନ ପାଣିଗ୍ରାହୀ ୬୧୯, ମାନସ କୁମାର ନାୟକ ୬୧୫, ସନ୍ତୋଷ କୁମାର ଜେନା ୬୧୦, ଶୁଭ ପ୍ରସାଦ ପଣ୍ଡା ୬୦୭, କେ. ସନ୍ଦିପ କୁମାର ୬୦୭, କେଶବ ଚନ୍ଦ୍ର ପରିଡ଼ା ୬୦୬, ଅଂଶୁମାନ ସାହୁ ୬୦୬, ଏସ୍. ଜ୍ୟୋତି ରେଡ଼ିଁ ୬୦୫, ଜେ. ସାଇଶ୍ରୀ ପୃଷ୍ଟି ୬୦୧, ଅମିତ କୁମାର ବିଶ୍ୱାଳ ୬୦୧, ମହାପ୍ରସାଦ ଦାଶ ୫୯୮, ବିଭୂତି ଭୂଷଣ ପଣ୍ଡା ୫୯୭, ଶୁଭାଶିଷ ସ୍ୱାଇଁ ୫୯୬, ସତ୍ୟନାରାୟଣ ସାହୁ ୫୯୪, ଦେବାଶିଷ ପାଣିଗ୍ରାହୀ ୫୯୨, ସତ୍ରିନା ରାଉତ ୫୯୨, ଧିରୋଜ ସ୍ୱାଇଁ ୫୯୧, କୃଷ୍ଣ ଚନ୍ଦ୍ର ରଥ ୫୯୧, ପି. ସ୍ୱସ୍ତିକ ପୃଷ୍ଟି ୫୯୦, ସୁଦାମ ବିଶ୍ୱାଳ ୫୯୦, ଶ୍ରୀଧର ସାବତ ୫୯୦, ଭଜନାନନ୍ଦ ନାୟକ ୫୮୮, ଆୟୁଷ କୁମାର ବାଡ଼ତ୍ୟା ୫୮୮, ସନତ କୁମାର ପଣ୍ଡା ୫୮୭, କିରନ ଜେନା ୫୮୬, ମନିଶ ସାହୁ ୫୮୫, ଆଲୋକ ରାଉତ ୫୮୨, ବିନାୟକ ସାହୁ ୫୮୧, ଦୃତିକୃଷ୍ଣ ପରିଡ଼ା ୫୮୦, ଭାଜା ସୁଜ୍ଞାନୀ ୫୮୦, ସ୍ମୃତି ରାଣୀ ମିଶ୍ର ୫୭୮, ରୁଦ୍ର ପ୍ରସାଦ ସାହୁ ୫୭୮, ସୂଚନା ପାଢ଼ୀ ୫୭୭, ନବୀନ ମହାଙ୍କୁଡ଼ ୫୭୬, ଶୁଭଶ୍ରୀ ସାହୁ ୫୭୬, ବି. ସ୍ୱୟଂ ସୁବୁଦ୍ଧି ୫୭୬, ବାଣିଶ୍ରୀ ତାରିଣୀ ୫୭୫, ତୁଳସୀ ପ୍ରଧାନ ୫୭୫, ସଜ୍ଞାଦେବୀ ଜେନା ୫୭୫, ସ୍ୱୟଂ ଆରିୟନ ପଣ୍ଡା ୫୭୩, ସ୍ୱସ୍ତିକ ସାହୁ ୫୭୨, ସୁଶ୍ରୀ ସଙ୍ଗୀତା ସାହୁ ୫୭୧, ଅମିତ ରଥ ୫୭୦, ତନ୍ମୟ ଆଚାର୍ଯ୍ୟ ୫୭୦, ସୌମ୍ୟାରାଣୀ ଦୋରା ୫୬୯, ମଧୁସ୍ମିତା ନାହାକ ୫୬୯, ବିଶାଖା ତରାଇ ୫୬୮, ଜଶସ୍ୱୀ କୁମାର ସାହୁ ୫୬୮, ପୂର୍ଣ୍ଣିମା ସେନାପତି ୫୬୮, ରୁଦ୍ରନାରାୟଣ ପଣ୍ଡା ୫୬୭, ଶିବବ୍ରତ ଗିରି ୫୬୭, ଆଦିତ୍ୟ ପ୍ରସାଦ ଦାଶ ୫୬୬, ପ୍ରତିକ୍ଷା ପାତ୍ର ୫୬୫, ସୁନିତି ପ୍ରଧାନ ୫୬୪, ଲିପ୍ସାରାଣୀ ବେହେରା ୫୬୪, ଇତିଶ୍ରୀ ବେହେରା ୫୬୩, ଶକ୍ତି ଶିବ ଚୌଧୁରୀ ୫୬୨, ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ ୫୬୨, ପ୍ରିୟଦର୍ଶିନୀ ନାୟକ ୫୬୧, ତାରିଣୀ ପ୍ରସାଦ ୫୬୧, ବିଭୂ ପ୍ରସାଦ ସେଠୀ ୫୬୦, ପ୍ରଜ୍ଞାରାଣୀ ଦଳାଇ ୫୫୯, ରୁଦ୍ରନାରାୟଣ ତ୍ରିପାଠୀ ୫୫୯, ନାରାୟଣ ଦାଶ ୫୫୭, ଓମ୍ ପ୍ରକାଶ ନାୟକ ୫୫୬, ଶଶାଙ୍କ କୁମାର ସାହୁ ୫୫୪, ବି. ରମେଶ ରେଡ଼ିଁ ୫୫୪, ସୁଧାସ୍ମିତା ସାହୁ ୫୫୪, ସମ୍ବିତ୍ ଶେଖର ତରାଇ ୫୫୩, ଦେବସ୍ମିତା ରାଉତ ୫୫୨, ସଂସ୍କୃତି ପତି ୫୫୧, ଦିପ୍ତୀମୟି ଗୌଡ଼ ୫୫୧, ଆର୍ଶିବାଦ ବେହେରା ୫୫୧, ଦିବ୍ୟଜ୍ୟୋତି ତ୍ରିପାଠୀ ୫୫୧, ଅଂଶୁମାନ ମହାରଣା ୫୫୦, କରିସ୍ମା ରାଓ ୫୫୦, ଦୟାନିଧି ମାଝୀ ୫୫୦, ହରି ଶଙ୍କର କର ୫୫୦, ସୁମନ ପଣ୍ଡା ୫୫୦, ବାବୁଲା ପ୍ରଧାନ ୫୫୦, ଶିଖା ପଣ୍ଡା ୫୫୦, ସୂର୍ଯ୍ୟକାନ୍ତ ଧଳ ୫୫୦ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ।

ଏହି ସଫଳତା ପାଇଁ ଆମ୍ଭ କୋଚିଂ ଡିଭିଜନ୍‌ର ସର୍ବଭାରତୀୟ ସ୍ତରର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି । ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଏବଂ ଶୃଙ୍ଖଳା ଦ୍ୱାରା ଏହି ସଫଳତା ପ୍ରାପ୍ତ ହୋଇଛି । ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର କର୍ମକର୍ତ୍ତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଅଜଣା ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ରଘୁନାଥପୁର ,(ସବ୍ୟୁ) :ସୋମବାର ରାତିରେ ରଘୁନାଥପୁର ଥାନା ଅନ୍ତର୍ଗତ କଟକ- ପାରାଦୀପ ରାସ୍ତାର ତାରାପୁର ବାଇପାସ ଠାରୁ ୫ ଶହ ମିଟର ଦୂରିରେ ଏକ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ବଡମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୃତ ଯୁବକ ଜଣଙ୍କ ହେଲେ ମୟୂରଭଞ୍ଜ ଜିଲ୍ଲା ବେତିଙ୍ଗା ଥାନା ଖୁଣ୍ଟପୁର ଗ୍ରାମର ସୁରେନ୍ଦ୍ର ସିଂ ଙ୍କ ପୁଅ ଶଙ୍କରା ସିଂ (୩୫) ।ଗୁରୁତର ଯୁବକ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ବର୍ତ୍ତି ଗ୍ରାମର ଚୈତନ ସିଂଙ୍କ ପୁଅ ରାମ ସିଂ (୨୧) ।ମୃତ ଶଙ୍କରା ବର୍ତ୍ତିଗ୍ରାମରେ ନିଜ ବନ୍ଧୁଘରେ ରହି ସ୍ଥାନୀୟ ଇଟାଭାଟିରେ କାମ କରୁଥିଲେ ।ଉଭୟ ରାମ ଓ ଶଙ୍କରା ଏକ ବାଇକରେ ତାରାପୁରରୁ ଘରକୁ ଫେରୁଥିବା ବେଳେ ଉକ୍ତ ସ୍ଥାନରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଚାଲିଯାଇଥିଲା ।ଏ ସମ୍ପର୍କରେ ଥାନାରେ ୧୩୩/୨୬ ନଂ କେସ ରୁଜୁ କରାଯାଇଥିବା ଏଏସଆଇ ରଞ୍ଜିତ କୁମାର ରାଉତ ସୂଚନା ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପାରାଦୀପ,( ଜି ପ୍ର ) :ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଙ୍ଘ (ଓଷେଲିଆ ) ଜଗତସିଂହପୁର ଜିଲ୍ଲା ତରଫରୁ ଆଜି ଦାବିପତ୍ର ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଉପ- ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ସଂଯୋଜକ ଚଗଲି ଚରଣ ସାଓଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୦୦ ରୁ ଉର୍ଦ୍ଧ୍ୱ ଅଧ୍ୟାପକ କର୍ମଚାରୀ ଯୋଗ ଦେଇଥିଲେ । ସଙ୍ଘର ଏକମାତ୍ର ଦାବି ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନ ପ୍ରଦାନ କରାଯାଉ । ସରକାର ଛାତ୍ରଛାତ୍ରୀଙ୍କ କେଜି ରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା କରିଛନ୍ତି, କିନ୍ତୁ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଦୀର୍ଘ ୧୮ ବର୍ଷ ହେବ ସରକାରୀ ଦରମା ପାଉନାହାନ୍ତି । ସରକାର ଏଥି ପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସଙ୍ଘ ଦାବି କରିଛି ।

# ଧସୁଛି ବାଘୁଆମେଦି କଲଭର୍ଟ

ମହାକାଳପଡ଼ା,(ସବ୍ୟୁ ):କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ବଉଳକଣା ପଂଚାୟତ ଅନ୍ତର୍ଗତ ବାଘୁଆମେଦି ଗାଁ ମୁଖ୍ୟ ରାସ୍ତା ମଝିରେ ଥିବା କଲଭର୍ଟ ଟି ମରାମତି ଅଭାବରୁ ଧସୁଛି । କଲଭର୍ଟର ସାଇଡ ଓ୍ୱାଲ ମଝିରୁ ମାଟି ଧୋଇଯିବାରୁ କଂକ୍ରିଟ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି ।ଏପରିକି ଖଣ୍ଡ ଖଣ୍ଡ ହୋଇ ବାହାରିପଡୁଥିବା ଢଳେଇ କୁ ଯୋଡି ଲୋକେ ପାର ଉତ୍ତାର ହେଉଛନ୍ତି । ସାଧାରଣ ରେ ବାଟୋଇ ପାଦରେ ଚାଲି ଯିବା ସହଜ ସାପେକ୍ଷ ହେଉନାହିଁ ।ଏଭଳି ସ୍ଥଳେ ସେହି ବାଟ ଦେଇ ବାଇକ ଯିବା କଷ୍ଟ ହେଉଥିବା ବେଳେ ଚାରିଚକିଆ କଥା ପଚାରେ କିଏ? ଗାଁ ମଝିରେ ସ୍କୁଲ ଓ ଅଙ୍ଗନଓ୍ୱାଡି କେନ୍ଦ୍ର ରହିଥିବା ରୁ କୋମଳ ମତି ଶିଶୁ ବିପଦ ସଂକୁଳ ଭିତରେ ଯିବା ଆସିବା କରୁଛନ୍ତି । ଦୀର୍ଘ ଦିନ ହେବ ଏଭଳି ଅବସ୍ଥା ଲାଗିରହିଥିଲେ ବି ପ୍ରଶାସନ ଆଢୁଆଳରେ ସମସ୍ୟା ର ସୁଧାର ଆସୁନି । ଗାଁ ଲୋକଙ୍କ ଏହି ମୁଖ୍ୟ ସମସ୍ୟା ର ତ୍ୱରିତ ସମାଧାନ ଗାଁ ର ମୁରବି ମାନେ ଦାବି କରନ୍ତି ।

# ସେକ ପିର ବ୍ଲକ କଂଗ୍ରେସ ଉପସଭାପତି

ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ କଂଗ୍ରେସ କମିଟି କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଘୋଷଣା କରିଛନ୍ତି। ସାଲେପୁର ବ୍ଲକ କଂଗ୍ରେସ ସଭାପତି ଭାବେ ପୂର୍ବରୁ ସରୋଜ କର



ନିଯୁକ୍ତି ପାଇଥିବା ବେଳେ ଏବେ ବ୍ଲକ ଆଡଭାଇଜର କମିଟି ଓ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ ବ୍ଲକର ସମସ୍ତ ପଂଚାୟତ ସଭାପତି ନିଯୁକ୍ତ ହୋଇଛନ୍ତି। ବ୍ଲକ କଂଗ୍ରେସ ଉପସଭାପତି ଭାବେ ସେକ ପିର ବକ୍ସଙ୍କୁ ନିଯୁକ୍ତି ମିଳିଥିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ନବ ନିଯୁକ୍ତ ବ୍ଲକ କଂଗ୍ରେସ ଉପସଭାପତି ସେକ ପିର ବକ୍ସ ତାଙ୍କ ପ୍ରତି ଦଳ ଭରଷା ରଖି ନିଯୁକ୍ତି କରିଥିବାରୁ ବ୍ଲକ କଂଗ୍ରେସ ସଭାପତି ସରୋଜ କର ଓ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଓ ସର୍ବପରେ ସାଲେପୁର କଂଗ୍ରେସ ନେତା ଆକ୍ୟୁବ ଖାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସାନ ଭାଇକୁ ଘରୁ ତଡିଲା, ମାମଲା ଥାନାରେ

ନିମାପଡା,(ସବ୍ୟୁ): ପୈତୃକ ସଂପତିକୁ ନେଇ ଭାଇ ଭାଇମଧ୍ୟରେ ବିବାଦ ଦେଖାଦେଇଛି।ବଡ ଭାଇ ସାନ ଭାଇକୁ ଘରୁ ତଡିଦେବାରୁ ସେ ଏବେ ବାସହରା ହୋଇପଡିଛନ୍ତି। ଏଭଳି ଘଟଣା ଚାରିଛକ ଥାନା ଅନ୍ତର୍ଗତ ତମ୍ପାଲୋ ପଞ୍ଚାୟତ ଆଶାପୂରଣ ଗ୍ରାମରେ ଘଟିଛି। ଘରୁ ବିତାଡିତ ହୋଇଥିବା ସାନ ଭାଇର ଅଭିଯୋଗକ୍ରମେ ଚାରିଛକ ପୁଲିସ ମଙ୍ଗଳବାର ଦିନ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଶାପୂରଣ ଗ୍ରାମର ହେମନ୍ତ ସେନାପତି (୬୩) ତାଙ୍କ ଚାଳ ଛପର ଘରେ ରୋଷେଇ କରୁଥିବା ସମୟରେ ତାଙ୍କ ବଡ ଭାଇ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ ବୋହୁ ଓ ଦୁଇ ନାତୁଣି ପ୍ରମୁଖ ଜୋର ଜବରଦସ୍ତ ଘର ଭିତରେ ପଶି ଘର ଭିତରେ ଥିବା ଆସବବାପତ୍ର ଫୋପଡା ଫିଙ୍ଗା କରିବା ସହିତ ହେମନ୍ତଙ୍କୁ ଧକ୍କାମାରି ଘରୁ ବାହାର କରି ଦେଇଥିଲେ। ପରେ ବଡ ଭାଇ ପୂର୍ଣ୍ଣଚନ୍ଦ୍ରଙ୍କ ଘରର ଆସବବାପତ୍ର ଆଣି ସେ ଘରେ ରଖି ଘରଟିକୁ ଜୋର ଜବରଦସ୍ତ ଅକ୍ତିଆର କରି ରଖିଛନ୍ତି । ଫଳରେ ହେମନ୍ତ ବାସହରା ହୋଇ ରୋଷାଇ କରି ନପାରି ଉପାସରେ ରହିଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ହେମନ୍ତ ଜଣେ ନିରୀହ ଓ ଅସୁସ୍ଥ ବ୍ୟକ୍ତି ହୋଇଥିବାରୁ ସେମାନଙ୍କ ସହିତ ବଚସା ନକରି ଥାନାର ଦ୍ୱାରସ୍ଥ ହୋଇଥିଲେ। ବାସ ଗୃହ ଫେରାଇବା ସହିତ ଅଭିଯୁକ୍ତମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗକାରୀ ବୃଦ୍ଧ ହେମନ୍ତ ପୁଲିସ ନିକଟରେ ଦାବୀ କରିଛନ୍ତି ।

# ମୁକୁଳା ଡ୍ରେନ ଏବେ ମୃତ୍ୟୁଯନ୍ତା

ଗୋପ,(ସବ୍ୟୁ): ଗତ କିଛି ବର୍ଷ ଧରି ଗୋପ ବଜାରରେ ଥିବା ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଏବେ ଗୋପ ବଜାରର ବିଭିନ୍ନ ପାଶ୍ୱର୍ରେ ଥିବ ଡ୍ରେନରେ ଘୋଡଣି ନଥିବାରୁ ଏବେ ଡ୍ରେନେଜ ବ୍ୟବସ୍ଥା ମୃତୁର ଯନ୍ତା ପାଲଟିଛି ।ଗତ କିଛି ଦିନ ଧରି ଲଗାଣ ବର୍ଷାରେ ଗୋପ ବଜାରରେ ପାଣି ନିଷ୍କାସନ ନହୋଇ ପାରି ରାସ୍ତାର ଉଭୟ ପାଶ୍ୱର୍ରେ ଜମିରହି ପୂର୍ତ୍ତ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେଉଥିଲା ବେଳେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା ।ତେବ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ପୂର୍ତ୍ତ ବିଭାଗ କାର୍ଯ୍ୟ କରିବା ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ କରିବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଗୋପ ବ୍ଲକ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ତରବରିଆ ଭାବରେ ଡ୍ରେନକୁ ସଫା କରି ଘୋଡାଣିକୁ ଭାଙ୍ଗି ରୁଜି ଦେବା ସହିତ ଅଧାରେ ସଫେଇ କାର୍ଯ୍ୟ ଛାଡି ଫେରାର ।ପୂର୍ବ ଭଳି ଅସରାଏ ବର୍ଷାରେ ଗୋପ ବଜାରର ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।ତେବେ ଡ୍ରେନ ଉପରେ ଘୋଡଣି ନଥିବାରୁ ବିପଦ ସୃଷ୍ଟି ହୋଇଛି ବିଭିନ୍ନ ସମୟରେ ଘଟଣା ଦୁର୍ଘଟଣା ଘଟୁଥିବା ବେଳେ ଗୋପ ବ୍ଲକ ସ୍ୱଚ୍ଛ ଭାରତ ବିଭାଗ ଓ ପୂର୍ତ୍ତ ବିଭାଗ ନିରବ ଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟ ଜନକ ।ତେବେ ଏସମ୍ପର୍କରେ ଗୋପ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଆଶିଷ କୁମାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି ଆମେ ସଫା କରିନୁ ।କିଏବି କରିଛି ଆମ ପାଖରେ ଖବର ନାହିଁ ।

# ନୂଆ ମଦ ଦୋକାନକୁ ତୀବ୍ର ବିରୋଧ

ଯାଜପୁର ,(ସବ୍ୟୁ) :ଯାଜପୁର ଟାଉନର ୧ ନମ୍ବର ଓ୍ୱାର୍ଡରେ ପୂର୍ବରୁ ଏକ ବିଦେଶୀ ମଦ ଦୋକାନ ଓ ଏକ ବାର କାର୍ଯ୍ୟକ୍ଷମ ଥିବାବେଳେ ସେହି ଅଞ୍ଚଳରେ ଆଉ ଏକ ନୂଆ ମଦ ଦୋକାନ ଖୋଲିବାକୁ ଉଦ୍ୟମ ଚାଲିଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଛି । ମଙ୍ଗଳବାର ଗ୍ରାମବାସୀ, ସ୍ଥାନୀୟ ସ୍କୁଲର ଗୁରୁମା ଓ ଗୁରୁଜି, ବହୁ ସଂଖ୍ୟକ ମହିଳା ଏବଂ ସାମାଜିକ କର୍ମୀମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳ ଏବଂ ଜିଲ୍ଲା ଅବକାରୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ପ୍ରସ୍ତାବିତ ମଦ ଦୋକାନର ଅନୁମତି ବାତିଲ କରିବାକୁ ସେମାନେ ଦାବି ଜଣାଇଛନ୍ତି । ବିକ୍ଷୋଭକାରୀମାନଙ୍କ କହିବା ଅନୁଯାୟୀ, ସମ୍ପୃକ୍ତ ଅଞ୍ଚଳରେ ପୂର୍ବରୁ ଥିବା ମଦ ଦୋକାନ ଓ ବାରକୁ କେନ୍ଦ୍ର



କରି ନିୟମିତ ଭାବେ ମଦ୍ୟପଙ୍କ ସମାଗମ ହେଉଛି । ଏହା ଫଳରେ ସନ୍ଧ୍ୟା ସମୟରେ ପରିବେଶ ଅଶାନ୍ତ ହେବା ସହ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ମଦ୍ୟପଙ୍କ ଉଚ୍ଚ ସ୍ୱର, ଅଶୋଭନୀୟ ଆଚରଣ ଏବଂ ଅସାମାଜିକ କାର୍ଯ୍ୟକଳାପ ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସୁରକ୍ଷାର ପରିବେଶ ସୃଷ୍ଟି ହେଉଛି । ଏଭଳି ସ୍ଥିତିରେ ଆଉ ଏକ ମଦ ଦୋକାନ ଖୋଲିଲେ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି । ପ୍ରତିବାଦରେ ସାମିଲ ହୋଇଥିବା ଗୁରୁମା ଓ ଗୁରୁଜିମାନେ କହିଛନ୍ତି ଯେ, ପ୍ରସ୍ତାବିତ ମଦ ଦୋକାନ ନିକଟରେ ସ୍କୁଲ ରହିଥିବାରୁ ପିଲାମାନଙ୍କ ଶିକ୍ଷା ଓ ମାନସିକ ବିକାଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ । ତେଣୁ ତୁରନ୍ତ ନୂଆ ମଦ ଦୋକାନ ଖୋଲିବା ପ୍ରକ୍ରିୟା ବନ୍ଦ କରିବା ସହ ଦିଆଯାଇଥିବା ଅନୁମତିକୁ ବାତିଲ କରାଯାଉ । ସେମାନଙ୍କ ଦାବିକୁ ଅଣଦେଖା କରାଗଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ଆରମ୍ଭ କରାଯିବ ଏବଂ ଏହାର ସମସ୍ତ ଦାୟିତ୍ୱ ପ୍ରଶାସନକୁ ବହନ କରିବାକୁ ପଡ଼ିବ ।

# ନନ୍ଦମଣୀ ମହାଦେବଙ୍କ ବ୍ରାହ୍ମଣ ସେବକଙ୍କ ମଧ୍ୟରେ ଅସନ୍ତୋଷ

ନାଉଗାଁ,(ସବ୍ୟୁ): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଂଚାୟତର ନନ୍ଦିଗ୍ରାମର ନନ୍ଦକେଶ୍ୱର ମହାଦେବଙ୍କ ପ୍ରାୟ ୭୦ ଜଣ ପୂଜକ ମଙ୍ଗଳବାର ନାଉଗାଁ ଥାନାର ଦ୍ୱାରସ୍ଥ ହେବା ସହ ଥାନାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଗ୍ରାମର ବ୍ରାହ୍ମଣ ସେବକ ବାସୁଦେବ ପାଢ଼ୀ ନନ୍ଦମଣୀଙ୍କ ସେବକ ଅଟନ୍ତି । କିଛି ସେବକଙ୍କ ଅନୁପସ୍ଥିତିରେ ତାଙ୍କ ପାଳିରେ ସେ ସେବା କାର୍ଯ୍ୟ କରନ୍ତି । ଗତବର୍ଷ ବାସୁଦେବ ମନ୍ଦିରରେ ଝିଅ - ବୋହୁଙ୍କୁ ଅସଦାଚରଣ କରିଥିବା ସାମ୍ନାକୁ ଆସିବା ଫଳରେ ଗ୍ରାମବାସୀମାନେ ବାସୁଦେବଙ୍କୁ ଏକବର୍ଷ ପାଇଁ ନନ୍ଦମଣୀଙ୍କ ପୂଜା କାର୍ଯ୍ୟରୁ ନିବୃତ ରଖିଥିଲେ । ପରବର୍ତ୍ତି ସମୟରେ ସେ ନିଜର ଦୋଷକୁ ମାନି ଏଭଳି କାର୍ଯ୍ୟର ଆଉ ପୁନରାବୃତ୍ତି ନ କରିବା ପାଇଁ କହିବାରୁ ସମସ୍ତ ସେବକମାନେ ଆଲୋଚନା କରି ପୁନର୍ବାର ମନ୍ଦିର ପୂଜା ପାଇଁ ସର୍ତ୍ତ ରଖିଲେ । ଯାହାଫଳରେ ପରେ ପୂଜା କାର୍ଯ୍ୟ କରିଥିଲେ । ହେଲେ ୪ ମାସ ନପୂରୁଣୁ ପୁଣି ସେଇଭଳି କାର୍ଯ୍ୟ କରିଥିଲେ । ଯାହାକୁ ନେଇ ବ୍ରାହ୍ମଣ ସମାଜ ତାଙ୍କୁ ପଚାରିବା ସହିତ ନିତକାନ୍ତି ବନ୍ଦ କରି ମନ୍ଦିର ଚାବି ମାଗିବାରୁ ସେ ୪ ଜଣଙ୍କ ନାମରେ ନାଉଗାଁ ଥାନାରେ ମିଥ୍ୟା ଅଭିଯୋଗ କରିଥିଲେ । ଯାହାକୁ ନେଇ ବ୍ରାହ୍ମଣମାନଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ତିନୋଟି ଲିଖିତ ଅଭିଯୋଗ କରାଯାଇଥିବା ଜଣାଯାଇଛି । ଅଭିଯୋଗ ପାଇବା ପରେ ତଦନ୍ତକାରୀ ରହିଥିବା ଥାନାଧିକାରୀ ଦେବାଶିଷ ପଣ୍ଡା କହିଛନ୍ତି ।ଏ ସମ୍ପର୍କରେ ବାସୁଦେବ ପାଢ଼ୀଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ ।

# ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ

ମଙ୍ଗଳପୁର, (ସବ୍ୟୁ) : ରଥଯାତ୍ରା ଅବସରରେ ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ଦାମୋଦର କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ୧୧ ଦିନ ଧରି ରଥଯାତ୍ରା ମହୋତ୍ସବ ଚାଲିଥିବାବେଳେ ରବିବାର ମାଉସୀ ମା' ମନ୍ଦିର ପରିସରରେ ପୁସ୍ତକ ଲୋକାର୍ପଣ, କବିତା ପାଠୋତ୍ସବ, ଆଲୋଚନା ଚକ୍ର ଓ ଭଜନ ଆସର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କବି ସରୋଜ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ ।କବି ଯୁଧିଷ୍ଠିର ପଣ୍ଡାଙ୍କ ଲିଖିତ ତିନୋଟି ପୁସ୍ତକ ଯଥା ମୁକ୍ତିପଥ, ସତ୍ୟସନ୍ଧ ଦଶରଥ,ଦିବ୍ୟଦୃଷ୍ଟି ଲୋକାର୍ପିତ ହୋଇଥିଲା । ସାହିତ୍ୟିକ ଡ. ବିଜୟକିଶୋର ସାମଲ, କବି ଦାମୋଦର ବେହେରା, କବି ବିଦ୍ୟୁତଲତା ଦାସ, ପ୍ରାଧ୍ୟାପକ ଡ. ହରିଶ ଚନ୍ଦ୍ର ପଣ୍ଡା,ନିରଞ୍ଜନ ବିଶ୍ୱାଳ,କବି ହରେରାମ ପଣ୍ଡାଙ୍କ ସହ ସେବା ସମିତି ପକ୍ଷରୁ ସମାଜସେବୀ ଅଭୟ ପଣ୍ଡା, ଶିକ୍ଷାବିତ୍ କୃତିବାସ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକ ଲୋକାର୍ପିତ କରିବା ସହ ଜଗନ୍ନାଥ ସଂସ୍କୃତି ଓ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ । କବି ଯୁଧିଷ୍ଠିର ପଣ୍ଡା ନିଜ ବହି ଓ ସାହିତ୍ୟ ସମ୍ପର୍କରେ କହିଥିଲେ । କବିତା ପାଠୋତ୍ସବରେ କବି କାମେଶ୍ୱର ପଣ୍ଡା, କବି ରାମଚନ୍ଦ୍ର ଦାସ, ସମାଜସେବୀ ନବକିଶୋର ବେହେରା ଅତିଥି ଭାବେ ଯୋଗ ଦେଇଥିବାବେଳେ କବି ବିଷ୍ଣୁ ଦଳାଇ, କବି ଜିତେନ୍ଦ୍ର ବେହେରା କବିତା ଗୁଡିକୁ ସଂଯୋଜନା କରିଥିଲେ । ୪୨ କବି ସ୍ୱରଚିତ କବିତା ପାଠ କରିଥିଲେ । ଏହା ପରେ ଭଜନ ଆସର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ସଭାପତି ଜଗଦୀଶ ଶଙ୍କର ସାହୁ, ସମ୍ପାଦକ ସୂର୍ଯ୍ୟନାରାୟଣ ଶତପଥୀ, ରମାକାନ୍ତ ଭୂୟାଁ, ତାପସ ପଣ୍ଡା, ବିନୟ ବେହେରା, ମହେନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଦୁଇ ଲୁଟିଆ ଗିରଫ : ଅନେକ ମୋବାଇଲ ସହ ବାଇକ ଜବତ

ଚଣ୍ଡିଖୋଲ, (ସବ୍ୟୁ): ଜାତୀୟ ରାଜପଥ ରେ ଯାତାୟାତ କରୁଥିବା ପଥଚାରୀ ମାନଙ୍କ ଠାରୁ ସୁବିଧା ଦେଖି ମୋବାଇଲ ଲୁଟୁଥିବା ଦୁଇଜଣ ଲୁଟିଆଙ୍କୁ ବଡଚଣା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗାଡିରୁ ଓହ୍ଲାଇ ଜଣେ ବାଳିକା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ରେଥିବା ଅପସରା ହୋଟେଲକୁ ଖାଇବାକୁ ଯାଉଥିବା ସମୟରେ ଦୁଇଜଣ ଲୁଟେରା ତାଙ୍କ ମୋବାଇଲକୁ ଛଡାଇ ନେଇଥିଲେ । ଏହି ଘଟଣାର ତଦନ୍ତ କରି ପୋଲିସ ଲୁଟିଆଙ୍କୁ ଠାବ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଗତ ୧୯ ତାରିଖ ବିଳମ୍ବିତ ରାତିରେ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଲାଉମୁଣ୍ଡା ଗ୍ରାମର ସରଗୁରା ମିଦ୍ଧାଙ୍କ ପରିବାର ଘଟଗାଁ ତାରିଣୀ ଦର୍ଶନ କରି ଫେରୁଥିଲେ । ଏହି ସମୟରେ ବଡ଼ଚଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଅପସରା ହୋଟେଲକୁ ଖାଇବାକୁ ଯାଉଥିବା ବେଳେ ସରଗୁଲା ମିଦ୍ଧଙ୍କ ଝିଅ ଲିଂ।(୨୦) ନିଜ ମୋବାଇଲରେ କଥା ହେଉଥିବା ସମୟରେ ହଠାତ ଦୁଇଜଣ ଯୁବକ ଏକୟାମା ମଟର ସାଇକଲରେ ଆସି ଲିଂ।ଙ୍କ ମୋବାଇଲକୁ ଛଡ଼ାଇ ନେଇଥିଲେ । ପରେ ବଡ଼ଚଣା ଥାନାରେ ଏନେଇ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ମୋବାଇଲ ଲୋକେସନ ଯାଞ୍ଚ ଦ୍ୱାରା କଟକ ଜିଲ୍ଲା ସାଲେପୁର ଥାନା ଅଧିନସ୍ଥ ତିଳଦା ଗାଁରେ ପହଂଚି ମୋବାଇଲ ଲୁଟ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିଲା । ଲିଂ।ଙ୍କ ଲୁଟ ମୋବାଇଲ ଲୁଟ ସହିତ ସେମାନେ ଆହୁରି ୧୧ଟି ମୋବାଇଲ ଲୁଟ କରିଥିବା ସ୍ୱୀକାର କରିଥିଲେ । ପରେ ସେମାନଙ୍କ ଠାରୁ ପୋଲିସ ସମସ୍ତ ମୋବାଇଲକୁ ଜବତ କରିବା ସହିତ ଲୁଟରେ ବ୍ୟବହାର କରିଥିବା ବାଇକକୁ ମଧ୍ୟ ଜବତ କରି ଥାନାକୁ ଆଣିଥିଲେ । ଗିରଫ ହୋଇଥିବା ଲୁଟେରା ହେଲେ ତିଳଦା ଗ୍ରାମର ସେକ ଅଲିମୁଦ୍ଦିନଙ୍କ ପୁଅ ସୟଦ ଅଲ୍ଲୀ ଅଜିମୁଦ୍ଦିନ(୩୦) ଏବଂ ସେକ ନୟାମୁଦ୍ଦିନ(୪୫) । ଏହି ଲୁଟେରାଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି ।ପୁଲିସ ଏନେଇ ବଡଚଣା ଥାନାରେ ମାମଲା ରୁଜୁ କରିବା ସହିତ ମଙ୍ଗଳବାର ଦିନ ଦୁଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଜିଲ୍ଲାସାରା ବୁଲିବ ଚାଷୀ ସଚେତନତା ରଥ

କେନ୍ଦ୍ରାପଡା ,(ସବ୍ୟୁ) :ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନାରେ ସାମିଲ୍ ହେବାପାଇଁ ଚାଷୀମାନଙ୍କୁ ସଚେତନ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏକ ରଥକୁ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ଉଦଘାଟନ କରିଛନ୍ତି । ଏହି ଉଦ୍X।ଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, ଡିଆର୍‌ସିଏସ୍ ପ୍ରଭାକର ନାୟକ, ଏଆର୍‌ସିଏସ୍ ଯୋଗେନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ରଥଟି ଏକ ସପ୍ତାହ ଧରି ବୁଲି ୯ଟି ବ୍ଲକର ସମସ୍ତ ପଂଚାୟତ ଗୁଡିକରେ ଚାଷୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରେ ଚାଷର କ୍ଷୟକ୍ଷତିରୁ ବଂଚିବା ପାଇଁ ଫସଲ ବିମା ଯୋଜନାରେ ପଞ୍ଜୀକରଣ କରିବା ପାଇଁ ସଚେତନ କରିବ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗର ବରିଷ୍ଠ କିରାଣୀ ଶିବାସିଷ ପତି ସହଯୋଗ କରିଥିଲେ ।

# ଅର୍ଥାଭାବ ଯୋଗୁଁ ଚିକିତ୍ସା ହୋଇ ପାରୁନିହାଁନ୍ତି ଦମ୍ପତି

ବିଞ୍ଝାରପୁର, (ସବ୍ୟୁ): କଥାରେ କୁହାଯାଏ ଦୁଃଖି ପରିବାର ଉପରେ ପୁଣି ଦୁଃଖର ଭାର । ଅଭାବ ଅନଟନ ପରିବାର ଉପରେ ପୁଣି ରୋଗର ଦାଉ । ସତେ ଯେପରି ଏହି ପରିବାର ପାଇଁ ବୋଝ ଉପରେ ଲଳିତା ବିଡା ହୋଇଛି । ଅର୍ଥ ଅଭାବ କାରଣରୁ ଅଧା ଚିକିତ୍ସା ହେବାପରେ ଡାକ୍ତର ଫେରାଇ ଦେଇଥିବା କହିଛନ୍ତି ସ୍ନାୟୁ ଜନିତ ରୋଗରେ ପୀଡତ ଥାଇ କାହାର ସାହାଯ୍ୟକୁ ଅପେକ୍ଷା କରିଥିବା ଚିତ୍ତ । ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତ ୬ ନଂ ୱାର୍ଡର ୫୫ ବର୍ଷିୟ ଚିତ୍ତରଂଜନ ଦାସ ଓ ତାଙ୍କର ପନି ୫୩ ବର୍ଷିୟା ମଞ୍ଜୁଲତା ଦାସ ଦୀର୍ଘ ୨ ବର୍ଷ ଧରି ସ୍ନାୟୁ ରୋଗରେ ପୀଡିତ ଅଛନ୍ତି । ଗରୀବ ସଂସାରରେ ଯେଉଁଠି ତେଲଲୁଣ ପାଇଁ ସଂଘର୍ଷ ଜାରି ରହିଥାଏ ସେଠିପୁଣି ଚିକିତ୍ସା ପାଇଁ ଅର୍ଥ ! ତଥାପି ମାଗିଯାଚି ଗ୍ରାମ ଲୋକ ମାନଙ୍କ ସହଯୋଗରେ ଗତ ୧ ବର୍ଷ ପୂର୍ବେ କଟକ ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ଚିତ୍ତ । ସେଠାରେ ଚିକିତ୍ସା ଚାଲିବା ସମୟରେ ଅର୍ଥ ତାଙ୍କର ଅଧିକ ଚିକିତ୍ସା ପାଇଁ ସାଜିଥିଲା ବାଧକ । ଶେଷରେ ନିରୁପାୟ ହୋଇ ଅଧିକ ଚିକିତ୍ସା ହୋଇନପାରି ଘରକୁ ଫେରି କର୍ମକୁ ଆଦରି ସେ ପଡି ରହିଛନ୍ତି । ପରିବାର କହିଲେ ୩ ପୁଅ ଅଛନ୍ତି ସତ ମାତ୍ର କେହି କାମଧନ୍ଦାରେ ଲାଗିନଥିବାରୁ ଯାହା ଖଟିପାଟି ଆଣନ୍ତି ସେଥିରେ ପରିବାର ଚଳିବା କଷ୍ଟସାଧ୍ୟ । ଯାହା ପାଇଁ ଚିତ୍ତ ଆଉ ତାଙ୍କ ପନୀ ମଞ୍ଜୁଙ୍କ ଅବସ୍ଥା ଚିକିତ୍ସା ଅଭାବରୁ ଦିନକୁ ଦିନ ଖରାପ ହେବାରେ ଲାଗିଛି । ସେପଟେ ଚିତ୍ତ ଆଉ ଚାଲି ପାରୁନଥିବାରୁ ତାଙ୍କୁ ଟେକି କରି ଗୋଟେ ସ୍ଥାନରୁ ଅନ୍ୟସ୍ଥାନକୁ ନିଆ ଯାଉଥିବା ବେଳେ ହାତେ ଦୁଇହାତ କଥା ହେଲେ ହାତଭରା ଦେଇ ଘୋଷାରୀ ହୋଇଚାଲୁଛନ୍ତି । ଅନ୍ୟପଟେ ପତ୍ନୀ ମଞ୍ଜୁଙ୍କ କଥା କହିଲେ ଚଲାବୁଲା କରୁଛନ୍ତି ସତ ମାତ୍ର ଦିନକୁ ଦିନ ନଇଁ ପଡୁଥିବାର ଦେଖାଯାଇଛି । ଏପରି ସ୍ଥିତିରେ ଅଧିକ ଚିକିତ୍ସା ତ ଦୂରର କଥା ଏମିତିକି ସରକାରୀ ସହାୟତା ପାଇଁ ଚାହିଁଲେ ବି ହୋଇପାରିନି । ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ସତ ମାତ୍ର ବିଭାଗୀୟ ଡାକ୍ତର ତାଙ୍କୁ ଶତକଡା ୪୦% ମାର୍କ ଦେବାରୁ ସେ ସରକାରଙ୍କ ଜନହୀତକାରୀ ଯୋଜନାରୁ ହୋଇଛନ୍ତି ବଞ୍ଚିତ । ଯାହାପାଇଁ ଚିତ୍ତ ଭାଙ୍ଗି ପଡିଥିବା ବେଳେ ଔଷଧ ଟିକକ ପାଇଁ କାହାର ସହାୟତାକୁ ଚାହିଁ ବସିଛନ୍ତି । ତେବେ ଗ୍ରାମବାସୀ ମାନେ କେବେ କେବେ ସହଯୋଗର ହାତ ବଢାଉଛନ୍ତି ସତ ମାତ୍ର ତାହା ସମୁଦ୍ରକୁ ଶଙ୍ଖେ । ଏଭଳି ପରିସ୍ଥିତି ସ୍ଥଳେ ଚିତ୍ତଙ୍କ ପାଇଁ ଏବେ ସହଯୋଗର ହାତ ବଢାଇବା ରହିଛି ଆବଶ୍ୟକ । ବ୍ଲକ ଓ ଜିଲ୍ଲା ପ୍ରଶାସନ ଏବଂ ସରକାର ତାଙ୍କର ଦୁର୍ଦ୍ଦଶା ପ୍ରତି ଧ୍ୟାନ ଦେବାକୁ ଚିତ୍ତ ନିବେଦନ କରିଛନ୍ତି ।

# ଚଣ୍ଡିଖୋଲ କଲେଜର ନୂତନ ଅଧ୍ୟକ୍ଷ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସଙ୍ଘ ଶାସିତ ମହାବିଦ୍ୟାଳୟରେ ପ୍ରାଧ୍ୟାପକ ଡ ପ୍ରିୟବ୍ରତ ମହାନ୍ତି ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି । ତାଙ୍କ ଯୋଗଦାନ ପରେ ପୁରାତନ ଛାତ୍ର ସଂଘ ପକ୍ଷରୁ ତାଙ୍କୁ ମଙ୍ଗଳବାର ଦିନ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସଂଘ ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରାଙ୍କ ନେତୃତ୍ୱରେ ପୁରାତନ ଛାତ୍ରଛାତ୍ରୀ ମାନେ ତାଙ୍କୁ କାର୍ଯ୍ୟାଳୟ ରେ ଭେଟି ସ୍ୱାଗତ କରିଥିଲେ । ସମ୍ପାଦକ ବିଜୟ କେତନ ସାମଲ, ପ୍ରମୋଦ କୁମାର ଜେନା, ଦିଲ୍ଲୀପ କୁମାର ନାୟକ,ଅଧ୍ୟାପକ ତପନ କୁମାର ଜେନା,ଡ କାମିନି ନାୟକ, ଅଧ୍ୟାପିକ । ସର୍ଣ୍ଣପ୍ରଭା ରାଉତରାୟ , ଅଧ୍ୟାପକ ନିଶିକାନ୍ତ ଦାସ, ଆଇନଜୀବୀ ହେମନ୍ତ କୁମାର ମାହଝଲା,ତରୁଣ କୁମାର ବିଶାଳ ଓ ପ୍ରିୟ ଗୋବିନ୍ଦ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ତେବେ ପରିଚାଳନା ଗତ ତୃଟି ପାଇଁ ଗତ କିଛିଦିନ ହେବ ଉକ୍ତ କଲେଜରେ ବହୁ ବିବାଦ ଲାଗିରହିଛି । ଏପରି ବିବାଦକୁ ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ମାମଲା ବିଚାରାଧୀନ ଥିବା ଅବସ୍ଥାରେ ଡ ମହାନ୍ତି କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଯୋଗଦେଇ ଥିବାରୁ ଏହା ତ ।ଙ୍କପାଇଁ ନିଶ୍ଚୟ ଚାଲେଞ୍ଜ



ହେବ ବୋଲି ଆଲୋଚନା ହେଉଛି । ତେବେ ସମସ୍ତଙ୍କୁ ସାଥିରେ ନେଇ ଓ ସମସ୍ତଙ୍କ ସହଯୋଗରେ ସେ କଲେଜକୁ ସୁ ପରିଚାଳନା କରିବା ସହିତ ସବୁ ସମସ୍ୟାର ସମାଧାନ କରିବେ ବୋଲି ନୂତନ ଅଧ୍ୟକ୍ଷ କହିଛନ୍ତି ।

# ବିପଦସଙ୍କୁଳ ଗୃହରେ ଚାଲିଛି ଶିଶୁଙ୍କ ଭବିଷ୍ୟତ ଗଢା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :କୋମଳମତି ଶିଶୁ ମାନଙ୍କର ଭବିଷ୍ୟତ କିଭଳି ଏକ ବିପଦଶଙ୍କୁଳ ଗୃହରେ ଗଢା ଯାଉଛି ତାହାର ଏକ ନଗ୍ନ ନମୂନା ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଂଚାୟତ ପାଟପାରୀ ଅଙ୍ଗନଓ୍ୱାଡି କେନ୍ଦ୍ରରେ ଦେଖିବାକୁ ମିଳିଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନରେ ରାମକୃଷ୍ଣପୁର ଗ୍ରାମପଂଚାୟତ ପାଟପାରୀ ଅଙ୍ଗନଓ୍ୱାର୍ଡି କେନ୍ଦ୍ର ରହିଛି । ଏହି କେନ୍ଦ୍ର ଗତ ୨୦୦୨ ମସିହାରୁ ସ୍ଥାପନ କରାଯାଇଛି । ଏହି କେନ୍ଦ୍ରରେ ୨୦ଜଣ କୋମଳମତି ଶିଶୁ ଅଧ୍ୟୟନ କରନ୍ତି । ଦୀର୍ଘ ୨୦ ବର୍ଷ ହେଲା ପାଟପାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଜରାଜୀର୍ଣ୍ଣର୍ ଓ ବିପଦ ସଙ୍କୁଳ ଗୃହରେ ଏହି ଅଙ୍ଗନଓ୍ୱାର୍ଡି କେନ୍ଦ୍ର ଚାଲିଥିବାର ଅଭିଯୋଗ ହୋଇଛି । ଏହି କେନ୍ଦ୍ରଗୃହର କାନ୍ଥ ଫାଟି ଆଁ କରିଥିଲା ବେଳେ ଛାତରୁ ଦଲା ଦଲା ହୋଇ ସିମେଂଟ ଗୋଡି ଓ ବାଲି ପ୍ଲାଷ୍ଟର ଖସୁଥିବାର ଦେଖିବାକୁ ମିଳିଛି । ଟିକିଏ ବର୍ଷା ହେଲେ ଏହି ଶ୍ରେଣୀ ଗୃହରେ ପାଣି ଲହଡି ଖେଳୁଛି । ଫଳରେ କୋମଳମତି ଶିଶୁ ମାନଙ୍କୁ ପାଠ ପଢାଇବା ନିମନ୍ତେ କାଠିକର ପାଠ ହେଉଛି । ଏପରିକି ବହୁ ସମୟରେ ଅଙ୍ଗନଓ୍ୱାର୍ଡି କର୍ମୀ ଓ ସହାୟିକାଙ୍କୁ ଶ୍ରେଣୀ ଗୃହରୁ ହାଣ୍ଡି ଓ ବାଲଟି ସାହାଯ୍ୟରେ ବର୍ଷା ପାଣି ବାହାର କରିବା ପାଇଁ ପଡୁଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ତେବେ ଏହି ବିପଦ ସଙ୍କୁଳ ଗୃହ କେତେବେଳେ କୋମଳମତି ଶିଶୁ ମାନଙ୍କର ଜୀବନ ଦୀପକୁ ଲିଭାଇଦେବ ତାହା କହିହେଉ ନାହିଁ । ତେବେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ଅଙ୍ଗନଓ୍ୱାର୍ଡି ଗୃହର ନିର୍ମାର କାଯ୍ୟ ନେଇଥିଲା ବେଳେ ଏହି ଗୃହର ନିର୍ମାଣ କାର୍ଯ୍ୟ କଣ ପାଇଁ କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ଯଦି ଏହି ଗୃହ ଭୁଷୁଡି କୋମଳମତି ଶିଶୁ ମାନଙ୍କ ଜୀବନ ଦୀପକୁ ଲିଭାଇଦେବ ସେଥିପାଇଁ କିଏ ଦାୟୀ ହେବ ବୋଲି ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନିଟ ୟୁଜି ପରୀକ୍ଷାରେ ଅବିନାଶଙ୍କ କମାଲ

ପାରାଦ୍ୱୀପ ,( ଜିପ୍ର ): ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ଓ୍ୱାର୍ଡ ନମ୍ବର ୫ ସନ୍ତୋଷୀ ନଗରର ପୁଅ ଅବିନାଶ ସାମନ୍ତରାୟ ଉଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ସମଗ୍ର ଭାରତରେ ୫୮୪୩ ଓବି ସି କାଟାଗୋରିରେ ୨୪୩୦ତମ ରେଙ୍କ ଅଧିକାର କରି ଜଗତସିଂହପୁର ଜିଲ୍ଲା ଓ ପାରାଦ୍ୱୀପ ବାସୀଙ୍କୁ ଗର୍ବିତ କରିଛନ୍ତି । ଅବିନାଶ ମୋଟ ୭୨୦ମଧ୍ୟରୁ ୬୧୬ ମାର୍କ ପାଇଛନ୍ତି । ତାଙ୍କ ପିତା ଶ୍ରୀ ଅଶ୍ୱିନୀ ସାମନ୍ତରାୟ ପାରାଦ୍ୱୀପ ବନ୍ଦର ରେ ଜେ ଏସ ଡବ୍ଲୁର ଚେନ୍ନାଇ ରାଧା କମ୍ପାନୀରେ କର୍ମଚାରୀ ହୋଇଥିବା ବେଳେ ମାତା ଶ୍ରୀମତୀ ଭାରତୀ ସାମନ୍ତରାୟ ଜଣେ ସମାଜସେବୀ ଓ ବିଜୁ ଜନତା ଦଳର ନାରୀନେତ୍ରୀ ରୁପେ ପାରାଦ୍ୱୀପ ଅଞ୍ଚଳରେ ଜଣାଶୁଣା ।ସମାଜ ସେବା ପାଇଁ ସରକାରୀ ସ୍ତରରେ ଅନେକ ଥର ପୁରସ୍କୃତ ହୋଇଛନ୍ତି ।ତତ ସହିତ ସମାଜସେବା କାର୍ଯ୍ୟକ୍ରମ ଜାରିରଖିଛନ୍ତି । ଅବିନାଶ ଯାଜପୁରର



ପ୍ରସିଦ୍ଧ ପିଏମଶ୍ରୀ ନବୋଦୟରେ ଶିକ୍ଷା ଲାଭ କରୁଥିଲେ । କଠିନ ପରିଶ୍ରମ, ଶିକ୍ଷକ ଓ ତାଙ୍କ ମାତା ଭାରତୀ ସାମନ୍ତରାୟଙ୍କ ମାଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କଥା କହିଛନ୍ତି । ବିଭିନ୍ନ ମହଲରୁ ଅବିନାଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅବିନାଶ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବା ପାଇଁ ଇଛା ପ୍ରକାଶ କରିଛନ୍ତି ।ଅବିନାଶର ଏହି ସଫଳତା ପାଇଁ ପାରାଦ୍ୱୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ବିଜେଡି ନଗର ସଭାପତି କୁମରବର ନାୟକ, ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, କୁଜଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ନିନାରାଣୀ ସାହୁ ,ବିଜେଡି ନେତା ଅରୁଣ କୁମାର ବେହେରା, ନଗେନ୍ଦ୍ର ରାଉତ,ଶିକ୍ଷାବିତ ତଥା ଟେଟ୍ରାହେଡ୍ରୋନ ମୁଖ୍ୟ ତ୍ରିଦେବ ବେହେରା ସାର,ସମବାୟବିତ ଗୋବିନ୍ଦ ସ୍ୱାଇଁ, କୃଷିବିତ ଗୋକୁଳ ସ୍ୱାଇଁ, ଗୋପାଳ ସ୍ୱାଇଁ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି । ତତ ସହିତ ପାରାଦ୍ୱୀପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ଜାରି ରହିଛି ।

# ରାସ୍ତାରେ ଆଣ୍ଠୁଏ ପାଣି, ଯାତାୟତ ବ୍ୟାହାତ

ରାଜନଗର ,(ସବ୍ୟୁ) : ରାଜନଗର ବ୍ଲକ ଅଙ୍ଗ -ନଗଡ଼ ଘାଟ ଗ୍ରାମ୍ୟ ଉନ୍ନୟନ ରାସ୍ତାର ବାଲିକଣା ଗାଁ ର ଉଭୟ ମୁଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଛି । ଜଳ ନିଷ୍କାସନ ନିମନ୍ତେ ବାଟ ନଥିବାରୁ ଗାଁ ର ଉଭୟ ମୁଣ୍ଡରେ ୧୦୦ ମିଟରରୁ ଉର୍ଦ୍ଧ୍ୱରାସ୍ତା ଉପରେ ବର୍ଷାପାଣି ଲହଡି ଭାଙ୍ଗୁଛି ।ଲଗାଣ ବର୍ଷା ହେବା ଫଳରେ ଆଣ୍ଠୁଏ ରୁ ଅଧିକ ବର୍ଷାପାଣି ଜମିରହିଛି । ରାସ୍ତା ରେ ବର୍ଷାପାଣି ଜମିରହିବା ଫଳରେ ସ୍କୁଲ, କଲେଜ, ଥାନା, ତହସିଲ, ବ୍ଲକ, ମେଡିକାଲ, ଉପନିବନ୍ଧକ କାର୍ଯ୍ୟାଳୟ, ଶିକ୍ଷାବିଭାଗ କାର୍ଯ୍ୟାଳୟ, ମିଶନ ଶକ୍ତି କାର୍ଯ୍ୟାଳୟ ପ୍ରଭୃତିକୁ ଆଣ୍ଠୁଏ ପାଣିରେ ପଶି ଛାତ୍ରୀ ଓ ଛାତ୍ର ଏବଂ ଲୋକମାନେ ଦୈନନ୍ଦିନ ଯାତାୟାତ କରୁଛନ୍ତି । ରାସ୍ତା ର ଉଭୟ ପାଶ୍ୱର୍ ରେ ରହୁଥିବା ଲୋକମାନେ ଘରୁ ପଦାକୁ ବାହାରିବା କଷ୍ଟକର ବ୍ୟାପାର । ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏହିରାସ୍ତା ଦେଇ ଯାତାୟତ କରୁଥିବା ଶହସହ ସଂଖ୍ୟା ରେ ଛାତ୍ର ଛାତ୍ରୀ ଓ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଳ ନିଷ୍କାସନ ନିମନ୍ତେ ବାଟ ନଥିବାରୁ ବର୍ଷାପାଣି ଲହଡି ଭାଙ୍ଗୁଛି । ମଙ୍ଗଳବାର ପାଖାପାଖି ମଧ୍ୟାହ୍ନ ସମୟରେ ବାଲିକଣା ଗ୍ରାମର କିଛି ମହିଳା ଓ ପୁରୁଷ ଏବଂ ପିଲାମାନେ ରାସ୍ତା କୁ ବନ୍ଧାଇବା ସହ ବାଉଁଶ ବାନ୍ଧି ରାସ୍ତାରୋକ - ପ୍ରତିବାଦଅଭିନବ ଉପାୟରେ କରିଥିଲେ । ପ୍ରଶାସନ ନିକଟରେ ପହଁଚିବାକୁ ଏପରି ଉପାୟ କରିଥିଲେ । ପ୍ରଶାସନ ପକ୍ଷରୁ ତୁରନ୍ତ ଜଳ ନିଷ୍କାସନ ର ବ୍ୟବସ୍ଥା କରିବା ପାଇଁ ଗ୍ରାମର ଲୋକମାନେ ଦାବିକରିଛନ୍ତି ।ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟା ର ସମାଧାନ କରା ନଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଲୋକମାନଙ୍କ ଠାରୁ ସୂଚନା ମିଳିଛି ।

# ଭତ୍ତା ବଣ୍ଟନରେ ଅବ୍ୟବସ୍ଥା ରାସ୍ତାକୁ ଓହ୍ଲାଇଲେ ହିତାଧିକାରୀ

ବଡ଼ମ୍ବା, (ସବ୍ୟୁ) : ସରକାର ଗରିବ, ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କ ସାମାଜିକ ସୁରକ୍ଷା ପାଇଁ ଭତ୍ତା ଯୋଜନା କରିଥିବା ବେଳେ, ତୃଣମୂଳ ସ୍ତରରେ ଏହାର ସଠିକ କାର୍ଯ୍ୟକାରିତାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ବଡ଼ମ୍ବା ବ୍ଲକ ଅଧୀନ ନିଜିଗଡ଼ ପଞ୍ଚାୟତରେ ଭତ୍ତା ବଣ୍ଟନରେ ବିଳମ୍ବ ଓ ଅବ୍ୟବସ୍ଥାକୁ ନେଇ ହିତାଧିକାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ପକ୍ଷରୁ ୧୭ ତାରିଖରୁ ଭତ୍ତା ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହାକୁ ବିଶ୍ୱାସ କରି ବହୁ ଦୂରଦୂରାନ୍ତରୁ ବୃଦ୍ଧ, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଆସୁଛନ୍ତି। କିନ୍ତୁ ପ୍ରତ୍ୟେକ ଥର ଆଜି ନୁହେଁ, କାଲି ଆସନ୍ତୁ ବୋଲି ଫେରାଇ ଦିଆଯାଉଥିବାରୁ ସେମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ କ୍ଷୁବ୍ଧ ହୋଇ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ୬୫ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଦୀର୍ଘ ସମୟ ଧରି ଅଟକି ରହିଥିଲା ଓ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।ଖବର ପାଇ ବଡ଼ମ୍ବା ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ତତ୍କାଳ ଭତ୍ତା ପ୍ରଦାନ ସମ୍ପର୍କରେ ସ୍ପଷ୍ଟ ଆଶ୍ୱାସନ ନ ମିଳିବାରୁ ହିତାଧିକାରୀମାନେ ରାସ୍ତା ଅବରୋଧ ହଟାଇବାକୁ ମନା କରିଥିଲେ।

# ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଣିଆ, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ସ୍ଥିତ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅବସର ଗ୍ରହଣ ସମୟରେ ଏକ ଭାବପୂର୍ଣ୍ଣ ବିଦାୟ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଏବିଓ ତଥା ବିଆରସିସି ବିନୋଦିନୀ ପଣ୍ଡା ଯୋଗ ଦେଇଥିବାବେଳେ ସାମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଁହୁଚରଣ ରାଉତ ବରିଷ୍ଠ ଶିକ୍ଷାବିତ ମହାଦେବ ମହାରଣା ବିଦାୟୀ ଶିକ୍ଷକ ବିଜୟ କୁମାର ମହାପାତ୍ର ମଞ୍ଚାସିନ ଥିବାବେଳେ ଶିକ୍ଷକ ଗୋଲଖ ବିହାରି ସାହୁ, ଶରତ କୁମାର ଜେନା, ସମୀର କୁମାର ମହାପାତ୍ର ଭି, ହିନ୍ଦୀ ଶିକ୍ଷକ, ବିଜ୍ଞାନ ଶିକ୍ଷୟତ୍ରୀ ମଞ୍ଜୁଲତା ବାରିକ, ଜଳଧର ପୃଷ୍ଟି, ଶଙ୍କର୍ଷଣ ସ୍ୱାଇଁ, ନବକିଶୋର ମହାରଣା , ବଲ୍ଲଭ ରାଉତ, ଚତୃଭୁଜ ସାହୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ , ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ସଭ୍ୟା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମଞ୍ଚାସିନ ଅତିଥି ଓ ପ୍ରଧାନଶିକ୍ଷକ ନିଜ ନିଜ ବକ୍ତବ୍ୟରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସରଳ ଜୀବନଯାପନ, ଶୃଙ୍ଖଳିତ ଜୀବନଶୈଳୀ ଏବଂ ଜ୍ଞାନ ବିତରଣର ଶୈଳୀକୁ ପ୍ରଶଂସା କରିଥିଲେ। ସଂସ୍କୃତ ଭଳି ଏକ ଜଟିଳ ବିଷୟକୁ ସେ କିପରି ସହଜ କରି ପଢ଼ାଉଥିଲେ, ତାହା ସମସ୍ତେ ସ୍ମରଣ କରିଥିଲେ। ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଶ୍ରୁଳ ନୟନରେ ଗୁରୁଙ୍କ ସ୍ନେହ ଓ ଶାସନ ବିଷୟରେ କହିଥିଲେ। କେବଳ ପାଠ୍ୟପୁସ୍ତକ ନୁହେଁ, ବରଂ ଜୀବନର ସଠିକ ମାର୍ଗ ଦେଖାଇବାରେ ଗୁରୁଙ୍କ ଅବଦାନ ଅତୁଳନୀୟ ବୋଲି ସେମାନେ ପ୍ରକାଶ କରିଥିଲେ। ବିଦ୍ୟାଳୟ ତରଫରୁ ସମ୍ମାନନୀୟ ଗୁରୁଜୀଙ୍କୁ ମାନପତ୍ର, ଉପଢୌକନ, ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ଦଧିବାମନ ଜୀଉଙ୍କ ସ୍ମାରକୀ ପ୍ରଦାନ କରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ବିଦ୍ୟାଳୟର ସହକାରୀ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ପୂଜ୍ୟ ଗୁରୁଜୀଙ୍କ ଆଗାମୀ ନିରାମୟ ଓ ସୁଖମୟ ଅବସର ଜୀବନ କାମନା କରିଥିଲେ ।

# ପତିତପାବନ ଦେବଙ୍କ ହେରାପଞ୍ଚମୀ ନୀତି ପାଳିତ

ପିପିଲି, (ସବ୍ୟୁ) : ପିପିଲି ଦରଜୀ ସାହି ସ୍ଥିତ ଶ୍ରୀ ପତିତପାବନ ଦେବଙ୍କ ହେରା ପଞ୍ଚମୀ ନୀତି ପାଳିତ ହୋଇଯାଇଛି। ପାଳିଆ ସେବକଙ୍କ ଦ୍ୱାରା ମା ଲକ୍ଷ୍ମୀ ଠାକୁରାଣୀଙ୍କୁ ମଜଣା କରାଯିବା ପରେ ଠାକୁରାଣୀଙ୍କୁ ପାଟ ଶାଢ଼ି ଏବଂ ସ୍ୱର୍ଣ୍ଣ ଅଳଙ୍କାରରେ ସଜା ଯାଇଥିଲା। ରାତିରେ ଏହି ସୁସଜ୍ଜିତ ବିମାନରେ ଘଣ୍ଟ ଘଣ୍ଟା କାହାଳି ମୃଦଙ୍ଗ ଆଳଟ ସହ ମଡିଆଳି ସାହି ସ୍ଥିତ ମା ପଡ୍ରେଇସୁଣୀ ମନ୍ଦିର ସଂଲଗ୍ନ ମାଉସୀ ମା ମନ୍ଦିର ଅଭିମୁଖେ ପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଥିଲେ । ମାତ୍ର ପୂଜା ପଣ୍ଡା ସେବକ ଡେରା ପକାଇ ଦେଇଥିବାରୁ ମହାଲକ୍ଷ୍ମୀ ମହା ପ୍ରଭୁଙ୍କ ଦର୍ଶନ କରି ନପାରି ଅପମାନିତ ହୋଇ ରାଗରେ ପ୍ରଭୁଙ୍କ ରଥ ର ଚକ ଭାଙ୍ଗି ଦେଇଥିଲେ। ପରେ ମହାପ୍ରଭୁଙ୍କ ଅଜ୍ଞାମାଳ ଅଣାଯାଇ ମା ଲକ୍ଷ୍ମୀ ଙ୍କୁ ପ୍ରଦାନ କରାଯାଇଥିଲା । ଦଶମୀ ତିଥିରେ ପତିତପାବନ ମନ୍ଦିରକୁ ଫେରିବା ପାଇଁ ଜଗନ୍ନାଥ ପ୍ରତିଶୃତି ଦେବା ପରେ ମା ଲକ୍ଷ୍ମୀ ନିଜ ମନ୍ଦିରକୁ ଫେରିଥିଲେ. ମନ୍ଦିର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପଣ୍ଡା ଠାକୁରାଣୀଙ୍କ ପୂଜନୀତି କରିଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମକୁ ରଥଯାତ୍ରା ପରିଚାଳନା କମିଟି ସଭାପତି ଇଂ ରମେଶ ଶତପଥି, ଉପସଭାପତି ବାମଦେବ ମିଶ୍ର, ସମ୍ପାଦକ ପ୍ରଭାତ ମହାପାତ୍ର, ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ମହାପାତ୍ର, ରାଜେଶ ଅଗ୍ରୱାଲ ପ୍ରମୁଖ ପରିଚାଳନା କରି ଥିବା ବେଳେ ଲକ୍ଷ୍ମୀଙ୍କ ସେବାରେ ଲୋକନାଥ ମହାପାତ୍ର, ପିନାକୀ ଦାଶ, ରାଜକିଶୋର ସେଠ, ଦୈତାରୀ ମାଝୀ, କାଳିଆ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ବୋଲଗଡ଼ର ଗୌରବ ଆଣିଲେ ଲକ୍ଷ୍ମୀପ୍ରିୟା

ବୋଲଗଡ଼, (ସବ୍ୟୁ) : ବୋଲଗଡ଼ର ମେଧାବୀ ଝିଅ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ୬୦୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ସମଗ୍ର ବୋଲାଗଡ଼ ବ୍ଲକ ତଥା ଖୋର୍ଦ୍ଧା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।



ନିଟ ଭଳି ଏକ କଠିନ ସର୍ବ ଭାରତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ସାଧାରଣ କଥା ନୁହେଁ । ଏହା ସୁଶ୍ରୀ ଲକ୍ଷ୍ମୀପ୍ରିୟା ତାଙ୍କର କଠିନ ପରିଶ୍ରମ, ନିଷ୍ଠା ଓ ପରିବାର ବର୍ଗଙ୍କ ସଠିକ ମାର୍ଗଦର୍ଶନର ପ୍ରତିଫଳନ । ବୋଲଗଡ଼ ନିବାସୀ ବ୍ୟବସାୟୀ କାର୍ତ୍ତିକ ସୁବୁଦ୍ଧି ଓ ମାତା ମିନତୀ ସୁବୁଦ୍ଧିଙ୍କ ସୁଯୋଗ୍ୟା କନ୍ୟା ସୁଶ୍ରୀ ଲକ୍ଷ୍ମୀପ୍ରିୟା ସୁବୁଦ୍ଧିଙ୍କ ଏହି ବିରଳ ସଫଳତା ଆଗାମୀ ଛାତ୍ରଛାତ୍ରୀଙ୍କ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ । ସୁଶ୍ରୀ ଲକ୍ଷ୍ମୀପ୍ରିୟାଙ୍କ ଏହି ଅସାଧାରଣ ସଫଳତା ପାଇଁ ବୋଲଗଡ଼ ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ସମାଜ ସେବୀ ମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ରେ ଜଣେ ସଫଳ ଡାକ୍ତର ହୋଇ ଜନସାଧାରଣଙ୍କ ସେବାରେ ବ୍ରତୀ ହେବାପାଇଁ ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି ।

# ସମାଜସେବୀ ସର୍ବେଶ୍ୱର ମାଝୀଙ୍କ ଶୋକସଭାରେ ବିଧାୟକ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ହଜ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା। ସ୍ଥାନୀୟ ଅଞ୍ଚଳର ଜଣେ ଜଣାଶୁଣା, ସରଳ, ଅମାୟିକ ତଥା ପରଉପକାରୀ ମଣିଷ ଭାବେ ପରିଚିତ ସମାଜସେବୀ ସର୍ବେଶ୍ୱର ମାଝିଙ୍କର ଅକାଳ ବିୟୋଗ ଘଟିଛି। ଗତ କିଛି ହେବ ସେ ଅସୁସ୍ଥ ଥିବା ବେଳେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୭ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଆୟୋଜିତ ଏକ ଶୋକସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଶୋକସଭାରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ (ସୁର ଭାଇ) ଏବଂ ବିଧାୟକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାଝିଙ୍କ ଜନହିତକର କାର୍ଯ୍ୟାବଳୀର ସ୍ମୃତିଚାରଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏଥିସହିତ ଖଣ୍ଡାୟତ କ୍ଷେତ୍ରୀୟ ସମ୍ମିଳନୀର 'କଳିଙ୍ଗ ସେନା'ର ସଦସ୍ୟମାନେ ମଧ୍ୟ ଶୋକସଭାରେ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଏହି ସମ୍ପୂର୍ଣ୍ଣ ସ୍ମୃତି ଚାରଣ ଓ ଶୋକସଭା କାର୍ଯ୍ୟକ୍ରମକୁ ବିଶିଷ୍ଟ ସଂଗଠକ ଜମ୍ମେଶ୍ୱର ମଙ୍ଗରାଜ ସୁଚାରୁରୂପେ ପରିଚାଳନା କରିଥିଲେ। ସ୍ୱର୍ଗତ ସର୍ବେଶର ମାଝିଙ୍କ ବିୟୋଗ ସ୍ଥାନୀୟ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସଭାରେ ଉପସ୍ଥିତ ସର୍ବସାଧାରଣ ମତବ୍ୟକ୍ତ କରିଛନ୍ତି।

# ବାମନ ଅବତାରରେ ଶ୍ରୀଜିଉ

ଦଶପଲ୍ଲା ,(ସବ୍ୟୁ): : ମଙ୍ଗଳବାର ଦିନ ଦଶପଲ୍ଲା କୁଞ୍ଜବଂଗଡ ଠାରେ ପୂଜାପାଉଥିବାଶ୍ରୀ ଶ୍ରୀ ପତିତପାବନ ମହାପ୍ରଭୁ ଶ୍ରୀ ଗୁଣ୍ଡିଚା ମନ୍ଦିରସ୍ଥ ଆଡପ ମଣ୍ଡପରେ ବାମନ ଅବତାର ବେଶ ଧାରଣ କରି ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି। ଏ ବେଶ ରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କଲେ ଷଡ ରିପୁ ଉପରେ ମଣିଷ ବିଜୟ ଲାଭ କରି ଭଗବତ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ। ଏଣୁ ଆଜି ବହୁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା ।

# କୃଷ୍ଣେଶ୍ୱର ପାଟଣା ରାସ୍ତାରେ ଆଣ୍ଠୁଏ ପାଣି

କଣ୍ଟିଲୋ,(ସବ୍ୟୁ): ଲଗାଣ ବର୍ଷା ଫଳରେ କଣ୍ଟିଲୋ ବଜାର ଠାରୁ କୃଷ୍ଣେଶ୍ୱର ପାଟଣା ରାସ୍ତା ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ପ୍ରାୟ ୨ଫୁଟ ବର୍ଷା ଜଳ ପ୍ରବାହିତ ହେଉଛି। ରାସ୍ତା ପାର୍ଶ ସମାଜ ଖାଟିଆ ପୂର୍ଣ୍ଣ ହୋଇ ଏବେ ବର୍ଷା ଜଳ ରାସ୍ତା ମୁହାଁ ହୋଇଛି। ଉକ୍ତ ଅଞ୍ଚଳ ରେ ଥିବା ଖାଲ ଖମା କାଳକ୍ରମେ ପୋତି ହୋଇ ଯିବା ଫଳରେ ଜଳ ନିଷ୍କାସନ ସୁବିଧା ନଥିବାରୁ ସମସ୍ୟା ଦେଖାଦେଇଛି। ପ୍ରତିବର୍ଷ ବର୍ଷଦିନେ ଏଭଳି ସମସ୍ୟା ସୃଷ୍ଟି ହେଉଥିଲେ ହେଁ ପ୍ରଶାସନ ପକ୍ଷରୁ ପ୍ରତିକାର ବ୍ୟବସ୍ଥା କରାଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବୀ କରିଛନ୍ତି ।

## ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା, (ସବ୍ୟୁ) : ଘୋଷଯାତ୍ରାରେ ବାହାରି ଏବେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ସଙ୍ଗରେ ଧରି ଗୁଣ୍ଡିଚା। ଘରେ ଅବସ୍ଥାନ କରିଛନ୍ତି। ସନ୍ଧ୍ୟାଧୂପ ସମୟରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ଖଣ୍ଡପଡ଼ା ସହରର ୯ ନଂ ୱାର୍ଡ ସ୍ଥିତ ଗୁଣ୍ଡିଚା ଘରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ପ୍ରତିକୂଳ ପାଗ ଓ ଲଗାଣ ବର୍ଷା ଜାରି ରହିଥିବା ସତ୍ତ୍ୱେ ମଙ୍ଗଳବାର ସଂନ୍ଧ୍ୟାରେ ଶ୍ରୀଜୀଉଙ୍କ ମନଲୋଭା ବେଶ ଦର୍ଶନ ନିମନ୍ତେ ଗୁଣ୍ଡିଚା ମଣ୍ଡପରେ ଭକ୍ତଙ୍କ ଭିଡ ଲାଗି ରହିଥିଲା।

24001/310/2627

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-BLS-0009-2025-5062 / R&DM, Dated. 04.02.2026**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବାଲିଶୁଆଁ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା-ପଦାବଡଗାଁ, ଥାନା-ବାଲେଶ୍ୱର ସଦର, ନଂ. ୪୪, ତହସିଲ-ରେମୁଣା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୫.୩୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବାଲିଶୁଆଁ ମାଇନର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବାଲେଶ୍ୱର ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ପଦାବଡଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୨.୭୮ | ଏ. ୫.୩୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୬୭ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୂମି ଅନୁସୂଚୀ

ଭୂ ଅର୍ଜନ ମାମଲା ସଂଖ୍ୟା-୫୩/୨୦୨୨
ଏ. ୫.୩୯ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ବାଲିଶୁଆଁ ମାଇନର**
**ମୋଜା- ପଦାବଡଗାଁ, ଥାନା-ବାଲେଶ୍ୱର ସଦର ନଂ-୪୪, ତହସିଲ- ରେମୁଣା, ଜିଲ୍ଲା-ବାଲେଶ୍ୱର**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | କିସମ | ମୋଟ ରକବା | ଆକ୍ୟୁଆର ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୧୫ | ୨୬୫୫ | ଶାରଦ ଦୁଇ | ୦.୫୦ | ୦.୧୬ | ସେକ ଆବାସ କିସ୍ମତ ଦୁଇଅଣା, ସେକ ରହିମ କିସ୍ମତ ଦୁଇଅଣା, କିନିନ ବେଗମ କିସ୍ମତ ଦୁଇଅଣା ପି: ସେକ ରସିଦ, ଫାତୁନ ବିବି, ସ୍ୱା-ସେକ ରସିଦ, କିସ୍ମତ ଦୁଇଅଣା, ସେକ ଫକ, ପି: ସେକ ରସୁଲି, କିସ୍ମତ ଆଠଅଣା, ଜା: ମୁସଲମାନ, ବା: ସୁଏଲପୁର |
| ୨୬୬ | ୨୬୬୪ | ଶାରଦ ଦୁଇ | ୦.୦୫ | ୦.୦୨ | ଗୌରୀ ପ୍ରଧାନ, ସ୍ୱା: ବୈଷ୍ଣବ ପ୍ରଧାନ, ଶଙ୍କର ପ୍ରଧାନ, |
| | ୨୬୬୫ | ଶାରଦ ଦୁଇ | ୦.୦୪ | ୦.୦୨ | ପି: କାଳି ପ୍ରଧାନ, କଟିବୁଢ଼ି ପ୍ରଧାନ, ପି: ଗଙ୍ଗାଧର ପ୍ରଧାନ, |
| | ୨୬୬୬ | ଶାରଦ ଦୁଇ | ୦.୦୧ | ୦.୦୧ | ନିରଞ୍ଜନ ପ୍ରଧାନ, ପି: ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରାମ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, କୃଷ୍ଣ ପ୍ରଧାନ, ମୂଳି ପ୍ରଧାନ, ଜା-ଖଣ୍ଡାୟତ ବା: ନିଜଗାଁ |
| ୨୮୫ | ୨୬୪୧ | ଶାରଦ ଦୁଇ | ୦.୯୨ | ୦.୦୧ | ଚାଲକ ସେଠି, ପି: ବୈଷ୍ଣବ ସେଠି ଜା: ଧୋବା, ବା: ନିଜଗାଁ |
| ୩୮୦ | ୨୬୭୨ | ଶାରଦ ଦୁଇ | ୦.୮୦ | ୦.୦୯ | ଦିବାକର ଜେନା, ସନାତନ ଜେନା, ତ୍ରିଲୋଚନ ଜେନା, |
| | ୨୬୭୩ | ଶାରଦ ଦୁଇ | ୦.୮୦ | ୦.୦୯ | ପି: ଗଣେଷ ଜେନା, ଜା: ଖଣ୍ଡାୟତ, ବା: ରାଇସୂୟାଁ |
| ୪୧୨ | ୩୯୪ | ଶାରଦ ଏକ | ୦.୩୬ | ୦.୧୬ | ନରେନ୍ଦ୍ର ଚୌଧୁରୀ, ସୁରେନ୍ଦ୍ର ଚୌଧୁରୀ, |
| | ୪୩୭ | ଶାରଦ ଏକ | ୦.୭୩ | ୦.୧୨ | ପି: ହରେକୃଷ୍ଣ ଚୌଧୁରୀ, ଜା: ଖଣ୍ଡାୟତ |
| | ୪୩୮ | ଶାରଦ ଏକ | ୦.୧୭ | ୦.୦୨ | ବା: ନିଜଗାଁ |
| ୪୪୫ | ୩୯୫ | ଶାରଦ ଏକ | ୧.୪୪ | ୦.୦୪ | ପରମାନନ୍ଦ ସେନାପତି, କଟିବୁଢ଼ି ସେନାପତି, ପି: ଉମାକାନ୍ତ ସେନାପତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୮୯ | ୪୩୦ | ଶାରଦ ଏକ | ୦.୧୮ | ୦.୦୭ | ପ୍ରାଣକୃଷ୍ଣ ପଣ୍ଡା, ପି: ନାରାୟଣ ପଣ୍ଡା, ଜା: ବ୍ରାହ୍ମଣ, |
| | ୪୨୬/୩୬୨୧ | ଶାରଦ ଏକ | ୦.୩୬ | ୦.୧୩ | ଅମ୍ବାପୁଞ୍ଜି, କିସ୍ମତ ତିନି ଅଣା ୪ ଗଣ୍ଡା, ରଘୁନାଥ ସାହୁ, |
| | ୪୩୦/୩୫୯୮ | ଶାରଦ ଏକ | ୦.୨୪ | ୦.୦୬ | ପି: ଅଇଁଠି ସାହୁ, ବିରେନ୍ଦ୍ରି ସାହୁ, ପି: ଠକର ସାହୁ, ବା: ନିଜଗାଁ |
| ୫୨୯ | ୨୬୬୭ | ଶାରଦ ଦୁଇ | ୦.୦୪ | ୦.୦୨ | ବାଇଧର ସେଠୀ, ଯଦୁ ସେଠୀ, ରମାକାନ୍ତ ସେଠୀ, ପି: ଜଗନ୍ନାଥ ସେଠୀ, ଜା: ଧୋବା, ବା: ନିଜଗାଁ |
| ୫୫୨ | ୨୬୪୩ | ଶାରଦ ଦୁଇ | ୦.୦୮ | ୦.୦୩ | ବାସନ୍ତିମଣି ଦାସ, ସ୍ୱା: ଜତିଶ ବିହାରୀ ଦାସ, |
| | ୨୬୪୪ | ଶାରଦ ଦୁଇ | ୦.୨୯ | ୦.୦୪ | ଜା: କରଣ, ବା: ସୁନହାଟ |
| ୫୬୭ | ୪୫୫/୩୬୦୪ | ଶାରଦ ଏକ | ୦.୦୮ | ୦.୦୫ | ବୀରେନ୍ଦ୍ର କୁମାର ସାହୁ, ପି: ଠକର ଚରଣ ସାହୁ, |
| | ୪୩୧/୩୫୬୯ | ଶାରଦ ଦୁଇ | ୦.୧୮ | ୦.୦୮ | ଜା: କୁବେର, ବା: ନିଜଗାଁ |
| ୫୮୬ | ୯୦୪ | ଶାରଦ ଦୁଇ | ୦.୧୫ | ୦.୦୮ | ଭଗବାନ ସେଠୀ, ପି: ଅନନ୍ତ ସେଠୀ, ଜା : ଧୋବା, ବା ନିଜଗାଁ |
| ୬୦୬ | ୨୬୫୪ | ଶାରଦ ଦୁଇ | ୧.୪୮ | ୦.୦୧ | ଭିକାରି ଯେନା, ପି: ସୁନ୍ଦର ଯେନା, ଜା: ପାର, ବା: ଟିକିରାପାଳ |
| ୬୩୬ | ୩୯୧ | ଶାରଦ ଏକ | ୦.୯୨ | ୦.୧୦ | ମନୋରଞ୍ଜନ ଚୌଧୁରୀ, ସୋମନାଥ ଚୌଧୁରୀ, ପି: ମଧୁସୂଦନ ଚୌଧୁରୀ, ମୃଷି ଚୌଧୁରୀ, ସ୍ୱା: ମଧୁସୁଦନ ଚୌଧୁରୀ, ଜଗନ୍ନାଥ ଚୌଧୁରୀ, ରାମଚନ୍ଦ୍ର ଚୌଧୁରୀ, ପି: କାଙ୍ଗାଳି ଚୌଧୁରୀ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୬୪୬ | ୯୦୩ | ଶାରଦ ଦୁଇ | ୦.୩୪ | ୦.୦୭ | ମହେଶ୍ୱର ସେଠୀ, ପ୍ରତାପ ସେଠୀ, ପି: କୈଳାସ ସେଠୀ, ମଡି ସେଠୀ, ସ୍ୱା- ରାମ ସେଠୀ, ଜା: ଧୋବା, ବା: ନିଜଗାଁ |
| ୬୫୩ | ୮୫୭ | ଶାରଦ ଦୁଇ | ୦.୧୫ | ୦.୦୩ | ବିନତୀ ପରିଡା, ପି: କ୍ଷେତ୍ର ପରିଡା, ଜା: ଖଣ୍ଡାୟତ, ବା: ସୋମନାଥପୁର |
| ୬୭୬ | ୨୭୭୨ | ଶାରଦ ଦୁଇ | ୦.୪୩ | ୦.୧୧ | ରମାନାଥ ମହାନ୍ତି, ପି: ପଦ୍ମଲୋଚନ ମହାନ୍ତି, ସୀତାମଣି ମହାନ୍ତି, ସ୍ୱା: ପଦ୍ମଲୋଚନ ମହାନ୍ତି, ବିଜୟ ମହାନ୍ତି, ଅଜୟ ମହାନ୍ତି, ସଞ୍ଜୟ ମହାନ୍ତି, ସଂଗୀତା ମହାନ୍ତି, ପି: କ୍ଷେତ୍ର ମହାନ୍ତି, ଶାନ୍ତି ମହାନ୍ତି, ସ୍ୱା: କ୍ଷେତ୍ର ମହାନ୍ତି, ଜା: କରଣ, ବା: ଚଣ୍ଡିପୁର |
| ୬୮୪ | ୪୨୬ | ଶାରଦ ଏକ | ୦.୩୦ | ୦.୧୧ | ରାଜକିଶୋର ଚୌଧୁରୀ, ପି: ହରେକୃଷ୍ଣ ଚୌଧୁରୀ, |
| | ୪୩୦/୩୬୧୧ | ଶାରଦ ଏକ | ୦.୧୦ | ୦.୦୧ | ଜା: ଖଣ୍ଡାୟତ, ବା: ଦିଗାପଦା |
| ୭୫୮ | ୮୭୬ | ଶାରଦ ଦୁଇ | ୦.୨୭ | ୦.୦୭ | ଶଦାଶିବ ମହାନ୍ତି, ପି: ପରମାନନ୍ଦ ମହାନ୍ତି, |
| | ୮୭୮ | ଶାରଦ ଦୁଇ | ୦.୧୦ | ୦.୦୧ | ଜା: ଖଣ୍ଡାୟତ, ବା: ଚଣ୍ଡିପୁର |
| | ୮୮୭ | ଶାରଦ ଦୁଇ | ୦.୨୭ | ୦.୧୫ | |
| | ୮୮୮ | ଶାରଦ ଦୁଇ | ୦.୨୧ | ୦.୦୫ | |
| | ୮୮୯ | ଶାରଦ ଦୁଇ | ୧.୦୮ | ୦.୨୭ | |
| | ୪୩୧ | ଶାରଦ ଏକ | ୦.୨୩ | ୦.୦୭ | |
| ୭୯୭ | ୪୩୧ | ଶାରଦ ଏକ | ୦.୨୩ | ୦.୦୭ | ରାମ ଚନ୍ଦ୍ର ସାହୁ, ପି: ପିତାମ୍ବର ସାହୁ, ଜା: କୁବେର, ବା: ନିଜଗାଁ |
| ୮୨୭ | ୪୨୭ | ଶାରଦ ଏକ | ୦.୧୫ | ୦.୦୩ | ସୁଦୁରୀ ଜେନା, ପି: ଦର୍ଶନ ଜେନା, ଜଳଧର ଜେନା, |
| | ୪୫୪/୩୫୮୮ | ଶାରଦ ଏକ | ୦.୧୯ | ୦.୦୧ | ଦୈତାରୀ ଜେନା, ପି: କଟି ଜେନା, ଅମୃତମଣି ଜେନା, |
| | ୮୫୪ | ଶାରଦ ଦୁଇ | ୦.୩୭ | ୦.୦୪ | ପି: ମୂଳି ଜେନା, ବେଣ୍ଡାଳି ଜେନା, ପି: ପଞ୍ଚୁ ଜେନା, |
| | ୮୫୫ | ଶାରଦ ଦୁଇ | ୦.୫୪ | ୦.୨୦ | ଜା: ଖଣ୍ଡାୟତ, ବା : ସୋମନାଥପୁର |
| ୮୩୪ | ୨୬୭୮ | ଶାରଦ ଦୁଇ | ୦.୩୧ | ୦.୦୪ | ସୁରେନ୍ଦ୍ର ନାରାୟଣ ସିଂ, ପି: ଉଦୟନାରାୟଣ ସିଂ, ଜା: କ୍ଷତ୍ରିୟ, ବା: ଚଣ୍ଡିପୁର, ଦଖଲ ଘନଶ୍ୟାମ ମହାନ୍ତି, ସିକିମ ଖାତା ନଂ. ୧୧ ବା: |
| ୮୯୯/୧୨୩ | ୮୮୬ | ଶାରଦ ଦୁଇ | ୦.୨୩ | ୦.୧୨ | ବିରେନ୍ଦ୍ର ଜେନା, ପି: କାଳୀଚରଣ ଜେନା, ଜା: ଖଣ୍ଡାୟତ, ବା: ସୋମନାଥପୁର, ଥା-ବସ୍ତା |
| ୮୯୯/୧୪୪ | ୪୫୧/୩୬୨୩ | ଶାରଦ ଏକ | ୦.୨୨ | ୦.୦୨ | ନାରାୟଣ ବେହେରା, ପି: ନବକିଶୋର ବେହେରା, ଜା: ନିଆରି, ବା: ନିଜଗାଁ |
| ୮୯୯/୧୬୫ | ୮୭୫ | ଶାରଦ ଦୁଇ | ୦.୪୯ | ୦.୦୯ | ଭାସ୍କର ଚନ୍ଦ୍ର ଦାସ, ପି: କୈଳାଶ ଚନ୍ଦ୍ର ଦାସ, ଜା: ଖଣ୍ଡାତ, ବା: ସୋମନାଥପୁର, ଥା-ବସ୍ତା, ଜି-ବାଲେଶ୍ୱର |
| ୮୯୯/୨୭୭ | ୮୭୭ | ଶାରଦ ଦୁଇ | ୦.୬୪ | ୦.୦୬ | ପରମାନନ୍ଦ ସିଂ, ପି: ମାର୍କଣ୍ଡ ସିଂ, ଜା: ଭୂମିଜ, ବା: ଗୁହିପୁର, ଥା-ବସ୍ତା |
| ୮୯୯/୩୦୨ | ୪୫୫/୪୪୧୭ | ଶାରଦ ଏକ | ୦.୨୮ | ୦.୦୧ | ଅଭିରାମ ଦାସ, ପି: କୃତ୍ତିବାସ ଦାସ, ଜା: ଖଣ୍ଡାୟତ, ବା : ସୋମାନାଥପୁର, ଥା-ବସ୍ତା, ଜି-ବାଲେଶ୍ୱର |
| ୮୯୯/୩୩୧ | ୮୮୨/୪୪୪୫ | ଶାରଦ ଦୁଇ | ୦.୦୭ | ୦.୦୪ | ଜୟନ୍ତ ସିଂ, ଜୟା ସିଂ, ପି: ବିଭୁତି ସିଂ, |
| | ୮୯୬/୪୪୪୭ | ଶାରଦ ଦୁଇ | ୦.୧୧ | ୦.୦୫ | ଜା: ଭୂମିଜ, ବା: ଗୁହିପୁର, ଥା-ବସ୍ତା |
| ୮୯୯/୩୭୦ | ୮୮୨/୪୫୧୭ | ଶାରଦ ଦୁଇ | ୦.୧୫ | ୦.୦୭ | ତପନ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାପାତ୍ର, ସୁବାଶ ଚନ୍ଦ୍ର ମହାପାତ୍ର, ପି: ସନ୍ୟାସୀ ମହାପାତ୍ର, ଜା: ଖଣ୍ଡାୟତ, ବା: ସୋମନାଥପୁର, ଥା-ବସ୍ତା, ଜି : ବାଲେଶ୍ୱର |
| ୮୯୯/୩୭୧ | ୨୭୬୮ | ଶାରଦ ଦୁଇ | ୦.୨୭ | ୦.୧୦ | ସୃଷ୍ଟିଧର ଦେ, ପି: ବଙ୍କିମ ଚନ୍ଦ ଦେ, ଜା: ରାଜୁ, |
| | ୨୭୭୧ | ଶାରଦ ଦୁଇ | ୦.୦୬ | ୦.୦୩ | ବା: ଖାଲିନା, ଥା-ଜଳେଶ୍ୱର, ଜି-ବାଲେଶ୍ୱର |
| ୮୯୯/୪୧୦ | ୮୭୯ | ଶାରଦ ଦୁଇ | ୦.୨୩ | ୦.୧୫ | ପାର୍ବତୀ ସାହୁ, ସ୍ୱା: ବଂଶୀଧର ସାହୁ, ଜା: ଖଣ୍ଡାୟତ, ବା: ସୋମନାଥପୁର |
| ୮୯୯.୫୫୩ | ୩୯୩ | ଶାରଦ ଏକ | ୦.୪୭ | ୦.୧୦ | ଦଶୁଆ ଓରଫ ଯଶୋବନ୍ତ ଜେନା, ସନ୍ତୋଷ ଓରଫ ଉଜ୍ଜଳ କୁମାର ଜେନା, ପି: ଜଗନ୍ନାଥ ଜେନା, ପୁଷ୍ଟି ଓରଫ ପ୍ରମିଳା ଜେନା, ସ୍ୱା: ଜଗନ୍ନାଥ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୮୯୯/୫୮୧ | ୪୩୧/୩୪୩୨ | ଶାରଦ ଦୁଇ | ୦.୧୮ | ୦.୦୬ | ସୁବ୍ରତ କୁମାର ସାହୁ, ଅବିନାଶ ସାହୁ, ପି: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: କୁବେର, ବା: ନିଜଗାଁ |
| ୮୯୯/୬୨୬ | ୪୩୦/୩୬୧୧/ ୪୭୫୨ | ଶାରଦ ଏକ | ୦.୧୦ | ୦.୦୬ | ପିତାମ୍ବର ମହାପାତ୍ର, ଗୌରାଙ୍ଗ ମହାପାତ୍ର, ପି: ଭିକାରୀ ମହାପାତ୍ର, ଜା: ଖଣ୍ଡାୟତ, ବା: ସୋମନାଥପୁର, ଥା-ବସ୍ତା, ଜି : ବାଲେଶ୍ୱର |
| ୮୯୯/୬୩୮ | ୨୬୬୨/୪୭୬୩ | ଶାରଦ ଦୁଇ | ୦.୦୫ | ୦.୦୩ | ସନ୍ତୋଷ କୁମାର ମହାନ୍ତି, ପି: ସଦାଶିବ ମହାନ୍ତି, |
| | ୨୬୬୩/୪୭୬୪ | ଶାରଦ ଦୁଇ | ୦.୦୮ | ୦.୦୫ | ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି-ବାଲେଶ୍ୱର |
| ୮୯୯/୬୬୮ | ୮୭୬/୪୭୯୧ | ଶାରଦ ଦୁଇ | ୦.୩୨ | ୦.୦୯ | ବିଜୟ କୁମାର ମହାନ୍ତି, ପି: ମହେଶ୍ୱର ମହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର ସାମିଲ ରାଇସୁଆଁ, ଥା-ବସ୍ତା, ଜି: ବାଶେଶ୍ୱର |
| ୮୯୯/୬୭୪ | ୪୩୦/୩୬୧୧/ ୪୭୫୨/୪୭୯୬ | ଶାରଦ ଏକ | ୦.୧୦ | ୦.୦୬ | ଭଗବାନ ଜେନା, ପି: ବାଞ୍ଛାନିଧି ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା-ସଦର, ଜି- ବାଲେଶ୍ୱର |
| ୮୯୯/୭୦୬ | ୪୪୦ | ଶାରଦ ଏକ | ୦.୫୦ | ୦.୦୬ | ପ୍ରକାଶ ଚନ୍ଦ୍ର ନାୟକ, ପି: ପୂର୍ଣ୍ଣଚନ୍ଦ୍ର ନାୟକ, ଜା: ଖଣ୍ଡାୟତ, ବା: ପଦାବଗାଁ, ଥା-ସଦର, ଜି : ବାଲେଶ୍ୱର |
| ୮୯୯/୮୪୧ | ୨୬୪୨/୪୮୦୪ | ଶାରଦ ଦୁଇ | ୦.୧୮ | ୦.୦୫ | ମହେଶ୍ୱର ସେଠୀ, ପି: ଚାଲକ ସେଠୀ, ଜା: ଧୋବା, ବା: ତ୍ରୀଭଙ୍ଗୀପୁର, ଥା-ସଦର, ଜି-ବାଲେଶ୍ୱର |
| ୮୯୯/୮୪୨ | ୨୬୪୨/୪୮୦୩ | ଶାରଦ ଦୁଇ | ୦.୧୮ | ୦.୦୬ | ମହେଶ୍ୱର ସେଠୀ, ପି: ଚାଲକ ସେଠୀ, ଜା: ଧୋବା, ବା: ତ୍ରୀଭଙ୍ଗୀପୁର, ଥା-ସଦର, ଜି: ବାଲେଶ୍ୱର |
| ୮୯୯/୮୪୩ | ୨୬୪୨/୪୨୯୦ | ଶାରଦ ଦୁଇ | ୦.୧୨ | ୦.୦୯ | ମହେଶ୍ୱର ସେଠୀ, ପି: ଚାଲକ ସେଠୀ, ଜା: ଧୋବା, ବା: ତ୍ରୀଭଙ୍ଗୀପୁର, ଥା-ସଦର, ଜି: ବାଲେଶ୍ୱର |
| ୮୯୯/୮୬୮ | ୮୮୩/୪୩୩୭ | ଶାରଦ ଦୁଇ | ୦.୦୩ | ୦.୦୨ | ଜନ୍ମେଜୟ ମହାନ୍ତି, ପି: ଲକ୍ଷ୍ମୀଧର ମହାନ୍ତି, |
| | ୮୯୬/୪୩୩୮ | ଶାରଦ ଦୁଇ | ୦.୦୬ | ୦.୦୩ | ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି : ବାଲେଶ୍ୱର |
| ୮୯୯/୮୬୯ | ୮୮୩/୪୩୩୯ | ଶାରଦ ଦୁଇ | ୦.୦୩ | ୦.୦୨ | ରାକେଶ ମହାନ୍ତି, ପି: ମୃତ୍ୟୁଞ୍ଜୟ ମହାନ୍ତି, |
| | ୮୯୬/୪୩୪୦ | ଶାରଦ ଦୁଇ | ୦.୦୬ | ୦.୦୩ | ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି: ବାଲେଶ୍ୱର |
| ୮୯୯/୮୭୦ | ୮୮୩/୪୩୪୧ | | ୦.୦୬ | ୦.୦୩ | ଗଙ୍ଗାଧର ମହାନ୍ତି, ପି: ନରସିଂହ ମହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି-ବାଲେଶ୍ୱର |
| ୮୯୯/୮୭୧ | ୮୮୨ | ଶାରଦ ଦୁଇ | ୦.୦୮ | ୦.୦୪ | ହରିଶ୍ଚନ୍ଦ୍ର ମହାନ୍ତି, ପି: ନରସିଂହ ମହାନ୍ତି, |
| | ୮୮୩/୪୩୪୩ | ଶାରଦ ଦୁଇ | ୦.୦୬ | ୦.୦୩ | ଜା: ଖଣ୍ଡାୟତ, ବା: ଚାନ୍ଦିପୁର, ଥା-ବସ୍ତା, |
| | ୮୮୪ | ଶାରଦ ଦୁଇ | ୦.୧୩ | ୦.୦୯ | ଜି : ବାଲେଶ୍ୱର |
| ୮୯୯/୮୭୨ | ୮୮୩/୪୩୪୫ | ଶାରଦ ଦୁଇ | ୦.୦୫ | ୦.୦୩ | ନରେନ୍ଦ୍ର ମହାନ୍ତି, ପି: ନରସିଂହ ମହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି : ବାଲେଶ୍ୱର |
| ୮୯୯/୯୧୮ | ୨୬୮୦/୫୦୩୨ | ଶାରଦ ଦୁଇ | ୦.୪୬ | ୦.୦୯ | ରାଧାକୃଷ୍ଣ ମୋହାନ୍ତି, ପି: ଘନଶ୍ୟାମ ମୋହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି : ବାଲେଶ୍ୱର |
| ୮୯୯/୯୮୯ | ୪୩୧/୫୦୮୩ | ଶାରଦ ଏକ | ୦.୧୩ | ୦.୦୩ | ତପସ୍ୱିନୀ ସାହୁ, ସ୍ୱା: ଗୌରାଙ୍ଗ ଚରଣ ସାହୁ, ଜା: କୁବେର, ବା: ବରହମପୁର, ଥା-ରୂପସା ଜି : ବାଲେଶ୍ୱର |
| ୮୯୯/୧୨୮୦ | ୨୬୮୦ | ଶାରଦ ଦୁଇ | ୦.୪୪ | ୦.୧୧ | ଲମ୍ବୋଦର ମହାନ୍ତି, ପି: ଘନଶ୍ୟାମ ମହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି : ବାଲେଶ୍ୱର |
| **ସମପରିମାର ଶ୍ମଶାନ ପ୍ରତିବଦଳ** | | | | | |
| ୮୯୯/୩୩୧ | ୮୯୬/୪୪୪୭ | ଶାରଦ ଦୁଇ | | ୦.୦୬ | ଜୟନ୍ତ ସିଂ, ଜୟା ସିଂ, ପି: ବିଭୁତି ସିଂ, ଜା : ଭୂମିଜ, ବା: ଗୁହିପୁର, ଥା-ବସ୍ତା, |
| ୮୯୯/୪୦୦ | ୮୯୪ | ଶାରଦ ଦୁଇ | ୦.୦୮ | ୦.୦୮ | ପଦ୍ମଲୋଚନ ଜେନା, ପି: ଜଗନ୍ନାଥ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, |
| ୮୯୯/୮୬୮ | ୮୯୬/୪୩୩୮ | ଶାରଦ ଦୁଇ | | ୦.୦୩ | ଜନ୍ମେଜୟ ମହାନ୍ତି, ପି: ଲକ୍ଷ୍ମୀଧର ମହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି : ବାଲେଶ୍ୱର |
| ୮୯୯/୮୬୯ | ୮୯୬/୪୩୪୦ | ଶାରଦ ଦୁଇ | | ୦.୦୩ | ରାକେଶ ମହାନ୍ତି, ପି: ମୃତ୍ୟୁଞ୍ଜୟ ମହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା-ବସ୍ତା, ଜି: ବାଲେଶ୍ୱର |
| ୮୯୯/୮୭୨ | ୮୯୬ | ଶାରଦ ଦୁଇ | ୦.୧୦ | ୦.୧୦ | ନରେନ୍ଦ୍ର ମହାନ୍ତି, ପି: ନରସିଂହ ମହାନ୍ତି, ଜା: ଖଣ୍ଡାୟତ, ବା: ଚଣ୍ଡିପୁର, ଥା- ବସ୍ତା, ଜି: ବାଲେଶ୍ୱର |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| ୮୯୯/୩୯୨ | ୮୩୭/୪୫୫୦ | ଶାରଦ ଦୁଇ | ୦.୩୯ | ୦.୧୪ | ରବିନ୍ଦ୍ର ଜେନା, ପି: ଦର୍ଶନ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା-ସରଦ, ଜି: ବାଲେଶ୍ୱର |
| ୮୯୯/୩୯୭ | ୮୩୭/୪୫୫୧ | ଶାରଦ ଦୁଇ | ୧.୨୨ | ୦.୨୩ | ତିଳୋତ୍ତମା ନାୟକ, ସ୍ୱା: ଉଦ୍ଧବ ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| | ୭୬ ପ୍ଲଟ | | ଏ.୨୨.୭୮ | ଏ. ୫.୩୯ | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0085

## ସମ୍ପାଦକୀୟ

# ଅଚଳାବସ୍ଥା ଦୂର ହେଉ

ସଂସଦରେ ମୌସୁମୀ ଅଧିବେଶନ ଆରମ୍ଭ ଦିନରୁ ହିଁ ଏପରି ହୋ ହଲ୍ଲା ହୋଇ ଗୃହଦ୍ୱୟ ଅଚଳାବସ୍ଥାକୁ ଆସିବା ପ୍ରକୃତରେ ଆମମାନଙ୍କ ପାଇଁ ଦୁର୍ଭାଗ୍ୟର ବିଷୟ । ଏକ ବିରାଟ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ, ସମୁଦାୟ ବିଶ୍ୱରେ ତାହାର ମର୍ଯ୍ୟାଦା ରଖି ଆସିଥିବା ବେଳେ ନିଜ ସଂସଦରେ ବିରୋଧୀଦଳର ନେତା ଓ ନେତ୍ରୀମାନଙ୍କର ଏପରି ଆଚରଣ ଶୋଭା ପାଏ ନାହିଁ । ଭାରତ ପାକିସ୍ତାନ ନୁହେଁ । ପାକିସ୍ତାନରେ ଗଣତନ୍ତ୍ର ଏବେ ଭୁଷୁଡ଼ି ପଡ଼ିଛି । ଏକ ସମୟରେ ଭାରତ ଓ ପାକିସ୍ତାନ ସ୍ୱାଧୀନତା ଲାଭ କରିଥିଲେ ମଧ୍ୟ ପାକିସ୍ତାନରେ ଗଣତନ୍ତ୍ର ବିପର୍ଯ୍ୟସ୍ତ ହୋଇଥିବାର କାରଣ ସେମାନେ ନିଜେ । ଭାରତରେ କିନ୍ତୁ ଗଣତନ୍ତ୍ରକୁ ବିପଦ ମୁହଁକୁ ଠେଲି ଦେଉଛନ୍ତି ବିରୋଧୀ ଦଳ । ରାଷ୍ଟ୍ରର ବିକାଶରେ ଉଭୟ ଶାସକ ଓ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜନସାଧାରଣ ଭୋଟ ଦେଇ ନିର୍ବାଚିତ କରିଥିବା ସାଂସଦମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେଲେ, ସରକାର ମଧ୍ୟ ତାଙ୍କର ତ୍ରୁଟିବିଚ୍ୟୁତିକୁ ସଜାଡ଼ିବାକୁ ସୁଯୋଗ ପାଇବେ । କିନ୍ତୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ଗଣତନ୍ତ୍ରର ମନ୍ଦିର ସଦୃଶ ସଂସଦରେ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକୁ କରାଇ ନ ଦେଇ ଅଚଳ କରାଯାଉ ଥିବା ଘଟଣାକୁ ଜନସାଧାରଣ କେବେହେଲେ ବରଦାସ୍ତ କରିବେ ନାହିଁ । ସେଥିପାଇଁ ଆଗାମୀ ୨୦୨୭ରେ ଯେଉଁ କେତୋଟି ରାଜ୍ୟରେ ସାଧାରଣ ନିର୍ବାଚନ ହେବ, ସେଥିରେ ବିରୋଧୀ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିପାରିବେ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।

**ଆଜି ଯେଉଁମାନେ ସାଂସଦ ଅଛନ୍ତି, ଭବିଷ୍ୟତରେ ସେମାନେ ମରିଯିବା ପରେ ସେମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯିବା ବେଳେ ଯଦି ଏପରି ହଙ୍ଗାମା କରାଯାଏ, ତାହେଲେ କିପରି ପରିସ୍ଥିତି ହେବ ? ଅବଶ୍ୟ ତାହା ସେମାନେ ଭାବି ପାରୁ ନାହାନ୍ତି । ଛାତ୍ରଛାତ୍ରୀଙ୍କ ଉପରେ ଲୁହବୁହା ଗ୍ୟାସ ଓ ଲାଠିମାଡ଼ ହେବାଦ୍ୱାରା ବିରୋଧୀ ରାଜନୀତିକ ଦଳଗୁଡ଼ିକ ପକ୍ଷରୁ ସେମାନଙ୍କୁ ଅଧିକ ଉତ୍ତେଜିତ କରାଗଲା । ଏପରିକି କଂଗ୍ରେସ ନେତା ରାହୁଲ ଗାନ୍ଧି ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରିଥିବା ବେଳେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ଯେ ଭାରତୀୟ ଯୁବକଯୁବତୀଙ୍କ ଆଶା ଓ ଆକାଂକ୍ଷା ଏ ଦେଶକୁ ଆଗେଇ ନେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡ଼ିକ ଯୁବଶକ୍ତିଙ୍କର ଆଶା ପୂରଣ ନ କରି ସେମାନଙ୍କୁ ବିଭ୍ରାନ୍ତ କରିବାକୁ ବୃଥା ଉଦ୍ୟମ କରୁଛନ୍ତି । ପ୍ରକୃତରେ ବିରୋଧୀ ଦଳଗୁଡ଼ିକର କର୍ତ୍ତବ୍ୟ ହେଉଛି ଯେ ସେମାନେ ସଂସଦରେ ଏ ସବୁ ସମସ୍ୟା ବିଷୟରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ମାଗି ପାରନ୍ତେ । ସଂସଦରେ ଏ ଅଚଳାବସ୍ଥା ଦୂର ହେଉ ଓ ଗଣତାନ୍ତ୍ରିକ ଉପାୟରେ ସଂସଦର ବିଭିନ୍ନ ଅଧିବେଶନ ଚାଲୁ ବୋଲି ଦେଶବାସୀ ଚାହୁଁଛନ୍ତି ।**

ଗତ ତା ୨୦/୦୭/୨୦୨୬ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉ ହେଉ ମୁଣ୍ଡରେ ଚାଳ ବାଜିଲା, ବିରୋଧୀ ଦଳର ଷଡଯନ୍ତ୍ର ଯୋଗୁଁ । ନୂଆଦିଲ୍ଲୀର ଜନ୍ତରମନ୍ତର ରୋଡରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ବାହିନୀ ବାଧା ଦେଉ ନଥିଲେ । କାରଣ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରି ଆସୁଥିଲେ । ମାତ୍ର 'ସଂସଦକୁ ଚାଲ' ବୋଲି ସେମାନେ ସ୍ଲୋଗାନ ଦେଇ ଆନ୍ଦୋଳନ କରିବାର ନଥିଲା । ଏପରି ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ବୋଲି କୁହାଯାଇ ପାରିବ ନାହିଁ । ନିଟ୍ ପରୀକ୍ଷାରେ ବିଭ୍ରାଟ ହୋଇଛି ବୋଲି ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରି ଆସୁଥିଲେ । ସେହି ଆନ୍ଦୋଳନକୁ ଅନେକ ସାମାଜିକ ସଂଗଠନ ଓ ରାଜନୀତିକ ଦଳ ସମର୍ଥନ ମଧ୍ୟ କରି ଆସୁଥିଲେ । ସେଥିରେ କେହି କିଛି ଆପତ୍ତି କରିବାର ନାହିଁ । ମାତ୍ର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କ୍ରମଶଃ ହିଂସାକାଣ୍ଡ ଆଡ଼କୁ ଗତି କଲା । ସୁରକ୍ଷା କର୍ମୀ ପୋଲିସଙ୍କ ଉପରକୁ ଟେକା ପଥର ମାରି ସେମାନଙ୍କୁ ଆହାତ କରିବା ଘଟଣାରୁ ହିଂସାକାଣ୍ଡ ବଢ଼ିଲା । ପୋଲିସ ନିରାପତ୍ତା ରକ୍ଷା ସହିତ ଆପଣାର ସୁରକ୍ଷା କାରଣରୁ ହୁଏ ତ ଲାଠି ଚାଳନା କରିବାକୁ ବାଧ୍ୟ ହୋଇଥିବ । ମାତ୍ର ବିରୋଧୀ ଦଳ ଏହାକୁ ପ୍ରସଙ୍ଗ କରି ସଂସଦକୁ ପ୍ରଥମ ଦିନରୁ ଅଚଳ କରିବା ଠିକ୍ ହୋଇ ନାହିଁ । ଲୋକସଭା ଛଅଥର ଓ ରାଜ୍ୟସଭା ପାଞ୍ଚଥର ମୁଲତବୀ ହୋଇଥିଲା ଆରମ୍ଭ ଦିନରୁ । ଦ୍ୱିତୀୟ ଦିନରେ ମଧ୍ୟ ଗୃହରେ ଅଚଳାବସ୍ଥା ଜାରି ରହିବାରୁ ଗୃହର କାର୍ଯ୍ୟ ସବୁକୁ ତା ୨୨/୦୭/୨୦୨୬ ରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଛି ।

ନିଟ୍ ପରୀକ୍ଷା ବିଭ୍ରାଟ ଅଦାଲତକୁ ଯିବା ପରେ କେନ୍ଦ୍ର ସରକାର ତାହାର ପ୍ରତିକାର କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି । ସବୁ ସମସ୍ୟାର ସମାଧାନ ଆଲୋଚନା ଜରିଆରେ କରିବାକୁ କେନ୍ଦ୍ର ସରକାର ଚାହିଁଛନ୍ତି । ମାତ୍ର ଛାତ୍ରଛାତ୍ରୀମାନଙ୍କୁ ବିଭ୍ରାନ୍ତ କରି ରାଜନୀତିକ ଫାଇଦା ହାସଲ କରା ନ ଯାଉ । ତା' ଫଳରେ କାହାରି ମଧ୍ୟ ସ୍ୱାର୍ଥ ସାଧନ ସମ୍ଭବ ହେବ ନାହିଁ ।

ସବୁଠାରୁ ଦୁଃଖର କଥା, ଗତ ତା ୨୦/୦୭/୨୦୨୬ ରିଖରେ ସଂସଦର ଅଧିବେଶନ ଆରମ୍ଭ ବେଳେ ଯେଉଁ ପୂର୍ବତନ ସାଂସଦମାନଙ୍କ ଲାଗି ଆସିଥିବା ଶୋକ ପ୍ରସ୍ତାବ ଉପରେ ଗୃହରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଉଥିଲା, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସେଥିରେ ବାଧା ସୃଷ୍ଟି କରା ଯାଇଥିଲା । ଫଳରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ତାହାକୁ ଏକ ନିମ୍ନ ଧରଣର ପରମ୍ପରା ବୋଲି ବର୍ଣ୍ଣନା କରିଥିଲେ । ଆଜି ଯେଉଁମାନେ ସାଂସଦ ଅଛନ୍ତି, ଭବିଷ୍ୟତରେ ସେମାନେ ମରିଯିବା ପରେ ସେମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯିବା ବେଳେ ଯଦି ଏପରି ହଙ୍ଗାମା କରାଯାଏ, ତାହେଲେ କିପରି ପରିସ୍ଥିତି ହେବ ? ଅବଶ୍ୟ ତାହା ସେମାନେ ଭାବି ପାରୁ ନାହନ୍ତି । ଛାତ୍ରଛାତ୍ରୀଙ୍କ ଉପରେ ଲୁହବୁହା ଗ୍ୟାସ ଓ ଲାଠିମାଡ଼ ହେବାଦ୍ୱାରା ବିରୋଧୀ ରାଜନୀତିକ ଦଳଗୁଡ଼ିକ ପକ୍ଷରୁ ସେମାନଙ୍କୁ ଅଧିକ ଉତ୍ତେଜିତ କରାଗଲା । ଏପରିକି କଂଗ୍ରେସ ନେତା ରାହୁଲ ଗାନ୍ଧି ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରିଥିବା ବେଳେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ଯେ ଭାରତୀୟ ଯୁବକଯୁବତୀଙ୍କ ଆଶା ଓ ଆକାଂକ୍ଷା ଏ ଦେଶକୁ ଆଗେଇ ନେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡ଼ିକ ଯୁବଶକ୍ତିଙ୍କର ଆଶା ପୂରଣ ନ କରି ସେମାନଙ୍କୁ ବିଭ୍ରାନ୍ତ କରିବାକୁ ବୃଥା ଉଦ୍ୟମ କରୁଛନ୍ତି । ପ୍ରକୃତରେ ବିରୋଧୀ ଦଳଗୁଡ଼ିକର କର୍ତ୍ତବ୍ୟ ହେଉଛି ଯେ ସେମାନେ ସଂସଦରେ ଏ ସବୁ ସମସ୍ୟା ବିଷୟରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ମାଗି ପାରନ୍ତେ । ସଂସଦରେ ଏ ଅଚଳାବସ୍ଥା ଦୂର ହେଉ ଓ ଗଣତାନ୍ତ୍ରିକ ଉପାୟରେ ସଂସଦର ବିଭିନ୍ନ ଅଧିବେଶନ ଚାଲୁ ବୋଲି ଦେଶବାସୀ ଚାହୁଁଛନ୍ତି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମା' ରମାଦେବୀଙ୍କୁ ସ୍ମରଣ କରୁଛି



**ପ୍ରହଲାଦ କୁମାର ସିଂହ**

ରମା ସୁନ୍ଦରୀରୁ ମା' ରମାଦେବୀ ପର୍ଯ୍ୟନ୍ତ ତାଙ୍କ ସୁଦୀର୍ଘ ଜୀବନଯାତ୍ରା ଥିଲା ବେଶ ରୋମାଞ୍ଚକର । ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ସହରରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କ ବାପା ଗୋପାଳ ବଲ୍ଲଭ ଦାସ ଥିଲେ ଡେପୁଟି କଲେକ୍ଟର ଓ ସ୍ୱାଧୀନଚେତା ଲେଖକ । ତାଙ୍କ ବଡ଼ବାପା ଥିଲେ ଉତ୍କଳ ଗୌରବ ମଧୁସୂଦନ । ଅଜା ଜମିଦାର ନନ୍ଦକିଶୋର ଦାସ ଓ ମାମୁ ରାଜକିଶୋର ଦାସ ଥିଲେ ଉଚ୍ଚ ପାହ୍ୟାର ସରକାରୀ ଅଧିକାରୀ । ମାତ୍ର ୧୫ବର୍ଷ ବୟସରେ ରମା ସୁନ୍ଦରୀଙ୍କର ବିବାହ ହୋଇଥିଲା ଖେରସର ଜମିଦାର ତଥା ବିଶିଷ୍ଟ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କ ସହ । ତାଙ୍କ ମା' ବସନ୍ତ କୁମାରୀ ଥିଲେ ଓଡ଼ିଆ ଭାଷାର ପ୍ରଥମ ମହିଳା ପତ୍ରିକା 'ପରିଚାରିକା'ର ସଂପାଦିକା । ପିଲାଦିନୁ ପରିବାରର ସଂସ୍କାର ବିଶେଷକରି ବଡ଼ବାପା ମଧୁସୂଦନଙ୍କ ବ୍ୟକ୍ତିତ୍ୱ ତାଙ୍କୁ ଏକ ନିଆରା ମଣିଷରେ ଗଢ଼ି ତୋଳିବା ସହ ଦେଶ ସେବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ୧୯୦୮ ମସିହାରେ ତାଙ୍କୁ ଯେତେବେଳେ ମାତ୍ର ୯ବର୍ଷ ସେହି ସମୟରେ ତରୁଣ ବିପ୍ଳବୀ ଖୁଦିରାମଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆ ଯାଇଥିଲା । ସେଦିନ ୯ବର୍ଷ ଝିଅ ରମା ସପରିବାର ଉପବାସ ବ୍ରତ ରଖି ଶହୀଦଙ୍କୁ ସମ୍ମାନ ଜଣାଇଥିଲେ । ତାଙ୍କ ନାମରେ ଏବେ ଭୁବନେଶ୍ୱରରେ 'ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ' ରହିଛି । କିନ୍ତୁ ରମାଦେବୀଙ୍କର କୌଣସି ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ବି ନଥିଲା । ସ୍ୱାଧ୍ୟାୟ ଓ ସାଧନା ବଳରେ ସେ ଓଡ଼ିଆ ସମେତ ବିଭିନ୍ନ ଭାଷାରେ ଦକ୍ଷତା ଲାଭ କରିଥିଲେ । ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ, ମହାତ୍ମା ଗାନ୍ଧି, ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ବ୍ୟାସକବି ଫକୀରମୋହନଙ୍କ ଭଳି ମହାପୁରୁଷମାନଙ୍କୁ ବଡିଘର କରି ସେ ଆଗେଇ ଥିଲେ ।

ବିବାହ ପରେ ଗୋପବନ୍ଧୁ ଚୌଧୁରୀ ତାଙ୍କୁ ପ୍ରଥମ ପ୍ରଶ୍ନ କରିଥିଲେ, 'ଆମ ଜୀବନରେ ଆମେ କଣ କରିବା?' ନବବଧୂଙ୍କର ସଂକ୍ଷିପ୍ତ ଉତ୍ତର ଥିଲା, 'ପରୋପକାର' । ବିବାହର ଅଳ୍ପଦିନ ମଧ୍ୟରେ ସେ ତାଙ୍କର ବାପା ଓ ଶ୍ୱଶୁରଙ୍କୁ ହରାଇଥିଲେ । ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥାଇ ବରୀ ବନ୍ୟାଞ୍ଚଳର ଦୁର୍ଦ୍ଦଶା ସଂପର୍କରେ ସରକାରଙ୍କୁ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହା ବଦଳାଇବା ଲାଗି ଚାପ ହେବାରୁ ସ୍ୱାଧୀନଚେତା ଗୋପବନ୍ଧୁ ଚାକିରି ଛାଡ଼ିବା ପାଇଁ ମନସ୍ଥ କରି ସହଧର୍ମିଣୀ ରମାଦେବୀଙ୍କ ପରାମର୍ଶ ଲୋଡ଼ିଥିଲେ । ସେତେବେଳେ ରମାଦେବୀଙ୍କ ଠାରୁ ସବୁଜ ସଂକେତ ପାଇ ତାଙ୍କ ଇସ୍ତଫା ପତ୍ରରେ ଲେଖିଥିଲେ ଯେ ସରକାରୀ ଚାକିରିରେ ମଣିଷ ଜୀବନର ବିକାଶର ସ୍ଥାନ ନାହିଁ । ଚାକିରି ଛାଡ଼ି ଗୋପବନ୍ଧୁ ଚୌଧୁରୀ ସପରିବାର ସିଧା ଭେଟିଲେ ଉତ୍କଳମଣି ଗୋପବନ୍ଧୁଙ୍କୁ । ଉତ୍କଳମଣି ଓକିଲାତି କରିବା ବେଳେ କିଛିଦିନ ପାଇଁ ଗୋକୁଳାନନ୍ଦ ଚୌଧୁରୀଙ୍କ ଜୁନିଅର ଭାବେ ତାଲିମ ନେଇଥିଲେ । ବସ୍ତୁତଃ ବନ୍ୟା ବିପତ୍ତିରୁ ଓଡ଼ିଶା ପାଇଛି ଦୁଇଟି ରତ୍ନ-ଜଣେ ହେଲେ ଗୋପବନ୍ଧୁ ଦାସ ଓ ଅନ୍ୟଜଣେ ଗୋପବନ୍ଧୁ ଚୌଧୁରୀ ।

ଗୋପବନ୍ଧୁ ଚୌଧୁରୀ କଟକରେ ଭାରତୀ ମନ୍ଦିର ନାମରେ ଯେଉଁ ଛୋଟ ପାଠାଗାରଟିଏ ଗଢ଼ିଥିଲେ ସେଥିରେ ସାମିଲ ଥିଲେ ରେଭେନ୍ସା କଲେଜ୍‌ରେ ପଢୁଥିବା ତାଙ୍କ ସାନଭାଇ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନ୍‌ଗୋ, ଯଦୁମଣି ମଙ୍ଗରାଜ, ବଂଶୀଧର ମିଶ୍ର ପ୍ରମୁଖ । ଗୋପବନ୍ଧୁ ଚାକିରି ଛାଡ଼ିବା ପୂର୍ବରୁ ଏହି ଯୁବଗୋଷ୍ଠୀ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ପାଠପଢ଼ା ଛାଡ଼ି ଦେଇଥିଲେ । ୧୯୨୧ ମାର୍ଚ୍ଚ ୨୩ରୁ ମହାତ୍ମା ଗାନ୍ଧିଙ୍କ ସପ୍ତାହ ବ୍ୟାପି ଓଡ଼ିଶା ଗସ୍ତ ଅବସରରେ କଟକରେ ଯେଉଁ ମହିଳା ସଭାଟିଏ ହୋଇଥିଲା ସେଥିରେ ରମାଦେବୀ, ସରଳାଦେବୀ, ସରୋଜିନୀ ଚୌଧୁରୀଙ୍କ ସମେତ ଅତିବେଶୀରେ ୪୦ଜଣ ମହିଳା ଯୋଗ ଦେଇଥିଲେ । ଅନ୍ୟମାନେ ସ୍ୱରାଜ୍ୟ ପାଣ୍ଠି ପାଇଁ ସେମାନଙ୍କ ଗହଣା ଦାନ କରିଥିବା ବେଳେ ରମାଦେବୀ କିନ୍ତୁ ଶାଶୁ ପଦ୍ମାବତୀଙ୍କ କଥା ମାନି ଗହଣା ଦେଇନଥିଲେ । ଗାନ୍ଧିଙ୍କୁ ସେ ଭେଟି ଦେଇଥିଲେ ତାଙ୍କ ହାତକଟା ସୂତା ମୋଡ଼ାଟିଏ । ବସ୍ତୁତଃ ଏହା ତାଙ୍କର ଜୀବନର ମୋଡ଼କୁ ବଦଳାଇ ଦେଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ସହ ଯୋଡ଼ି ହେଲେ ଶାନ୍ତିନିକେତନର ପ୍ରଥମ ଛାତ୍ରୀ ମାଳତୀ ଦେବୀ, ସାନ ଯାଆ ତଥା ସହକର୍ମୀଣୀ



ଦେବୀ, ପୁଅ ମନମୋହନ, ଝିଅ ଅନ୍ନପୂର୍ଣ୍ଣା, ଜ୍ୱାଇଁ ଶରତଚନ୍ଦ୍ର, ଝିଆରୀ ଉତ୍ତରା ପ୍ରମୁଖ ବାରମ୍ବାର ସ୍ୱରାଜ ଆନ୍ଦୋଳନରେ କାରବରଣ କରିଥିଲେ ବି କେବେ ମୁଣ୍ଡ ନୁଆଁଇ ନାହାନ୍ତି । ତାଙ୍କ ଆକର୍ଷଣରେ ଅନେକ ଛୋଟ ଛୋଟ ପୁଅଝିଅ ଟାଣି ହୋଇ ଆସି ବାନର ସେନାରେ ଯୋଗ ଦେଇ ପାଠପଢ଼ା ଛାଡ଼ିଛନ୍ତି, ଲାଠିମାଡ଼ ଖାଇଛନ୍ତି, ଏମିତିକି ଜେଲ୍ ବି ଯାଇଛନ୍ତି । ଏହି ବାନର ସେନାମାନେ ତାଙ୍କୁ ଆଦରରେ ମା' ବୋଲି ଡାକିବାରୁ ପରବର୍ତ୍ତୀ ସମୟରେ କେବଳ ଓଡ଼ିଶା ଭିତରେ କାହିଁକି ସାରା ଦେଶରେ ଗାନ୍ଧି ପ୍ରେମୀମାନେ ତାଙ୍କୁ ସମ୍ମାନର ସହ ମା'ବୋଲି ସମ୍ବୋଧନ କଲେ । ଗାନ୍ଧିଜୀ ରମାଦେବୀଙ୍କୁ ହରିଜନ ସେବକ ସଂଘର ପ୍ରାଦେଶିକ ସଂପାଦକ, କସ୍ତୁରବ ଗାନ୍ଧି ରାଷ୍ଟ୍ରୀୟ ସ୍ମାରକ ନିଧିର ପ୍ରତିନିଧି, ମହିଳା ସେବା ମଣ୍ଡଳ ଏବଂ ଅଖିଳ ଭାରତ ଚରଖା ସଂଘର ଟ୍ରଷ୍ଟୀ, ହିନ୍ଦୁସ୍ଥାନୀ ତାଲିମ ସଂଘର ସଦସ୍ୟ, ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ, ସର୍ବଭାରତୀୟ ମହିଳା ସମ୍ମିଳନୀର ସଦସ୍ୟ, ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଆଦି ବିଭିନ୍ନ ସଂଗଠନର ଗୁରୁଦାୟିତ୍ୱ ଦେଇଥିଲେ ଏବଂ ସେ ସବୁକୁ ସେ ନିଷ୍ଠାର ସହ ବି ତୁଲାଇଥିଲେ ।

୧୯୨୧ରୁ ୧୯୪୬ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ପ୍ରତିଟି

**ମା'ରମାଦେବୀଙ୍କର ମହାପ୍ରୟାଣ ଘଟିଲା ୧୯୮୫ ଜୁଲାଇ ୨୨ ରାତିରେ । କଟକ ଖାନନଗର ଶ୍ମଶାନରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ତାଙ୍କ ଶବାଧାରରେ ଯେତେବେଳେ ଆମେ କେତେଜଣ ଜୁଇ ଚାରିପଟେ ପରିକ୍ରମା କରାଉଥିଲୁ ସେ ସମୟରେ ଶରୀର ରୋମାଞ୍ଚିତ ହୋଇ ଉଠୁଥିଲା। ଶତାଧିକ ସ୍ୱାଧୀନତା ସଂଗ୍ରାମୀ, ରଚନାତ୍ମକ କର୍ମୀ, ଛାତ୍ର, ଯୁବକ, ମହିଳା, ଶ୍ରମିକ, ରାଜନେତା ଆଦି ବିଭିନ୍ନ ବର୍ଗର ଲୋକେ ସେଠି ସମବେତ ହୋଇଥିଲେ ମା'ଙ୍କୁ ବିଦାୟ ଦେବା ପାଇଁ । ସେ କୌଣସି ସାମ୍ବିଧାନିକ ପଦପଦବୀକୁ ନିର୍ବାଚିତ ହୋଇନଥିଲେ ମଧ୍ୟ କୃତଜ୍ଞ ରାଷ୍ଟ୍ର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତିମ ସଂସ୍କାର କରାଇଥିଲା । ଯେଉଁ ସ୍ୱରାଜ ହାସଲ ସହିତ ଗାନ୍ଧି-ଗୋପବନ୍ଧୁଙ୍କ କଳ୍ପିତ ରାମରାଜ୍ୟ ପ୍ରତିଷ୍ଠା ପାଇଁ ରମାଦେବୀଙ୍କ ଭଳି ସଂଗ୍ରାମୀମାନେ ସେମାନଙ୍କ ଜୀବନକୁ ବାଜି ଲଗାଇ ଦେଇଛନ୍ତି ତାହା ଏବେ ବି ଅଧୁରା ରହିଛି । ଏହାକୁ ଫଳପ୍ରସୂ କରିବା ଲାଗି ସତେ ଯେମିତି ମା'ରମାଦେବୀଙ୍କ ପବିତ୍ର ଆତ୍ମା ପୂଣ୍ୟଭୂମି ଭାରତର ପୁଅଝିଅମାନଙ୍କୁ ନମ୍ର ନିବେଦନ କରୁଛନ୍ତି । ମା'ରମାଦେବୀଙ୍କ ଭଳି ସ୍ୱରାଜ ସାଧିକାଙ୍କ ନିକଟ ବଳୟରେ କିଛିବର୍ଷ କାମ କରିବାର ଅମୃତ ସୁଯୋଗ ପାଇଥିବାରୁ ନିଶ୍ଚିତ ଭାବେ ଆମଭଳି କର୍ମୀମାନେ ନିଜକୁ ଧନ୍ୟ ମନେ କରିବେ ।**

ଭାବେ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଆଦିରେ ରମାଦେବୀ ସପରିବାର ଓ ସବାନ୍ଧବେ ଯୋଗଦେଇ ବାରମ୍ବାର କାରାବରଣ କରିଛନ୍ତି। ଜଗତସିଂହପୁର ଅଳକା ଆଶ୍ରମ ଓ ବରୀର ସେବାଘର ଥିଲା ସେବା, ସଂଗ୍ରାମ ପାଇଁ ତାଙ୍କର ପ୍ରୟୋଗଶାଳା ।

ଯେଉଁ ସମୟରେ ମହିଳାମାନଙ୍କୁ ଓଢ଼ଣା ଆଢୁଆଳରେ ଘରଭିତରେ ରହିବାକୁ ବାଧ୍ୟ କରାଯାଉଥିଲା ସେତେବେଳେ ରମାଦେବୀ ଗାଁ ଗାଁ ବୁଲି ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବା ସହ ନାରୀ କର୍ମୀ ସୃଷ୍ଟି କରୁଥିଲେ । ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା ଲବଣ ସତ୍ୟାଗ୍ରହ ସମୟରେ । ବାଲେଶ୍ୱରର ଶ୍ରୀଜଙ୍ଗଠାରୁ ଜଗତସିଂହପୁରର କୁଜଙ୍ଗ, ଅସ୍ତରଙ୍ଗର କୁହୁଡ଼ି, ଗଞ୍ଜାମର ରମ୍ଭା, ହୁମା ଆଦି ସ୍ଥାନରେ ଶହ ଶହ ମହିଳା ସତ୍ୟାଗ୍ରହୀ ଯେଭଳି ସାହସର ସହ ଲବଣ ଆଇନ୍ ଭଙ୍ଗ କଲେ, ମଦ ଦୋକାନ ଆଗରେ ପିକେଟିଂ ସହ ବିଦେଶୀ ବସ୍ତ୍ର ଜାଳିଲେ ତାହା ଆମ ଇତିହାସର ଗୌରବାବହ ଅଧ୍ୟାୟ। କେବଳ ରମାଦେବୀ ନୁହନ୍ତି- ସ୍ୱାମୀ ଗୋପବନ୍ଧୁ, ଦିଅର ନବକୃଷ୍ଣ, ଯାଆ ମାଳତୀ

ଓଡ଼ିଶା ଗସ୍ତରେ ସେ ଯୋଡ଼ି ହୋଇଥିଲେ । ୧୯୨୨ରୁ ବିଭିନ୍ନ ସମୟରେ କଂଗ୍ରେସ ଅଧିବେଶନରେ ସେ ଓଡ଼ିଶାର ପ୍ରତିନିଧି ଭାବେ ଯୋଗ ଦେଉଥିଲେ । ଓଡ଼ିଶା ଭିତରେ ଏବଂ ଓଡ଼ିଶା ବାହାରେ ହଜାରିବାଗ, ଭାଗଲପୁର ଭଳି ବିଭିନ୍ନ ଜେଲ୍‌ରେ ସେ ବନ୍ଦୀ ଜୀବନ କାଟିଛନ୍ତି । ତାଙ୍କ ବିରୋଧରେ ବ୍ରିଟିଶ ସରକାର ବହୁ ମିଛ ମାମଲା ରୁଜୁ କରିଥିଲେ । ଏପରିକି ଝିଅ ଅପହରଣ ଭଳି ସାଙ୍ଘାତିକ ଦଫା ଲଗାଇ ତାଙ୍କୁ ମଧ୍ୟ ଜେଲ୍ ଦଣ୍ଡ ଦିଆଇଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ବିଭିନ୍ନ କାମରେ ବି ସେ ଜଣେ ସ୍ୱେଚ୍ଛାସେବିକା ଭାବରେ ସହାୟତା କରୁଥିଲେ । ଏକ ଜମିଦାର ପରିବାରର ବୋହୂ ଓ ଉତ୍କଳ ଗୌରବଙ୍କ ଭଳି ଏକ ଆଭିଜାତ୍ୟ ସଂପନ୍ନ ପରିବାରର କନ୍ୟା ହୋଇ ବି ସେ ସ୍ୱେଚ୍ଛାକୃତ ସପରିବାର ଦାରିଦ୍ର୍ୟ ବରଣ କରିବା ସଙ୍ଗେ ସଙ୍ଗେ ଦେଶ କାମ ପାଇଁ ତାଙ୍କର ସମସ୍ତ ଗହଣା ଓ ଭୂସଂପତ୍ତି ଦାନ କରିଦେଇଥିଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କ ପ୍ରାୟ ମାସେ ବ୍ୟାପୀ ଓଡ଼ିଶାରେ ହରିଜନ ପଦଯାତ୍ରାର ସେ ଥିଲେ ଅନ୍ୟତମ ସଂଚାଳିକା । ୧୯୩୮ରେ ବେରବୋଇ ଠାରେ ଗାନ୍ଧି-ପଟେଲ ଆଦିଙ୍କ ଉପସ୍ଥିତିରେ ଅନୁଷ୍ଠିତ ସପ୍ତାହ ବ୍ୟାପୀ ସେବା ସଂଘ ବୈଠକରେ ବି ସେ ଥିଲେ ସଂଯୋଜିକା। ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଚାହିଁଥିଲେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ବସିପାରିଥାନ୍ତେ । କିନ୍ତୁ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ନିଜ ଜୀବନକୁ ବାଜି ଲଗାଇ ଦେବା ସହ ନିଜର ଦୁଇ ପୁଅଝିଅଙ୍କୁ ବି ସରକାରୀ ସ୍କୁଲକୁ ପାଠ ପଢ଼ାଇବାକୁ ଛାଡ଼ିନଥିଲେ । ଅବଶ୍ୟ ପୁଅ ମନମୋହନ ଓ ଝିଅ ଅନ୍ନପୂର୍ଣ୍ଣା ତାଙ୍କ ଭଳି ସ୍ୱାଧ୍ୟାୟ ଓ ସାଧନା କରି ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଯାଇଛନ୍ତି ।

ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ବିନୋବା ଭାବେଙ୍କ ସହ ମିଶି ଭୂଦାନ ଯଜ୍ଞକୁ ସଫଳ କରାଇବାରେ ଚୌଧୁରୀ ପରିବାରର ଥିଲା ଅନବଦ୍ୟ ଅବଦାନ । ଯେତେବେଳେ ଯେଉଁଠି ବି କିଛି ପ୍ରାକୃତିକ ବିପଦ, ଛାତ୍ର ଅଶାନ୍ତି, ସାମ୍ପ୍ରଦାୟିକ ଦଙ୍ଗା ଆଦି ଘଟିଛି ସେଠି ରମାଦେବୀ ସାହସର ସହ ଆଗକୁ ଯାଇ ସମାଧାନର ବାଟ କାଢ଼ିଛନ୍ତି । ଏମିତିକି ଚୀନ ଯୁଦ୍ଧ ସମୟରେ ଆସାମ ସୀମାନ୍ତରେ ଏବଂ ବାଂଲାଦେଶ ମୁକ୍ତି ସଂଗ୍ରାମ ବେଳେ ଦିନାଜପୁରର ହିଲି ଅଞ୍ଚଳରେ ସେ ଲୋକଙ୍କ ମନୋବଳ ବଢ଼ାଇବା ସହ ଗୁଳିଗୋଳାକୁ ଖାତିର ନକରି ସେବାର ପତାକା ଉଡ଼ାଇଛନ୍ତି । ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନର ସେ ଥିଲେ ଅନ୍ୟତମ ମାର୍ଗଦର୍ଶିକା । ଜରୁରୀ ପରିସ୍ଥିତି ବେଳେ ତାଙ୍କ ପରିବାରର ଅନେକଙ୍କୁ ଗିରଫ କରାଯାଇଥିଲା। ରାଜ୍ୟ ଭିତରେ ଓ ବାହାରେ ଏବେ ବି ତାଙ୍କ ସେବାର ସନ୍ତକ ଦେଖାଯାଏ । ଦେଶ ବିଦେଶର ବହୁ ସଂସ୍ଥା ତାଙ୍କୁ ସମ୍ମାନ ପ୍ରଦାନ କରି ନିଜେ ସମ୍ମାନିତ ହୋଇଛନ୍ତି । ତାଙ୍କ ଉପରେ ଯମୁନାଲାଲ ବଜାଜ ପୁରସ୍କାର ଠାରୁ ଶାରଳା ପୁରସ୍କାର ପର୍ଯ୍ୟନ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ବିଧି ପରମ ଭୂଷଣ' ଆଦି ଅଜାଡ଼ି ହୋଇପଡିଛି । ପଦ୍ମ ସମ୍ମାନକୁ ସେ ଏଡ଼ାଇ ଯାଇଛନ୍ତି । ତାଙ୍କ ନାମରେ ନୌସେନା ଏକ ତଟବର୍ତ୍ତୀ ଜାହାଜକୁ ନାମିତ କରିଛି । ଭାରତ ସରକାର ମଧ୍ୟ ସ୍ମାରକୀ ଡାକ ଟିକେଟ୍ ପ୍ରଚଳନ କରିଛନ୍ତି । ଏମିତି ତାଲିକା ଢେର ଲମ୍ବା।

ମା'ରମାଦେବୀଙ୍କର ମହାପ୍ରୟାଣ ଘଟିଲା ୧୯୮୫ ଜୁଲାଇ ୨୨ ରାତିରେ । କଟକ ଖାନନଗର ଶ୍ମଶାନରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ତାଙ୍କ ଶବାଧାରରେ ଯେତେବେଳେ ଆମେ କେତେଜଣ ଜୁଇ ଚାରିପଟେ ପରିକ୍ରମା କରାଉଥିଲୁ ସେ ସମୟରେ ଶରୀର ରୋମାଞ୍ଚିତ ହୋଇ ଉଠୁଥିଲା। ଶତାଧିକ ସ୍ୱାଧୀନତା ସଂଗ୍ରାମୀ, ରଚନାତ୍ମକ କର୍ମୀ, ଛାତ୍ର, ଯୁବକ, ମହିଳା, ଶ୍ରମିକ, ରାଜନେତା ଆଦି ବିଭିନ୍ନ ବର୍ଗର ଲୋକେ ସେଠି ସମବେତ ହୋଇଥିଲେ ମା'ଙ୍କୁ ବିଦାୟ ଦେବା ପାଇଁ । ସେ କୌଣସି ସାମ୍ବିଧାନିକ ପଦପଦବୀକୁ ନିର୍ବାଚିତ ହୋଇନଥିଲେ ମଧ୍ୟ କୃତଜ୍ଞ ରାଷ୍ଟ୍ର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତିମ ସଂସ୍କାର କରାଇଥିଲା । ଯେଉଁ ସ୍ୱରାଜ ହାସଲ ସହିତ ଗାନ୍ଧି-ଗୋପବନ୍ଧୁଙ୍କ କଳ୍ପିତ ରାମରାଜ୍ୟ ପ୍ରତିଷ୍ଠା ପାଇଁ ରମାଦେବୀଙ୍କ ଭଳି ସଂଗ୍ରାମୀମାନେ ସେମାନଙ୍କ ଜୀବନକୁ ବାଜି ଲଗାଇ ଦେଇଛନ୍ତି ତାହା ଏବେ ବି ଅଧୁରା ରହିଛି । ଏହାକୁ ଫଳପ୍ରସୂ କରିବା ଲାଗି ସତେ ଯେମିତି ମା'ରମାଦେବୀଙ୍କ ପବିତ୍ର ଆତ୍ମା ପୂଣ୍ୟଭୂମି ଭାରତର ପୁଅଝିଅମାନଙ୍କୁ ନମ୍ର ନିବେଦନ କରୁଛନ୍ତି । ମା'ରମାଦେବୀଙ୍କ ଭଳି ସ୍ୱରାଜ ସାଧିକାଙ୍କ ନିକଟ ବଳୟରେ କିଛିବର୍ଷ କାମ କରିବାର ଅମୃତ ସୁଯୋଗ ପାଇଥିବାରୁ ନିଶ୍ଚିତ ଭାବେ ଆମଭଳି କର୍ମୀମାନେ ନିଜକୁ ଧନ୍ୟ ମନେ କରିବେ ।

E-mail: prahalladsinha@gmail.com
ମୋ-୯୪୩୭୦୧୭୩୯୫
(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)

# ରଥାରୂଢ ବାମନାୟ ନମଃ

**ଡକ୍ଟର ସାରଦା ପ୍ରସାଦ କର**

ନୀଳାଚଳ ସର୍ବଦା ଲୀଳା ଚଞ୍ଚଳ। ବେଦାନ୍ତର ପରିଭାଷା 'ଲୋକବତ୍ତୁ ଲୀଳାକୈବଲ୍ୟଂ'କୁ ଚରିତାର୍ଥ କରିବାକୁ ଯାଇ ମହାପ୍ରଭୁ କେତେବେଳେ ମତ୍ସ୍ୟ ତ ପୁଣି କେତେବେଳେ କୂର୍ମ, କେତେବେଳେ ବରାହବିଳାସ ତ ପୁଣି କେତେବେଳେ ନୃସିଂହନିବାସ, କେତେବେଳେ ବାମନବିହାର ତ କେତେବେଳେ ପରଶୁପ୍ରହାର, କେତେବେଳେ ରାମଙ୍କର ଶାନ୍ତ ମୁଖ ତ ପୁଣି କେତେବେଳେ ବଳରାମଙ୍କର କମ୍ପିତଅଧର, କେତେବେଳେ ବୁଦ୍ଧଙ୍କ ଧ୍ୟାନ ତ ଆଉ କେତେବେଳେ କଲ୍‌କୀଙ୍କର କୃପାଣର ଦିବ୍ୟ ଲୀଳା ପ୍ରଦର୍ଶନ କରନ୍ତି । ଲୀଳାର ଏହି ବିବିଧତା ମଧ୍ୟରେ ଲୁଚି ରହିଛି ଭକ୍ତି, ତତ୍ତ୍ୱ ଓ ଦର୍ଶନର ଦୃଶ୍ୟାବଳୀ ।

ଚଳିତ ପବିତ୍ର ଆଷାଢ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ହୋଇଛି ବିଶ୍ୱବନ୍ଦ୍ୟ ଗୋବିନ୍ଦଙ୍କର ପାବନ ପତିତପାବନ ଯାତ୍ରା। ମୁନି ମନୀଷୀଙ୍କର ମହାମଣ୍ଡଳରୁ ଦେବତାଙ୍କର ଦେବମଣ୍ଡଳ ଯାଏ, ପାତାଳର ନାଗ ମଣ୍ଡଳରୁ ଭକ୍ତଙ୍କର ଭାବମଣ୍ଡଳ ଯାଏ ସବୁଠାରେ ଲମ୍ବିଯାଇଛି ଅଦୃଶ୍ୟର ପାଟଡୋର । ଉଚ୍ଚାଟ ଉଚ୍ଛ୍ୱାସ, ଅନାମୟ ଆନନ୍ଦ ଆଉ ଅସରନ୍ତି ଆବେଗର ଲହରି ସତେ ଯେପରି ମଥା ପିଟୁଛି ବଡ଼ଦାଣ୍ଡର ବୁକୁ ଉପରେ ।

ବିକଚ ପଦ୍ମନେତ୍ରରେ ଲକ୍ଷେ ଜନତାକୁ କୃପାକଦମ୍ବ ବୃଷ୍ଟିକରି ରଥାରୂଢ ହୋଇଥିଲେ ଶ୍ରୀଜଗନ୍ନାଥ । ପୁରାଣ କହେ 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' (ସୂତ ସଂହିତା)। ତେବେ ମନରେ ପ୍ରଶ୍ନଆସେ କିଏ ଏହି ବାମନ ଭଗବାନ? ଶ୍ରୀମଦ୍ କବିରାଜ କୃଷ୍ଣଦାସ ଗୋସ୍ୱାମୀ 'ଚୈତନ୍ୟ ଚରିତାମୃତ'ରେ ଲେଖିଛନ୍ତି -

'ଦ୍ୱାଦଶ ମାସର ଦେବତା ଏହି ବାରୋ ଜନ । ମାର୍ଗଶୀର୍ଷେ କେଶବ ପୌଷେ ନାରାୟଣ । ମାଘେର ଦେବତା ମାଧବ ଗୋବିନ୍ଦ ଫାଲଗୁନ । ଚୈତ୍ରେ ବିଷ୍ଣୁ ବୈଶାଖେ ଶ୍ରୀମଧୁସୂଦନ । ଜ୍ୟେଷ୍ଠେ ତ୍ରିବିକ୍ରମ ଆଷାଢେ ବାମନ ଦେବେଶ । ଶ୍ରାବଣେ ଶ୍ରୀଧର, ଭାଦ୍ରେ ଦେବ ହୃଷୀକେଶ । ଆଶ୍ୱିନେ ପଦ୍ମନାଭ, କାର୍ତ୍ତିକେ ଦାମୋଦର । ରାଧାଦାମୋଦର ଅନ୍ୟ ବ୍ରଜେନ୍ଦ୍ର କୋଙରନ୍ତ ।'

ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ବ୍ୟକ୍ତ ହୋଇଥିବା ଏହି ଭକ୍ତି ଶ୍ରୀଜଗନ୍ନାଥଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ । କାରଣ ଶାସ୍ତ୍ରୀୟ ମତରେ ଜଗନ୍ନାଥ ଏବଂ ଶ୍ରୀକୃଷ୍ଣ ଅଭିନ୍ନ ଅଟନ୍ତି। ଶ୍ରୀମନ୍ଦିରରେ ବାମନ ଜନ୍ମ, ହରିଶୟନ ଓ ଦେବ ଦୀପାବଳି ପ୍ରଭୃତି ପର୍ବ ପାଳିତ ହେବା ଅବସରରେ ଶ୍ରୀଜଗନ୍ନାଥଙ୍କର ବାମନ ପରିଚୟର ସ୍ପଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ରଥ ଉପରେ ବାମନ ରୂପଦର୍ଶନର ତାତ୍ପର୍ଯ୍ୟ ସ୍ୱତନ୍ତ୍ର ଓ ତତ୍ତ୍ୱ ସମ୍ବଳିତ ।

ଶ୍ରୀଜଗନ୍ନାଥ ସର୍ବ ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲେ ମଧ୍ୟ ସେ ଅଣୁଠାରୁ ବି ସୂକ୍ଷ୍ମତର । ତେଣୁ ଭଗବାନଙ୍କ ଏକ ଅବତାର ହେଉଛି 'ବାମନ ଅବତାର'। 'କଠ' ଉପନିଷଦ୍‌ରେ କୁହାଯାଇଛି - 'ଅଣୋରଣୀୟାନ୍ ମହତୋ ମହୀୟାନ୍' । ସେହି ଅଙ୍ଗୁଷ୍ଠ ପରିମାଣ ପୁରୁଷ ହିଁ ତ୍ରିକାଳର ନିୟନ୍ତା । ଦେହ ରୂପକ ରଥ ମଧ୍ୟରେ ସେହି ଆତ୍ମା ରୂପକ ବାମନଙ୍କୁ ଦର୍ଶନ କରିପାରିଲେ ଆତ୍ମପୋଲବ୍ଧ ଘଟେ । ଏହା ହିଁ ଜୀବକୁ ଭବ ସାଗରରୁ ଭାବସାଗରକୁ ନେଇଯାଏ, ଗତାର୍ଥକୁ କୃତାର୍ଥ ଓ ଜୀବନକୁ ଚରିତାର୍ଥ କରିଦିଏ ।

ଯୋଗୀମାନେ ଏ ଦେହକୁ ରଥ ସହ ତୁଳନା କରିଛନ୍ତି ଯେଉଁଥିରେ ଆତ୍ମା ରଥି, ବୁଦ୍ଧି ସାରଥୀ ଓ ମନକୁ ଲଗାମ ଭାବରେ ବର୍ଣ୍ଣନା କରାଯାଇଛି । ରଥ ଯେପରି ତ୍ରିତଳ ବିଶିଷ୍ଟ, ଦେହରଥ ମଧ୍ୟ ସେହିପରି ସହସ୍ରାର, ହୃଦୟ ଓ ମୂଳାଧାର ଚକ୍ର ଉପରେ ଅଧିଷ୍ଠିତ । ଉର୍ଦ୍ଧ୍ୱତମ ଚକ୍ରରେ ସହସ୍ରଦଳ କମଳରେ ଶ୍ରୀବାମନଦେବ ଅର୍ଥାତ୍ ଜଗନ୍ନାଥ ବିରାଜିତ ଅଟନ୍ତି । ବାମନ ଅବତାରରେ ସେ ତ୍ରିଭୁବନ ଅଧିକାର କରିଛନ୍ତି । ଯଦି କେହି ଭାଗ୍ୟବାନ ସାଧକ, ସାଧନାଦ୍ୱାରା ଏହି ଦେହ ରଥରେ ସହସ୍ରଦଳରେ ବାମନଦେବଙ୍କୁ ଦର୍ଶନ କରିପାରନ୍ତି, ତେବେ ତାଙ୍କୁ ପୁନରାୟ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିବାକୁ ପଡ଼େ ନାହିଁ । ହୃଦୟଚକ୍ର ହେଉଛି ଭଗବାନଙ୍କର ଲୀଳାକ୍ଷେତ୍ର । ସମସ୍ତ ଅବତାର ଓ ସେମାନଙ୍କର କାର୍ଯ୍ୟକଳାପ ଏହିଠାରେ ହିଁ ଦେଖିବାକୁ ମିଳେ । ନିମ୍ନ ଅର୍ଥାତ୍ ମୂଳାଧାର ଚକ୍ରରେ କାମାଦି ରିପୁଗଣ ଅବସ୍ଥାନ କରନ୍ତି ।

ଏହି କାମାଦି ଶତ୍ରୁମାନଙ୍କର ବିନାଶ ନହେବା ପର୍ଯ୍ୟନ୍ତ ଜୀବର ପାରମାର୍ଥିକ ଉନ୍ନତି ହୋଇପାରେ ନାହିଁ, ଯାହା ବାମନ ଦର୍ଶନରେ ଅନ୍ତରାୟ ସୃଷ୍ଟି କରେ। ତେଣୁ ରଥାରୁଢ ଜଗନ୍ନାଥଙ୍କୁ ବାମନ କହିବାର ତାତ୍ପର୍ଯ୍ୟ ହେଉଛି ବାମନ ତିନି ପାଦରେ ତ୍ରିଭୁବନ ଅଧିକାର କଲାପରି ମଣିଷ ଆପଣାର ସାଧନା ଓ ଅର୍ନ୍ତଦୃଷ୍ଟି ବଳରେ ସେହି ତିନୋଟି ସ୍ତରକୁ ଅତିକ୍ରମକରି ସୂକ୍ଷ୍ମାତିସୂକ୍ଷ୍ମ ବାମନରୂପୀ ଜଗନ୍ନାଥଙ୍କୁ ନିଜ ଶରୀର ରୂପୀ ଧର୍ମରଥରେ ଦର୍ଶନ କରିପାରିଲେ ତାହା ହିଁ ହେବ ଦିବ୍ୟତାର ଦ୍ୟୋତକ ଓ ସଫଳ ଦର୍ଶନ । କିନ୍ତୁ ଦୁର୍ଭାଗ୍ୟର ବିଷୟ ମନୁଷ୍ୟର ଜୀବନରଥ ବହିର୍ମୁଖୀ ଇନ୍ଦ୍ରିୟରୂପୀ ଅଶ୍ୱ ଏବଂ ଚଂଚଳାତ୍ମିକା ମନର ଶିଥିଳ ଲଗାମ ଯୋଗୁଁ ବିକାରଗ୍ରସ୍ତ ଏବଂ ଅଶାନ୍ତିରେ ପରିପୂର୍ଣ୍ଣ । କାମ, କ୍ରୋଧ, ଲୋଭ, ମୋହ ଆଦି ଶତ୍ରୁମାନେ ଆମ ଭିତରେ ରହି ଜୀବନକୁ ଅଶାନ୍ତ ଓ ବିଚଳିତ କରୁଛନ୍ତି ।

ଧନ ଅଛି ବାହାରେ କିନ୍ତୁ ଲୋଭରୂପକ ଶତ୍ରୁ ମୁଣ୍ଡ ଟେକୁଛି ଭିତରେ । ବିଷୟ ଅଛି ବାହାରେ କିନ୍ତୁ ବାସନା ଅଛି ଭିତରେ । ସଂସାର ବାହାରେ କିନ୍ତୁ ଆସକ୍ତି ଭିତରେ । ଦୁଷ୍ଟ ଅଛି ବାହାରେ କିନ୍ତୁ ଦ୍ୱେଷ ଅଛି ଭିତରେ । ଏହି ସବୁ ଶତ୍ରୁ ହିଁ ଧର୍ମରଥର ବାଧକ । ତେଣୁ ଭିତରର ଶତ୍ରୁମାନଙ୍କୁ ନଷ୍ଟ କରିବାକୁ ହେଲେ ମଣିଷକୁ ଧର୍ମରଥ ଉପରେ ଆରୂଢ ହେବାକୁ ପଡ଼ିବ । ଏହି ପ୍ରସଙ୍ଗରେ ରାମାୟଣର ଲଙ୍କାକାଣ୍ଡ କଥା ପ୍ରଣିଧାନଯୋଗ୍ୟ । ଲଙ୍କା ଯୁଦ୍ଧରେ ରାବଣର ସୁସଜ୍ଜିତ ରଥ ଓ ଅନ୍ୟପଟେ ରଘୁନାଥଙ୍କୁ ବିରଥ ଦେଖି ବିଭୀଷଣ ବିଚଳିତ ହୁଅନ୍ତେ ଶ୍ରୀରାମ କହିଲେ, 'ହେ ସଖା! ଯାହାବଳରେ ବିଜୟଲାଭ କରାଯାଏ, ସେହି ରଥ ହେଉଛି ଧର୍ମରଥ । ଶୌର୍ଯ୍ୟ ଓ ଧୈର୍ଯ୍ୟ ହେଉଛି ସେହି ରଥର ଦୁଇ ଚକ । ସତ୍ୟ ଓ ସଦାଚାର ହେଉଛି ଦୃଢ ଧ୍ୱଜା ଓ ପତାକା। ବଳ, ବିବେକ, ଦମ ଓ ପରୋପକାର ଏହି ଚାରୋଟି ହେଉଛି ତାର ଅଶ୍ୱ ।

କ୍ଷମା, ଦୟା ଏବଂ ସମତା ରୂପକ ରଜ୍ଜୁ ଦ୍ୱାରା ଏହି ଅଶ୍ୱମାନେ ବନ୍ଧା ହୁଅନ୍ତି । ଈଶ୍ୱରଙ୍କ ଭଜନ ହେଉଛି ଉକ୍ତ ରଥର ସାରଥୀ, ବୈରାଗ୍ୟ ଢାଲ ଓ ସନ୍ତୋଷ ହେଉଛି ଖଡ୍ଗ । ଯାହାଙ୍କର ଏପରି ଧର୍ମମୟ ରଥ ରହିଛି ସେ ଯୁଦ୍ଧରେ ଜୟମାଲ୍ୟ ପାଇବା ସୁନିଶ୍ଚିତ । ପ୍ରଭୁଙ୍କର ଏ ବାଣୀ ସତ୍ୟ ପ୍ରମାଣିତ ହେଲା ଲଙ୍କା ଯୁଦ୍ଧରେ । ସମସ୍ତ ବିଭବ ସତ୍ୱେ ରାବଣ ହେଲା ପରାଜିତ ଓ ସମସ୍ତ ଅଭାବ ଭିତରେ ପ୍ରଭୁ ହେଲେ ବିଜୟମଣ୍ଡିତ । ଏହା ହିଁ ଧର୍ମରଥର ମହିମା । ତେଣୁ ସାଧନା ଦ୍ୱାରା ମଣିଷ ନିଜର ଜୀବନ ରଥକୁ ଧର୍ମରଥ କରିପାରିଲେ ଅନ୍ତରରେ ଅଙ୍କୁରିତ ହେବ ସତ୍‌ଭାବନା ଓ ସତ୍‌ଗୁଣ । ଉଦୟ ହେବ ବିଚାରବୁଦ୍ଧିର ଦିବ୍ୟ ଚେତନା । ଉଷାର ଓଁକାରରେ ଫୁଟିଉଠିବ ପୂଷାର ପ୍ରଣବ । ସର୍ଜନାର ସ୍ତୋତ୍ରପାଠେ ଉଇଁଆସିବ ଉର୍ଜ୍ଜନାର ପର୍ବ । ପୁଣି କଥା କହିବ କଅଁଳ କଦମ୍ବ, ଓଦାହେବ ଧୂସର ଧରିତ୍ରୀ । ପୁଣି ଚେଇଁ ଉଠିବ ଚିରାଗରେ ଚିରାଳର ଚିତ୍ରିତ ଚେତନା । ତେବେ ଯାଇ ନିଜ ମଧ୍ୟରେ ସେହି ବ୍ରହ୍ମଜ୍ୟୋତି ରୂପକ ବାମନଙ୍କୁ ଉପଲବ୍ଧ କରି ଏ ଜୀବ ଲାଭ କରିବ ଅପାର ଆନନ୍ଦ ।

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ସମ୍ପର୍କ-୯୪୩୭୧୧୩୧୬୨

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦେଶର...

ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ସର୍ବବ୍ୟାପୀ ସମୃଦ୍ଧି ସୁନିଶ୍ଚିତ କରିବ। ନୀତି ଆୟୋଗ ଦ୍ୱାରା ପ୍ରକାଶିତ 'ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ' ହେଉଛି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିବେଶ ପରିବେଶ ଆକଳନ ପାଇଁ ଭାରତର ପ୍ରଥମ ସମ୍ପୂର୍ଣ୍ଣ, ତଥ୍ୟ-ଆଧାରିତ ବ୍ୟବସ୍ଥା।

ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଏବଂ ଗୋଆ ସହିତ ଓଡ଼ିଶା ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ଭାବେ ସ୍ଥାନ ପାଇଛି, ଯାହା ଭାରତର ସବୁଠାରୁ ପ୍ରତିଯୋଗିତାମୂଳକ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଏହାର ଆବିର୍ଭାବକୁ ପୁନଃ ପ୍ରତିପାଦିତ କରୁଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ମାନ୍ୟତା ଓଡ଼ିଶାର ଶାସନ ସଂସ୍କାର, ବ୍ୟବସାୟ ସହଜସାଧ୍ୟତା, ସଂସ୍ଥାଗତ ଦକ୍ଷତା ଏବଂ ନିବେଶକଙ୍କ ସୁବିଧା ପ୍ରତି ନିରନ୍ତର ଧ୍ୟାନକୁ ପ୍ରମାଣିତ କରୁଛି। ପ୍ରଗତିଶୀଳ ନୀତିଗତ ପଦକ୍ଷେପ, ଡିଜିଟାଲ୍ ଶାସନ, ସମୟସୀମା ମଧ୍ୟରେ ମଞ୍ଜୁରୀ, ସୁଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଏବଂ ଏକ ମଜବୁତ୍ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍ ମାଧ୍ୟମରେ ରାଜ୍ୟ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି, ଯାହା ବିଭିନ୍ନ କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରୁଛି।

ସେ କହିଛନ୍ତି ଯେ, ଓଡ଼ିଶାର ବିକାଶ କାହାଣୀ ଆଜି କେବଳ ପାରମ୍ପରିକ ଶିଳ୍ପ ଶକ୍ତି ମଧ୍ୟରେ ସୀମିତ ନାହିଁ। ରାଜ୍ୟ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ନିବେଶ ଆକୃଷ୍ଟ କରୁଛି ଏବଂ ଏକ ବିବିଧ ଉତ୍ପାଦନ ଏବଂ ସେବା ହବ୍ ଭାବେ ମାନ୍ୟତା ହାସଲ କରୁଛି।

ନିଜର ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନିବେଶଗୁଡ଼ିକ ଓଡ଼ିଶାର ଇଣ୍ଡଷ୍ଟ୍ରି ଭାଲ୍ୟୁ ଚେନ୍‌କୁ ସୁଦୃଢ଼ କରିବା ସହିତ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ ମଧ୍ୟ କରୁଛି। ଏମଏସଏମଇ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ସହାୟତା ଯୋଗାଇ ଦେବା ସହିତ ନବସୃଜନ ଓ ଦକ୍ଷତା ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ଏହି ବିପୁଳ ନିବେଶ ଦ୍ୱାରା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ସମନ୍ୱିତ ଶିଳ୍ପ ପାର୍କ, ଲଜିଷ୍ଟିକ୍ସ କରିଡର, ଉନ୍ନତ ସଂଯୋଗୀକରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ କ୍ଷେତ୍ର-ଭିତ୍ତିକ ଶିଳ୍ପ ପରିବେଶ ମାଧ୍ୟମରେ ଆଧୁନିକ ଶିଳ୍ପ ଭିତ୍ତିଭୂମିର ବିକାଶକୁ ସରକାର ପ୍ରାଥମିକତା ଦେଇଛନ୍ତି। ଦେଶୀୟ ଏବଂ ବିଶ୍ୱସ୍ତରୀୟ ନିବେଶକମାନଙ୍କ ସହ ନିରନ୍ତର ଆଲୋଚନା, ନୀତିଗତ ସ୍ଥିରତା ଏବଂ ଦକ୍ଷ ପ୍ରକଳ୍ପ ସୁବିଧା ଏକ ଭରସାଯୋଗ୍ୟ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଓଡ଼ିଶାର ସୁନାମକୁ ଆହୁରି ସୁଦୃଢ଼ କରିଛି।

ସରକାରଙ୍କ ଦୀର୍ଘମିଆଦୀ ବିକାଶ ଏଜେଣ୍ଡାକୁ ଦୋହରାଇ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶା ଗଠନର ଶତବାର୍ଷିକୀ ବର୍ଷ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ଏକ ସ୍ପଷ୍ଟ ରୋଡମ୍ୟାପ୍ ସହିତ କାର୍ଯ୍ୟ କରୁଛି, ଯାହା 'ବିକଶିତ ଭାରତ ୨୦୪୭'ର ଜାତୀୟ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଏହି ଜାତୀୟ ମାନ୍ୟତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଏକ ଉତ୍ତରଦାୟୀ, ସ୍ୱଚ୍ଛ ଓ ବିଶ୍ୱସ୍ତରୀୟ ନିବେଶ ପରିବେଶ ସୃଷ୍ଟି କରିବାରେ 'ଟିମ୍ ଓଡ଼ିଶା'ର ସାମୂହିକ ଉଦ୍ୟମକୁ ପ୍ରତିଫଳିତ କରୁଛି।

ଓଡ଼ିଶା ସରକାର ନୀତିଗତ ନବସୃଜନ, ପ୍ରଯୁକ୍ତିବିଦ୍ୟା-ଆଧାରିତ ଶାସନ, ଭିତ୍ତିଭୂମି ବିକାଶ ଏବଂ ଶିଳ୍ପ କ୍ଷେତ୍ର ସହ ନିବିଡ଼ ଆଲୋଚନା ମାଧ୍ୟମରେ ରାଜ୍ୟର ନିବେଶ ପରିବେଶକୁ ନିରନ୍ତର ସୁଦୃଢ଼ କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛନ୍ତି। ଏହି ମାନ୍ୟତାକୁ ଆଧାର କରି ଓଡ଼ିଶା ପ୍ରଗତିଶୀଳ ସଂସ୍କାର ଜାରି ରଖିବ, ଯାହା ପ୍ରତିଯୋଗିତାମୂଳକତାକୁ ବୃଦ୍ଧି କରିବ, ନିବେଶକଙ୍କ ଅନୁଭୂତିକୁ ସୁଧାରିବ ଏବଂ ରାଜ୍ୟକୁ ଦେଶୀୟ ଓ ବୈଶ୍ୱିକ ନିବେଶ ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ପ୍ରତିଷ୍ଠିତ କରିବ। ସୁଶାସନ, ଶିଳ୍ପ ବିବିଧିକରଣ, ନବସୃଜନ ଏବଂ ସ୍ଥାୟୀ ବିକାଶ ଉପରେ ଓଡ଼ିଶାର ନିରନ୍ତର ଧ୍ୟାନ ଭାରତର ଅଗ୍ରଣୀ ବିକାଶ ଇଞ୍ଜିନ୍ ଭାବେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶେଷରେ କହିଛନ୍ତି ଯେ, ଏହି ସଫଳତା ଆମର ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ଅନ୍ୟ ଏକ ମାଇଲଖୁଣ୍ଟ। ଏକତ୍ରିତ ହୋଇ, ଆମେ ଏକ ସୁଦୃଢ଼ ଅର୍ଥବ୍ୟବସ୍ଥା ଗଠନ କରିବା, ଆମ ଯୁବବର୍ଗଙ୍କ ପାଇଁ ଗୁଣାତ୍ମକ ରୋଜଗାର ସୃଷ୍ଟି କରିବା, ଅଧିକ ନିବେଶ ଆକୃଷ୍ଟ କରିବା ଏବଂ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା, ଯାହା 'ବିକଶିତ ଭାରତ ୨୦୪୭'ର ଜାତୀୟ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବ ବୋଲି ଦୃଢ଼ ଆସ୍ଥା ପ୍ରକଟ କରିଛନ୍ତି।

## ମେଦାନ୍ତ...

ଜେନେରାଲ ତୁଷାର ମେହେଟ୍ଟା କୋର୍ଟକୁ କହିଥିଲେ ଯେ, ଏଥିରେ କେନ୍ଦ୍ର ସରକାରଙ୍କ କୌଣସି ଆପତ୍ତି ନାହିଁ। ମେଦାନ୍ତ ହସ୍ପିଟାଲର ଚିକିତ୍ସକଙ୍କ ବିନା ପରାମର୍ଶରେ ତାଙ୍କୁ ଡିସ୍‌ଚାର୍ଜ ନକରିବାକୁ ସେ କୋର୍ଟକୁ ଅନୁରୋଧ କରିଥିଲେ। ନିଟ୍ ପେପର ଲିକ୍ ଘଟଣାରେ ସିଜେପି ଚଲାଇଥିବା ଆନ୍ଦୋଳନରେ ୱାଙ୍ଗଚୁକଙ୍କ ଅନଶନ ୨୪ ଦିନରେ ପହଞ୍ଚିଛି। ଆଜି ସକାଳୁ କୋର୍ଟରେ ଏହାର ଶୁଣାଣି ହୋଇଥିଲା। ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ମେଡିକାଲ ରିପୋର୍ଟକୁ କୋର୍ଟରେ ଦାଖଲ କରାଯାଇଥିଲା। ବରିଷ୍ଠ ଆଇନଜୀବି କପିଲ ଶିବଲ୍ ଆଙ୍ଗମଙ୍କ ପକ୍ଷରୁ ଯୁକ୍ତି ରଖି କହିଥିଲେ ଯେ, ଡାକ୍ତରଙ୍କ ରିପୋର୍ଟରେ କିଛି ଉଲ୍ଲେଖ ରହୁନାହିଁ। ସରକାରୀ ହସ୍ପିଟାଲ ଗୁଡିକରେ କେବଳ ଓରାଲ ଔଷଧ ଦିଆଯାଉଛି। ତେଣୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରଦର୍ଶନ ସ୍ଥଳରେ ଯାଞ୍ଚ କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ମାତ୍ର କିଛି ପାରାମିଟରରେ ପରିବର୍ତ୍ତନ ଥିଲା। କୋର୍ଟ ଯୁକ୍ତି ଶୁଣିବା ପରେ ତାଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅକ୍ଟୋବରରୁ...

ସୁପରଭାଇଜର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ସମଗ୍ର ପ୍ରକ୍ରିୟାର ତଦାରଖ କରିବେ। ଏ ସମସ୍ତ ପ୍ରକ୍ରିୟା ଚଳିତମାସ ୩୧ ସୁଦ୍ଧା ସାରିବାକୁ ଆଲୋଚନା ହୋଇଥିଲା।

ଭୋଟର ତାଲିକାକୁ ସଂଶୋଧନ ଓ ନିରୁପାଦିକ କରିବା ପାଇଁ ପ୍ରଶାସନିକ ସ୍ତରରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକୁ କଡ଼ାକଡ଼ି ଭାବେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ବଞ୍ଚିତ ନହୁଅନ୍ତି, ସେଥିପାଇଁ ନୂତନ ଆବେଦନକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ସହ ମୃତ, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦେବାକୁ କୁହାଯାଇଛି। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ କରି ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଚୂଡ଼ାନ୍ତ ଭୋଟର ତାଲିକା ସମୟସୀମା ମଧ୍ୟରେ ପ୍ରକାଶ କରିବାକୁ ଆୟୁକ୍ତ ଗୁରୁତ୍ୱ ଦେଇଛନ୍ତି। ଭୋଟରଙ୍କ ସୁବିଧା ଦୃଷ୍ଟିରୁ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଯେପରି କ୍ରମାନୁସାରେ ଗୋଟିଏ ବୁଥରେ ରହିବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ରାଜ୍ୟର ସମସ୍ତ ପୌର ନିଗମର ଆୟୁକ୍ତ(କମିଶନର), ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳମାନେ ସାମିଲ ହୋଇଥିଲେ।

## ବାହୁଡ଼ାରେ...

ଆସନ୍ତାକାଲି(ବୁଧବାର) ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ୫୮ ଲକ୍ଷ...

ନାମ, ଠିକଣା, ଅନ୍ୟାନ୍ୟ ସୂଚନା ସାମାନ୍ୟ ତ୍ରୁଟି ରହିଛି। ଏହି ବ୍ୟକ୍ତିଙ୍କୁ ନୋଟିସ୍ କରାଯିବ। ଯେଉଁମାନଙ୍କ ତଥ୍ୟରେ ଭୁଲ୍ ଅଛି କିମ୍ବା ଠିକଣା ମିଳୁନାହିଁ ସେମାନେ ବିଏଲ୍‌ଓଙ୍କ ସମହାୟତାରେ ସଂଶୋଧନ କରିପାରିବେ। ସମ୍ପୃକ୍ତ ଭୋଟରମାନେ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବଶ୍ୟକୀୟ ଦସ୍ତାବିଜ୍ ସହ ଧାର୍ଯ୍ୟ ସମୟ ଓ ସ୍ଥାନରେ ଉପସ୍ଥିତ ରହି ଦାବି ଉପସ୍ଥାପନ କରିବେ। ନାଗରିକଙ୍କ ସୁବିଧା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ରୋଗାକ୍ରାନ୍ତ ଏବଂ ଦିର୍ଗମ ଅଞ୍ଚଳର ବାସିନ୍ଦାଙ୍କ ଭଳି ସମ୍ବେଦନଶୀଳ ବର୍ଗର ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏମାନଙ୍କୁ ବ୍ୟକ୍ତିଗତ ଭାବେ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିବନି। ପ୍ରକ୍ରିୟାକୁ ସହଜ ଓ ନିର୍ବିଘ୍ନ କରିବା ପାଇଁ ବିଏଲ୍‌ଓମାନେ ଘରକୁ ଯାଇ ଆବଶ୍ୟକ ନଥିପତ୍ର ସଂଗ୍ରହ କରିବେ। ସମସ୍ତ ଯାଞ୍ଚ ଓ ଶୁଣାଣି ପ୍ରକ୍ରିୟା ଶେଷ ହେବାପରେ ସେପ୍ଟେମ୍ବର ୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ।

## ୪୫୭୩ କୋଟିର...

ଏସ୍‌ସିଏଲ୍ ଟେକ୍ନୋଲୋଜି ପକ୍ଷରୁ ଖୋର୍ଦ୍ଧାରେ ୭୩୦ କୋଟି ଟଙ୍କାର ଆଇଟି ଓ ଆଇଟିଏସ୍ ପ୍ରକଳ୍ପ ପ୍ରତିଷ୍ଠା ହେବ। ଯେଉଁଥିରେ ୬ ହଜାର ନିଯୁକ୍ତି ସୁଯୋଗ ଲକ୍ଷ୍ ରହିଛି। ସେହିଭଳି ପୁରୀ ଓ ସୁନ୍ଦରଗଡ ଜିଲ୍ଲାରେ ଗ୍ରୋଇଂ ଟ୍ରି ଅଏଲ ଆଣ୍ଡ ରିଫାଇନାରୀ ୨୫୦ କୋଟି ଟଙ୍କା, କଟକରେ ବେରୀ ପ୍ରକଳ୍ପ ପୋଷାକ ଉତ୍ପାଦନ କ୍ଷେତ୍ରରେ ଲିଚା ଗ୍ଲୋବାଲ ଏକ୍ସପର୍ଟର ୮୪.୪୫ କୋଟି, ଆସ୍ଥା କଟନ ସିଟ୍‌ର ୧୨୪.୫୦ କୋଟି, ଏସ୍‌ପିଏଲ୍ ଇଣ୍ଡଷ୍ଟ୍ରିର ୫୦ କୋଟି, ଏସ୍‌ପିଏଲ୍ ଇଣ୍ଡଷ୍ଟ୍ରିର ୨୫୪ କୋଟି, ଏସ୍‌ସିଏମ୍‌ଇ କ୍ଲିନ୍‌ଟେକ୍ ସଲ୍ୟୁସନ୍‌ର ୭୭୮ କୋଟି, ଡିଏନ୍ ରିଭର ସାଇଟ୍ ଟାଉନ୍‌ସିପ୍‌ର ୨୫୭.୭୯ କୋଟି ଟଙ୍କାର ହସ୍ପିଟାଲ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ...

ସମ୍ମୁଖରେ ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ଓ ସମାଜବାଦୀ ମୁଖ୍ୟ ଅଖିଳେଶ ଯାଦବଙ୍କୁ ହଟାଇବାକୁ ଉଦ୍ୟମ କରିଥିଲା। ପୋଲିସ ରାହୁଲ ଓ ଅଖିଳେଶଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତାଙ୍କ ଅଟକ ରଖିଛି। ପୂର୍ବରୁ କଂଗ୍ରେସର ଅଧିକାଂଶ କଂଗ୍ରେସ ସାଂସଦ ଓ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଅମିତ ଶାହା ଛାତ୍ର ଓ ଯୁବକଙ୍କ ଉପରେ ହୋଇଥିବା ପୋଲିସ ର ଦମନଲୀଳା ସମ୍ପର୍କରେ ସଂସଦରେ ବୟାନ ରଖନ୍ତୁ। ଏହି ଧାରଣାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ, ପ୍ରିୟଙ୍କ ଗାନ୍ଧି, କେସି ଭେନୁ ଗୋପାଲ, ପବନ ଖେରା, ଅମିରେନ୍ଦ୍ର ସିଂ ରାଜା, ଦିପେନ୍ଦର ହୁଡା,କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରମୁଖ ସାମିଲହୋଇଥିଲେ। ପୂର୍ବରୁ ରାହୁଲ ଓ ପ୍ରିୟଙ୍କାଙ୍କ ସମେତ କଂଗ୍ରେସ ନେତାମାନେ ରାମମନୋହର ଲୋହିଆ ହସ୍ପିଟାଲ ଯାଇ ପୋଲିସ କାର୍ଯ୍ୟାନୁଷ୍ଠାନରେ ଗତକାଲି ଆହତ ହୋଇଥିବା ଛାତ୍ରଙ୍କୁ ସାକ୍ଷାତ କରିଥିଲେ। ରାହୁଲ ସରକାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସରକାରଙ୍କ ଠାରୁ ଉତ୍ତର ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଶୋଭାଯାତ୍ରାରେ ଗଲାବେଳେ ଯୁବ ଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଗୃହରେ ଆଲୋଚନା ଲାଗି ଦାବି କରିଛନ୍ତି। ସରକାର ଏଥିପାଇଁ ଉତ୍ତରଦାୟିତ୍ୱ ନେଉନାହାନ୍ତି ଓ ବିତର୍କ କରୁନାହାନ୍ତି। ଛାତ୍ରଙ୍କ ଉପରେ ଆକ୍ରମଣ ପ୍ରତି ଭାରତୀୟଙ୍କ ପରିବାର ଉପରେ ଆକ୍ରମଣ ବୋଲି ସେ ଉଲ୍ଲେଖ କରିଛନ୍ତି। ସାଧାରଣ ଲୋକ ଏହି ପ୍ରତିବାଦରେ ସାମିଲ ହେବାକୁ ସେ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## ସଂସଦର...

ଆଣିବା ସଂସଦ ନିୟମର ବିରୁଦ୍ଧାଚରଣ କରୁଛି ବୋଲି କହିବା ସହ ଗୃହକୁ ମଲତବୀ କରିଥିଲେ। ଅଧକ୍ଷ ସାଇକିଆଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଗୃହ ସ୍ୱାଭାବିକ ହୋଇନଥିଲା। ରାଜ୍ୟ ସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଫଳରେ ଗୃହ କାର୍ଯ୍ୟ ଚାଲିପାରିନଥିଲା।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ସିନିୟର ଡିଭିଜନାଲ ଇଞ୍ଜିନିୟର (କୋ)/ସିକେପି ଏକକ ଟେଣ୍ଡର ଆଧାରରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ୍ ପ୍ରସ୍ତାବ ଗ୍ରହଣୀୟ ନୁହେଁ ଏବଂ ଯଦି କୌଣସି ମାନୁଆଲ୍ ପ୍ରସ୍ତାବ ମିଳେ, ତେବେ ତାହାକୁ ବିଚାରକୁ ନିଆଯିବ ନାହିଁ। **ଇ-ଟେଣ୍ଡର ବିଜ୍ଞପ୍ତି ନଂ ଓ ତାରିଖ: ୧୯-ଇଏଲ-ଇନ୍ସ୍ପିଟି-୨୦୨୬-୨୭, ତାରିଖ ୧୮.୦୭.୨୦୨୬, କାର୍ଯ୍ୟର ନାମ:** ସିକେପି ଡିଭିଜନ୍ ଅଧୀନରେ ଥିବା ପାୱାର ଲାଇନ କ୍ରସିଂକୁ କେବଲରେ ପରିବର୍ତ୍ତନ କରିବା, **ଟେଣ୍ଡର ମୂଲ୍ୟ:** ଟ. ୧,୯୮,୪୨,୫୧୨.୬୨/-, ଇଏମଡି: ଟ.୩,୯୬,୯୦୦.୦୦/-। ,ଟେଣ୍ଡର ଦସ୍ତାବିଜ୍ ମୂଲ୍ୟ: ଶୂନ୍ୟ,ବନ୍ଦ/ଖୋଲିବା ତାରିଖ: ୧୦.୦୮.୨୦୨୬ ଅପରାହ୍ନ ୧୫:୦୦ ଘଟିକା। ଟେଣ୍ଡର ବିଷୟରେ http://www.ireps.gov.in ୱେବସାଇଟରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ପାଖରେ 'କ୍ଲାସ୍-୩ ଡିଜିଟାଲ୍ ସିଗ୍ନେଚର୍ ସାର୍ଟିଫିକେଟ୍' ଥିବା ଆବଶ୍ୟକ ଏବଂ ସେମାନେ ଆଇଆରଇପିଏସ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଦରକାର। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର୍ ହିଁ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ। (PR-500)



**AFFIDAVIT**

I, Sudip Kumar Barick, S/o- Dilip Barick, resident of Plot No-1283/9802, Raghunath Kunj, Satya Vihar, Palasuni, Po- Rasulgarh,Bhubaneswar Dist- Khordha, Pin-751010 Odisha declare by this affidavit CF No-118 dtd-07/07/26. **Sudeep Barick** and **Sudeep Kumar Barick** and **Sudeep Dilip Barick** and **Barick Dilip Sudeep** is one and same person i.e.myself. that now onwards I shall be Known as **Sudeep Barick** for all future Purposes.



**AFFIDAVIT**

By virtue of an Affidavit No-140 Dated- 28.07.2025 sworn before the Executive Magistrate, Bhubaneswar, I Aparna Behera wife of Late Akshya Kumar Pradhan of Village Madhupur, P.s- Mahanga, Dist-Cuttack, Pin- 754204 Declare that my Name is mentioned as Aparna Pradhan in my Son's Birth Certificate. Henceforth,I shall be known as Aparna Behera instead of Aparna Pradhan for all purposes.



E-Mail:rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer, Rural Works I)ivision-II, Dhenkanal. Kamakhyanagar**

25001/777/2627

**e-procurement Notice No.12 /Building Work / 2026-27.**

| | | |
|---|---|---|
| 1. | Name of the work | Buildinc Work |
| 2 | Total No. of Works | 17 (Seventeen) Nos |
| 3 | Tender Cost | Rs.56 25 Lakhs |
| 4. | Class Contractor | "B" Class |
| 5. | Period of Completion | 6 Calender months |
| 6 | Availability of Tender online for bidding | 05.08 2026 at 11.00 A.M to 13.08.2026 up to 5.00 P.M |
| 7. | Last Date & Time of seeking tender clarification | 12.08 2026 up to 4.00 PM |
| 8 | Date & Time of opening of Technical Bid | 14.08 2026 at 11.00 A.M. |
| 9 | Date & Time of opening of Financial Bid | To be intimated later |

Other Details can be seen from the website **http://tendersorissa.gov.in.**

**Sd/- Superintending Engineer R.W. Division-II. Dhenkanal Kamakhyanagar**

**OIPR : 25001/25094/1/26-27/0011**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER GANJAM (R&B) DIVISION NO.I BERHAMPUR**
**Phone/Fax:(0680) 2233683, e-mail :eernb1_bam@yahoo.com**

34001/512/2627

**"e" Procurement Notice**

**Bid Identification No. SE R&B Divn. No.I Bam. 15/ 2026-27 Lr. No. 6890 dtd. 20.07.2026.**

| | |
|---|---|
| Name of Work | Civil Works. |
| No of works | (2) No's |
| Estimated Cost | Approximately Rs. 57.00 to 90.00 Lakh |
| Period of completion. | 10 DAYS |
| Date and time of Availability of bid document in the portal. | From 10.00 hours of 21.07.2026 to 16.00 hours of 27.07.2026. |
| Last date/time for receipt of bids in the portal | Upto 17.00 hours of 27.07.2026. |
| Name & address of the Officer Inviting Bid | Superintending Engineer, Ganjam (R&B) Division No.I, Berhampur. |

Further details can be seen from the e-Procurement portal **https://tendersodisha.gov.in**

**Sd/- Superintending Engineer, Ganjam (R&B) Division No.I, Berhampur.**

**OIPR : 34001/34109/1/26-27/0014**



E.mail: vimsarsuptd24@gmail.com

10001/387/2627

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA, (SAMBALPUR) ODISHA-768017**

No. 12079 / NIMSAR Dated, Burla, the 20th July, 2026

**TENDER CALL NOTICE**

Sealed Tenders are hereby invited by the undersigned from the reputed Authorized Dealers and Registered firms under GST Act for repair and Annual maintenance of AC System (225 TR Chiller-3 Nos) and Air Handling Unit (AHU) available in the Super Specialty Building of VIMSAR Burla, so as to reach this office of the Superintendent, VSS Institute of Medical Sciences & Research, Burla on or before **dt.20-08-2026** up to **5.00 P.M.** through Regd. Post/ Speed Post/Couriers only and that will be opened on next working day on 21-08-2026 at 11.30 A.M. The tenderer may attend the office at the time of opening of the tenders. The delay in receipt of tender paper is the responsibility of the tenderer.

The detail terms and conditions of this Tender Call Notice can be downloaded from Dist. website **http://Sambalpur.odisha.gov.in & www.vimsar.ac.in**

The undersigned/committee reserves the full right to accept in full or reject any or all the tenders without assigning any reasons thereof.

**Sd/- Superintendent, VIMSAR, Burla**

**OIPR : 10001/10026/1/26-27/0017**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, BHUBANESWAR**

Ph. No. -0674-2301787
Fax No.- 0674-2300965
E.Mail I.D. - eerw_bbsr@yahoo.co.in"

25001/765/2627

**No:-Tender - Online - BBSR Divn. - 12 Date:- 18.07.2026**

**e-Procurement NOTICE**

| | | |
|---|---|---|
| 1. | Name of the work | Repair / Maintenance of Building works |
| 2 | Total No. of Projects | 02 Nos. of Projects |
| 3. | Class of contractor | |
| | a) Above Rs. 20 lakh and upto 3 crore | 'B' Class (of Odisha PWD) or equivalent class of other licensing authorities. |
| | b) Upto Rs. 40.00 lakh | 'C' Class (of Odisha PWD) or equivalent class of other licensing authorities. |
| | c) Upto Rs. 20.00 lakh | 'D' Class (of Odisha PWD) or equivalent class of other licensing authorities. |
| 4. | Estimate cost of Individual project | Rs. 29.00 Lakh to 39.00 Lakh |
| 5. | Time for completion | As per Annexure of TCN Col.No.6 |
| 6. | Other details | |

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of opening of Tender |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online- BBSR Divn.-12 | 24.07.2026 at 11.00 A.M. | 03.08.2026 up to 5.00 P.M. | 04.08.2026 at 11.00 A.M. |

Further details can be seen from the website **www.tendersorissa.gov.in**

**OIPR : 25001/25066/1/26-27/0013 Sd/- Superintending Engineer Rural Works Divn. BBSR**



**Office of the Executive Engineer, Support Services Division, 2nd Floor, Dam Safety Building, Secha Sadan, Bhubaneswar - 751001.**
**E-mail:eessdivision@gmail.com.**

32001/575/2627

**QUOTATION CALL NOTICE NO. 05/2026-27**

Sealed quotations are invited from eligible Firms, Suppliers and Dealers etc.to supply the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 30.07.2026, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 23.07.2026 to 03.00 PM of 30.07.2026 on payment of Rs. 100/- (Rupees One Hundred) only.

| Sl. No. | Name of Work | Item | Paper Cost (Non-Refundable) | Quotation Call Notice No |
|---|---|---|---|---|
| 1 | Supply of computer, Laptop, printer and Peripherals for official use O/o Additional Chief Engineer. Central Irrigation circle, Bhubaneswar. | 2 Nos | Rs. 100.00 | 05/2026-27 |

**OIPR : 32001/32447/1/26-27/0007 Sd/- Executive Engineer, Support Services Division, Bhubaneswar.**



**TENDER CALL NOTICE**
**OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR**
**At/PO- Salapada, Dist- Keonjhar, Pin- 758020**
**Bid Identification No. DFO-KJR WL-01 of 2026-27**
**E-mail:dfo.keonjharwl@odisha.gov.in**
**No. 3073 // Dt. 20.07.26**

8001/224/2627

| | | |
|---|---|---|
| 1. | Name of the work | Construction of Multiproduct Cluster Building at Kathakata under Hadagarh Wildlife Range. |
| 2. | Total No. of works | 1 (One) No. (Percentage Rate Tender) |
| 3. | Estimated cost | Approx. Estimate Cost Rs. 1619653.00 |
| 4. | Class of Contractor | 'C & 'D' Class |
| 5. | Other Details : | |

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender : Divisional Forest Officer, Keonjhar Wildlife Division, Anandapur | Date & Place of receipt of bid cost & bid security |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Divisional Forest Officer, Keonjhar Wildlife Division, Anandapur | On line DFO-KJR WL-01 of 2026-27 | 24.07.2026 at 10.00 A.M. | 31.07.2026 Up to 5.30 P.M. | 30.07.2026 Up to 05.30 P.M. | 03.08.2026 10.30 A.M. | 1% of Estimated Cost |

Further details can be seen from the website **www.tenderorissa.gov.in & www.tenders.ori.nic.in**

**OIPR : 8001/8147/1/26-27/0001**

**Sd/- Divisional Forest Officer, Keonjhar Wildlife Division, Anandapur**



**DISTRICT AAHAAR SOCIETY, BALASORE**
**REGD. No. BLS-9368-56 OF 2015-16 UNDER THE SOCIETIES REGISTRATION ACT (No. XXI OF 1860)**
**No. 5234 / DT. 20.7.26**

13001/1245/2627

**QUOTATION CALL NOTICE**

The AAHAAR Society, Balasore invites sealed quotation from intending dealers / supplier / reputed firm for supplying/Installation in complete including transportation of following items to the Society. The Quotation should be incorporated with the complete details of specifications, term and conditions.

**For procurement of New Unit :**

| SL. NO. | DESCRIPTION | QNTY | RATE FOR PER UNIT (Including GST) (In rupees) | AMOUNT FOR TOTAL REQUIREMENT (Including GST) |
|---|---|---|---|---|
| 01 | Steam Boiler, Firewood Model 18" inner dia, the unit is fully double jacketed both the body's (Inner and outer) made out of 08mm MS thick plate with all necessary fittings. | 02 | | |
| 02 | Steam Boiler Stand with heavy-duty Cast-iron Grid Size:- 30" X 30" X 15" (If required) | 02 | | |
| 03 | SS Cooker for Rice boiling. On SS Stands 30 Kg Cap | 03 | | |
| 04 | Steam Line with MS Pipes valves, fittings 06 mm asbestos rope for streamline insulation etc | 15 RMT | | |
| 05 | Erection Charges Extra | In Complete | | |

**For Repair & maintenance of Old & existing Unit :**

| Sl. NO. | DESCRIPTION | QNTY | RATE FOR PER UNIT(Including GST) (In rupees) | AMOUNT FOR TOTAL REQUIREMENT (Including GST) (In rupees) |
|---|---|---|---|---|
| 01 | Steam Pipeline for Unit-02 | 15 RMT | | |
| 02 | Erection Charges Extra | In Complete | | |

The sealed quotation will be received up to 03.00 P.M on dt..30.07.2026 in the under box kept in the Office of the "Executive Officer, Balasore Municipality- cum-Secretary AAHAAR Society, Balasore". The sealed quotations will be opened by the tender Committee on .31.07.2026 11.30 Hours in the Office of the Executive Officer, Balasore Municipality - Cum- Secretary AAHAAR Society, Balasore in presence of the quotations / bidder or their authorized representatives , who may be present at the time of opening of the quotations. Proposals in source of Regd post/Speed post is also admissible if received in the schedule date and time or else this shall not be entertained if it contains violation of such stricture.

The Authority reserves the right to reject any or all the quotation without assigning any reason thereof.

**Sd/- Executive Officer, Balasore Municipality-cum- Secretary AAHAAR Society, Bls.**

**OIPR : 13001/13154/1/26-27/0023**



**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
**Housing & Urban Development Department, Govt. of Odisha**
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର-୭୫୪୧୪୨
**At/Po-Paradeep, Dist- Jagatsinghpur (Odisha), Pin-754142**
**No. 4147 Date : 21.07.2026**

13001/1248/2627

**E-PROCUREMENT NOTICE**

| | |
|---|---|
| Tender Call Notice No. | 4115/18.07.2026 |
| Bid Identification No. | EO/ PDPM/ W_06_MSBY/ 2026-27 |
| Tender ID | 2026_ORULB_136329 |
| Nature of Works | Civil Works |
| Number of Works | 84 |
| Tender Value | Rs. 5.62 Lakh to Rs. 16.94 Lakh |
| Available Period | dt. 22.07.2026 from 05:30 PM to dt. 01.08.2026 05:30 PM |
| Tender Opening Date | dt. 03.08.2026 at 11.30 AM |

Bidders are requested to read the NIT & DTCN at **www.tendersodisha.gov.in** carefully and participate with their civil license with valid Registration Certification before the closing date.

**Sd/- Executive Officer Paradeep Municipality**

**OIPR : 13001/13120/1/26-27/0009**



**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
**Housing & Urban Development Department, Govt. of Odisha**
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର-୭୫୪୧୪୨
**At/Po-Paradeep, Dist- Jagatsinghpur (Odisha), Pin-754142**

13001/1249/2627 **No. 4144 Date : 21.07.2026**

**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no.4142/ Dt. 21.07.2026**

The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Manufacturer/ Authorized Distributor for "Non-scheduled items-400 seated Auditorium for Paradeep Municipality" enlisted items alongwith terms & conditions can be obtained on the office website **www.paradeepmunicipality.in.** from dt.23.07.2026 to dt.03.08.2026 on payment of Rs. 600.00 (Rupees Six Hundred) only (not refundable). Paper cost shall be paid as per the same method noted in DTCN downloaded online. The Manufacturer/ Authorized Distributor must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (Registration certificate of firm or agency) & (iv) Cost of tender paper. The sealed Quotation and other documents will be received offline on or before dt.04.08.2026 upto 11.00 AM and will be opened on the same day at 01.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

**Sd/- Executive Officer Paradeep Municipality**

**OIPR : 13001/13120/1/26-27/0010**



9001/108/2627

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା.୨୭.୦୭.୨୦୨୬ ରିଖ ସୋମବାର ଦିନ ସକାଳ ୦୮:୦୦ ଘଟିକା ସମୟରେ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)** ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ କରିବେ।

ଏହି ଅଭିଯୋଗ ଶୁଣାଣୀ ପାଇଁ ଅନଲାଇନ ପଞ୍ଜୀକରଣ **ତା.୨୨.୦୭.୨୦୨୬ ରିଖ ଦିବା ୧୧:୦୦ ଘଟିକାରୁ** ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣୀ ପୋର୍ଟାଲ (**https://janasunani.odisha.gov.in/**) ଅଥବା ଜନଶୁଣାଣୀ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡକୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣୀ ସ୍ଥଳରେ ପହଞ୍ଚି ପାରିବେ।

**ପ୍ରମୁଖ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR : 9001/9001/1/26-27/0050


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮।

### ଦିଲ୍ଲୀ ଯନ୍ତରମନ୍ତରରେ ଛାତ୍ରଛାତ୍ରୀଙ୍କୁ ପୋଲିସ୍ ଆକ୍ରମଣ ଘଟଣା

# ହସ୍ପିଟାଲରେ ଆହତ ଛାତ୍ରଛାତ୍ରୀଙ୍କୁ ଭେଟିଲେ ବିଜେଡିର ରାଜ୍ୟସଭା ସାଂସଦ

ଭୁବନେଶ୍ୱର, (ସବ୍ୟୁ): ଗତକାଲି ଦିଲ୍ଲୀ ଯନ୍ତରମନ୍ତରରୁ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଆଜି ନୂଆଦିଲ୍ଲୀ ସ୍ଥିତ ଡଃ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲକୁ ଯାଇ ଆହତ ହୋଇ ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀଙ୍କୁ ଭେଟି ଗଭୀର ସମବେଦନା ଜଣାଇଥିଲେ । ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ଡ଼ ସଂତୃପ୍ତ ମିଶ୍ର, ସାଂସଦ ଡ଼ ସସ୍ମିତ ପାତ୍ର, ସାଂସଦ ସୁଲତା ଦେଓ, ସାଂସଦ ସୁଭାଶିଷ ଖୁଣ୍ଟିଆ ସାମିଲ ଥିଲେ । ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ



ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ନ୍ୟାୟ ପାଇଁ ସେମାନଙ୍କ ଲଢ଼େଇରେ ବିଜୁ ଜନତା ଦଳ ସଦାସର୍ବଦା ସେମାନଙ୍କ ସହ ରହିବ ବୋଲି ଆଶ୍ୱାସନା ଦେଇଥିଲେ ।

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଆହତ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ପ୍ରତିନିଧି ମଣ୍ଡଳୀ । ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ

### ସଂସଦରେ ସ୍ୱତନ୍ତ୍ର ଆଲୋଚନା ଦାବି କଲା ବିଜେଡି

ଉଚିତ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ବିଜେଡି ସାମ୍ବିଧାନିକ ଓ ଗଣତାନ୍ତ୍ରିକ ପଦ୍ଧତିରେ ଏହି ପ୍ରସଙ୍ଗକୁ ଉଠାଇ ଚାଲିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ସାଂସଦମାନେ ଆଶ୍ୱାସନା ଦେଇଥିଲେ । ଏହାପୂର୍ବରୁ ମଙ୍ଗଳବାର ପୂର୍ବାହ୍ନରେ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦମାନେ ଦିଲ୍ଲୀର ବିଜୟ ଚୌକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଂସଦମାନେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରତି ଦଳର ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ ।

ବିଜେଡିର ସମସ୍ତ ସାଂସଦମାନେ ସଂସଦର ସମସ୍ତ କାର୍ଯ୍ୟବିଧି ସ୍ଥଗିତ ରଖି ଏହି ଗୁରୁତର ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ଦାବି କରିଥିଲେ । ଆହତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗୃହ ମଧ୍ୟରେ ତୀବ୍ର ପ୍ରତିବାଦ କରିଥିଲେ । ବିରୋଧୀ ଦଳମାନଙ୍କ ହଟଗୋଳ ଯୋଗୁଁ ପରବର୍ତ୍ତୀ ସମୟରେ ଗୃହକୁ ମୁଲତବୀ କରାଯାଇଥିଲା । ବିଭିନ୍ନ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ପ୍ରତିବାଦରେ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ପ୍ରତି ପୋଲିସର ଅମାନୁଷିକ ଆକ୍ରମଣକୁ ନିନ୍ଦା କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଏବଂ ଏହାର ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ବଳପ୍ରୟୋଗ କରିବା, ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁର୍ଣ୍ଣ କରୁଛି । ଆହତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ମିଳିବା ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ଦଳ ସଂସଦ ଭିତରେ ଓ ବାହାରେ ଏହି ଲଢ଼େଇକୁ ଜାରି ରଖିବ ।

# କଟକ ଜିଲ୍ଲାପାଳଙ୍କୁ ସାମାଜିକ ସୁରକ୍ଷା ସଂଘର ଆନ୍ଦୋଳନ ଚେତାବନୀ

କଟକ, (ସବ୍ୟୁ): ଓଡ଼ିଶା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପରିଷଦ , କଟକ ଜିଲ୍ଲା ଶାଖାର ସଦସ୍ୟମାନେ ସୋମବାର ଦିନ କଟକ ଜିଲ୍ଲାପାଳତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ଓ କ୍ୟାଡରଗତ ଦାବି ସମ୍ବଳିତ ଏକ ୮ ଦଫା ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ କରିଥିବା ଏହି ପ୍ରତିନିଧି ଦଳରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ , ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କନିଷ୍ଠ ସହାୟକ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମାନେ ଉପସ୍ଥିତ ଥିଲେ।ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବିଏସଏସଓ ମାନେ ନିଜର ମୂଳ ଏସଏସ ଆଣ୍ଡ ଇପିଡି ବିଭାଗୀୟ କାର୍ଯ୍ୟ ସହିତ ଅନ୍ୟ ୫ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଭାଗ—ଯଥା ପର୍ଯ୍ୟଟନ, ଅର୍ଥ (କ୍ଷୁଦ୍ର ସଞ୍ଚୟ), ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ନୋଡାଲ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବାରୁ ଅତ୍ୟଧିକ ପ୍ରଶାସନିକ ଚାପର ସାମ୍ନା କରୁଛନ୍ତି। ଏଭଳି ବହୁମୁଖୀ ଦାୟିତ୍ୱ ନିର୍ବାହ କରୁଥିଲେ ମଧ୍ୟ ସେମାନଙ୍କ ଦରମା ହାର ପେ-ସ୍କେଲ୍ ଲେଭଲ୍ ୯ ରେ ଅପରିବର୍ତ୍ତିତ



ରହିଛି, ଯେଉଁଠାରେ ଅନ୍ୟ ସମକକ୍ଷ ବ୍ଲକ ସ୍ତରୀୟ ପଦବୀଗୁଡ଼ିକ ଲେଭଲ୍ ୧୦ କିମ୍ବା ଲେଭଲ୍ ୧୨ ରୁ ସୁବିଧା ପାଉଛନ୍ତି।ଏହି ଦାବିପତ୍ରରେ କେତେକ ମୁଖ୍ୟ ଦାବି ସ୍ଥାନ ପାଇଛି; ଯେପରିକି ଦରମା ହାର ଲେଭଲ୍ ୧୦ କୁ ବୃଦ୍ଧି କରିବା, ତୁରନ୍ତ କ୍ୟାଡର ପୁନର୍ଗଠନ କରିବା ଏବଂ ଗ୍ରାମପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ‘ପଞ୍ଚାୟତ ସାମାଜିକ ସୁରକ୍ଷା ସହାୟକ’ ନିଯୁକ୍ତ କରିବା। ଏହା ବ୍ୟତୀତ, ବାକି ଥିବା ଏମଏସିପି ପ୍ରଦାନ, ୨୦୧୪ ପୂର୍ବ କର୍ମଚାରୀଙ୍କ ପାଇଁ ନେସନାଲ ଇନକ୍ରିମେଣ୍ଟ ମଞ୍ଜୁର, ଜୁନିୟର ଆସିଷ୍ଟାଣ୍ଟମାନଙ୍କ ପାଇଁ ପଦୋନ୍ନତିର ସୁଯୋଗ ସୃଷ୍ଟି ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟମାନଙ୍କ ସମସ୍ୟାର ସଂସ୍ଥାଗତ ସମାଧାନ ପାଇଁ ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦାବିପତ୍ରଟିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବାକୁ ଆସୋସିଏସନ୍ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛି।

### ବୃଦ୍ଧି ପାଉଛି ହୀରାକୁଦ ଜଳସ୍ତର : ଖୋଲିଲା ଆଉ ୬ଟି ଗେଟ୍

# ମୋଟ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,(ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ବର୍ଷା ପରିମାଣ ବଢିଛି । ଗତ ୨୪ଘଣ୍ଟା ମଧ୍ୟରେ ୨୫.୦୫ ମିମି ବର୍ଷା ହୋଇଛି। ଫଳରେ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଆଉ ଅଧିକ ୬ଟି ଗେଟ୍ ଖୋଲା ଯାଇଛି । ମୋଟ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ଡ୍ୟାମର ବାମପଟୁ ୭ଟି ଓ ଡାହାଣ ପଟୁ ୩ଟି ଗେଟ୍ ଖୋଲା ରହିଛି । ମଙ୍ଗଳବାର ସନ୍ଧ୍ୟା ୬ଟାରେ ଜଳସ୍ତର ୬୧୩.୪୭ ଫୁଟରେ ପହଞ୍ଚିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୪୭ହଜାର ୫୪୬ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୧ଲକ୍ଷ ୮୬ହଜାର୮୨ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ସ୍ପିଲେଓ୍ୱକୁ ୧ଲକ୍ଷ ୫୧ହଜାର ୪୮୦ଘନଫୁଟ, ପାଓ୍ୱାର ଚେନାଲକୁ ୩୦ହଜାର ୯୫୨ଘନଫୁଟ, କେନାଲକୁ ୩ହଜାର ୪୦୩ଘନଫୁଟ ଓ କଳକାରଖାନାକୁ ୨୪୭ଘନଫୁଟ ଜଳ ଛଡା ଯାଉଛି । ଗେଟ୍ ଖୋଲାଥିବାରୁ ମହାନଦୀର ବେଲଗାଁରେ ୧୩ହଜାର୬୦୦, ପର୍ଥଲାରେ ୩୮ହଜାର ୮୦୭, ଖଇରମାଳରେ ୧ଲକ୍ଷ ୭୦ହଜାର, ବାରମୂଳରେ ୧ଲକ୍ଷ ୩୫ହଜାର୭୫୦ ଓ ମୁଣ୍ଡଳିରେ ୧ଲକ୍ଷ ୫୨ହଜାର୩୦୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ତଳମୁଣ୍ଡରେ ୧୮.୨୭ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ପ୍ରବାହିତ ଜଳ ମହାନଦୀରେ ବନ୍ୟା ସୃଷ୍ଟି କରିବାର କୌଣସି ଆଶଙ୍କା ନଥିବା ଜଣାପଡିଛି ।

# ବ୍ୟାଙ୍କ ଅଫ୍ ବରୋଦାର ନୂତନ ଶାଖାର ଶୁଭାରମ୍ଭ



ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦାର ନୂତନ ୪୨ ମୌଜା ଶାଖା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ତା।୨୦.୦୭.୨୦୨୬ରିଖରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଜ୍ୟୋତିର୍ମୟୀ ଜେନା ଉପସ୍ଥିତ ଥିଲେ। ଏହି ନୂତନ ଶାଖା କଟକ ଜିଲ୍ଲାର ୧୬ମ ଶାଖା, କଟକ କ୍ଷେତ୍ରର ୭୨ତମ ଶାଖା ଓ ଭୁବନେଶ୍ୱର ଅଞ୍ଚଳର ୩୩୫ତମ ଶାଖା ଅଟେ। ଶାଖା ମୁଖ୍ୟ ରାକେଶ କୁମାର ମୁଖାର୍ଜୀ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏଥିରେ ବ୍ୟାଙ୍କର ପୂର୍ବତନ କର୍ମଚାରୀ ଏବଂ ବହୁ ସମ୍ମାନିତ ଗ୍ରାହକ ଯୋଗଦେଇଥିଲେ।

# ପୁରୀ ରଥଯାତ୍ରା ଅବସରରେ ୧୩ ପ୍ରମୁଖ ଓଡ଼ିଆ ପାର୍ବଣ ଖାଦ୍ୟ ପ୍ରସ୍ତୁତି ବିଧି

ଭୁବନେଶ୍ୱର, (ସବ୍ୟୁ): ଚଳିତ ରଥ ଯାତ୍ରାରେ ସନଫିଷ୍ଟ ୟିପ୍ପି! ‘ବାର ମାସ, ୟିପ୍ପି! ପର୍ବ’ ସହିତ ଓଡ଼ିଶା ର ସମୃଦ୍ଧ ଖାଦ୍ୟ ପ୍ରସ୍ତୁତି ବିଧିକୁ ପାଳନ କରିଛି, ଯାହା ରାଜ୍ୟର ‘ବାର ମାସ, ତେର ପର୍ବ’ (୧୨ମାସ ୧୩ ପର୍ବ) ର ଆକାଂକ୍ଷିତ ଦର୍ଶନରେ ପ୍ରେରଣା ଲାଭ କରି ଏହି ଧରଣର ପ୍ରଥମ ସାଂସ୍କୃତିକ ଓ ବ୍ୟଞ୍ଜନଭିତ୍ତିକ ଅନୁଭୂତି ହୋଇଛି। ୟିପ୍ପି! ନୁଡଲସ୍‌ର ବିବିଧତାକୁ



ପ୍ରଦର୍ଶନ କରି ଏହି ଅଭିନ୍ନ ଓଡ଼ିଶାର କେତେକ ସର୍ବାଧିକ ପ୍ରିୟ ପାର୍ବଣ ବ୍ୟଞ୍ଜନକୁ ନବୋନ୍ମେଷୀ ସୃଷ୍ଟିରେ ପୁନଃ ପରିକଳ୍ପିତ କରିଛି ଏବଂ ଉପଭୋକ୍ତାମାନଙ୍କୁ ଲୋକପ୍ରିୟ ସ୍ୱାଦୁର ଅନୁଭୂତି ନେବାକୁ ଏକ ସତେଜ ଉପାୟ ଯୋଗାଇ ଦେଇଛି। ଓଡ଼ିଶାର ସୁସଂହତ ପାର୍ବଣ ଏବଂ ପଟ୍ଟଚିତ୍ର କଳାର ସମୃଦ୍ଧ କାହାଣୀ କଥନ ପରମ୍ପରାରେ ଅନୁପ୍ରେରିତ ହୋଇ, ବାରମାସ, ୟିପ୍ପି! ପର୍ବ ଓଡ଼ିଆ କ୍ୟାଲେଣ୍ଡରକୁ ପ୍ରତିନିଧିତ୍ୱ କରୁଥିବା ୧୨ ମାସର ବିଷୟ ବାତାୟନ ସହିତ ପୁରୀ ବେଳାଭୂମିରେ ଏକ ବିଶାଳ ପାଭିଲିୟନରେ ସ୍ଥାନ ପାଇଥିଲା।

# ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ୯ ଜଣ ରେଳ କର୍ମଚାରୀ ସୁରକ୍ଷା ପୁରସ୍କାରରେ ସମ୍ମାନିତ



ଜଟଣୀ, (ସବ୍ୟୁ) : ସୁରକ୍ଷିତ ଏବଂ ସୁଚାରୁ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ନିଜର ନିଷ୍ଠା, ସତର୍କତା ଏବଂ ଉଲ୍ଲେଖନୀୟ ଯୋଗଦାନ ପାଇଁ ଖୋର୍ଦ୍ଧାରୋଡ୍ ଡିଭିଜନର ୯ ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ଖୋର୍ଦ୍ଧାରୋଡ୍‌ର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଏହି ପୁରସ୍କାର ପ୍ରଦାନ କରିଥିଲେ ।ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋ ନାରାୟଣ ମୀନା ଉପସ୍ଥିତ ଥିଲେ ।ସମ୍ମାନିତ କର୍ମଚାରୀମାନେ ହେଲେ ଯଥାକ୍ରମେ ବିରେନ୍ଦ୍ର କୁମାର ପଣ୍ଡିତ, ମନୀଷ କୁମାର ସିଂହ,ଦୀପକ କୁମାର ବାରିକ, ଡି. କର୍ମକାର,ମହେଶ୍ୱର ପରିଡ଼ା, ଅଶ୍ୱିନୀ କୁମାର ସିଂହ, ସୁମିତ କୁମାର ଶର୍ମା, ଦିବାକର କୁମାର ସିଂହ ଏବଂ ସଂଗ୍ରାମ କୁମାର ବେହେରା ।

# ଠିକା ସଂସ୍ଥା ମନମାନିରେ ଚାଲିଛି ପାର୍କ ସେବା

ଭୁବନେଶ୍ୱର, (ପ୍ରଦୀପ୍ତ କୁମାର ଦାସ): ଖୋଦ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟ ସହର ମଧ୍ୟରେ ଥିବା ବିଡିଏ ଦ୍ୱାରା ପରିଚାଳିତ ଅଧିକାଂଶ ପାର୍କରେ ଦୀର୍ଘଦିନ ହେଲା ନାନା ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ନିୟମିତ ଭାବେ ପାର୍କ ଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ସହ ଜନସାଧାରଣଙ୍କୁ ଉତ୍ତମମାନର ପାର୍କ ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ନଗରଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ତଥା ବିଡିଏ ଏହାର ପରିଚାଳନା ଦାୟିତ୍ୱ ନେଇଛି।ତେବେ ବିଡିଏ ଅଧୀନରେ ପରିଚାଳିତ ହେଉଥିବା ଏସବୁ ପାର୍କ ଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ଏକ ଘରୋଇ ଠିକା ସଂସ୍ଥାକୁ ଦାୟିତ୍ୱ ଅର୍ପଣ କରିଛି ବିଡିଏ। ମାତ୍ର ବିଡମ୍ବନାର ବିଷୟ ଯେ ଉକ୍ତ ସେବା ପ୍ରଦାନକାରୀ ଠିକା ସଂସ୍ଥା ଏହି ଦାୟିତ୍ୱ ନିର୍ବାହ ନିମନ୍ତେ କର୍ତ୍ତବ୍ୟ ତୁଲାଇବା କ୍ଷେତ୍ରରେ ଘୋର ଅବହେଳା ତଥା ଖିଲାପ କରିବା ସହ ମନମାନି ଚଳାଉଥିବା ନେଇ ବିଡିଏ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଆପତ୍ତି କରାଯାଇ ଆସୁଥିଲେ ମଧ୍ୟ ସେଥିରେ ସୁଧାର ଆସୁନାହିଁ ।



ପ୍ରକାଶ ଯୋଗ୍ୟଯେ ଏଥିପାଇଁ ବିଡିଏ ମାସିକ ପ୍ରାୟ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆସୁଛି ମାତ୍ର ନିୟମିତ ପାର୍କ ବ୍ୟବହାରକାରୀ ନାଗରିକ ମାନେ ଏହି ବ୍ୟବସ୍ଥାରୁ ଆଶାନୁରୂପ ସୁଫଳ ପାଇପାରୁନାହାନ୍ତି। କିଛି ହାତ ଗଣତି ପ୍ରମୁଖ ପାର୍କକୁ ଛାଡିଦେଲେ ଅଧିକାଂଶ ପାର୍କରେ ପରିମଳ,ସୁରକ୍ଷା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନିମ୍ନମାନର ବୋଲି କୁହାଯାଉଛି। ରାଜଧାନୀରେ ବିଡିଏ ଅଧୀନରେ ପାଖାପାଖି ୪୦ ରୁ ଅଧିକ ପାର୍କ ପରିଚାଳିତ ହେଉଛି। ଏଥି ମଧ୍ୟରୁ ଏକାଧିକ ପାର୍କରେ ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ ତାହା ଅସାମାଜିକ ଲୋକ ଓ ନିଶାଡ଼ିଙ୍କ ଚରାଭୂଇଁ ପାଲଟିଥିବା ଅଭିଯୋଗ ହୋଇଛି।ତେବେ ସମ୍ପୃକ୍ତ ଘରୋଇ ଠିକା ସଂସ୍ଥା ଅନେକ ପାର୍କର ରକ୍ଷଣାବେକ୍ଷଣ ଓ ଯତ୍ନ ନେବା ଦାୟିତ୍ୱ ସହ ଲୋକଙ୍କୁ ଉତ୍ତମ ମାନର ସେବା ଯୋଗାଇଦେବା କ୍ଷେତ୍ରରେ ଉପଯୁକ୍ତ ସେବା ପ୍ରଦାନ କରିପାରୁନଥିବା କାରଣରୁ ବିଡିଏ ବଦନାମ ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏକ୍ଷେତ୍ରରେ ବିଡିଏ ହର୍ଟିକଲଚର ବିଭାଗରେ ବର୍ତ୍ତମାନ ପ୍ରମୁଖ ଦାୟିତ୍ୱରେ ଅଛନ୍ତି ଜଣେ ମୁଖ୍ୟ ଉଦ୍ୟାନବିତ,ଦୁଇଜଣ ସହକାରୀ ଉଦ୍ୟାନବିତ,ଅତି ନିକଟରେ ଅବସର ନେବାକୁ ଥିବା ଜଣେ ମାତ୍ର ବରିଷ୍ଠ ଉଦ୍ୟାନ ସହାୟକ ଓ ୪ ଜଣ ମାତ୍ର କ୍ଷେତ୍ର କର୍ମଚାରୀ। ଏହି କ୍ରମରେ ଏତେ ସଂଖ୍ୟକ ପାର୍କର ଉଚିତ ତଦାରଖ ପାଇଁ ଏହି ସଂଖ୍ୟା ନଗଣ୍ୟ ହୋଇଥିବାରୁ ଏହାର ସୁଯୋଗ ନେଇ ସମ୍ପୃକ୍ତ ଠିକାସଂସ୍ଥା ଦୀର୍ଘଦିନ ଧରି ମନମାନି ଚଳାଇଆସୁଥିବା ସାଙ୍ଗକୁ ନିୟମିତ କର୍ତ୍ତବ୍ୟ ତୁଲାଇବା କ୍ଷେତ୍ରରେ ନାନା ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଖୋଦ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟ ସିଟିର ପାର୍କ ସେବା କ୍ଷେତ୍ରରେ ସରକାର ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆସୁଥିଲେହେଁ ଲୋକେ ଏଥିରୁ ଗୁଣାତ୍ମକ ମାନର ସେବା ତଥା ଆଶାନୁରୂପ ଫଳ ପାଇବାରୁ ବଂଚିତ ହେବା କେବଳ ସାର ହେଉଛି ବୋଲି ସହରର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଜାଗିରି ସମ୍ପତ୍ତିକୁ ନେଇ ବିବାଦ, ୪କୋଟି ଚାଲାଣ

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ଥାନା ଅନ୍ତର୍ଗତ ଗାରେଡିପାଞ୍ଚଣ ଗ୍ରାମରେ ଏକ ଜାଗିରି ଜମି ଦଖଲକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି । ଗାରେଡ଼ିପାଞ୍ଚଣ ଗ୍ରାମର ଜାଗୁଲେଇ ଠାକୁରାଣୀଙ୍କ ଜମିକୁ ଦଳିତ ସାହିର ଜଣେ ବ୍ୟକ୍ତି ବହୁବର୍ଷ ପୂର୍ବେ କିଣିଥିଲେ । ମାତ୍ର ଠାକୁରଙ୍କ ସମ୍ପତ୍ତି ନିୟମ ଅନୁସାରେ ପଟା ହୋଇପାରିବ ନାହିଁ ।ଭଗବାନ ବାରିକଙ୍କ ଠାରୁ ଶିଖର ଭୋଇ କିଣିଥିଲେ ।କେବଳ କବଲା ହୋଇ ରହିବ ।ଏବେ ଶିଖର ଭୋଇ ଝିଅ ମାତା ଭୋଇ ଦଖଲରେ ଅଛନ୍ତି ।ପରେ ଠାକୁରାଣୀଙ୍କ ଜାଗିରି ଜମିରୁ ଭଗବାନଙ୍କ ନାଁ କଟିନଥିବାରୁ ତାଙ୍କ ପୁଅ ନରେନ୍ଦ୍ର ବାରିକ ସେ ଜମିର ମାଲିକ ବୋଲି ଦାବି କରୁଛି । ଏହି ଜମିକୁ ନେଇ ଦୁଇ ପରିବାର ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ହେଉଥିଲା ।

# ରାଜ୍ୟରେ ସାର ସଙ୍କଟ, ଡବଲ ଇଞ୍ଜିନ ସରକାରରେ ଚାଷୀଙ୍କୁ ଧୋକା: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ରୁଆ ବେଉଷଣ କାର୍ଯ୍ୟର ଅଗ୍ରଗତି ପାଇଁ ଚାଷୀ ପାଗ ଭିଡିଥିବା ବେଳେ ସରକାର ସାର ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ । ଏହାକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଓପିସିସି ସଂଗଠନ ପ୍ରଭାରୀ ସନ୍ତୋଷ ସିଂ ସାଲୁଜା, ଓପିସିସି କିଷାନ ବିଭାଗ ଅଧ୍ୟକ୍ଷ ଅଭୟ ସାହୁ, ଓପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କୁ ଦାୟୀ କରି କହିଛନ୍ତି ଯେ, ଅଧିକ ଫସଲ ଅମଳ ପାଇଁ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ଠିକଣା ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ଯୋଗାଇଦେବାରେ ଏହି ସରକାର ସମ୍ପୂର୍ଣ୍ଣ ଅସମର୍ଥ । ସାର ପାଇଲେ ଉତ୍ପାଦନ ବଢ଼ିବ । ପ୍ରତିଶ୍ରୁତି ମୁତାବକ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କା ଦେବା ସରକାରଙ୍କ ପକ୍ଷେ ସମ୍ଭବ ହେଉନାହିଁ । ତେଣୁ ଚତୁରତାର ସହିତ ସାର ଯୋଗାଣରେ ସରକାର



ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ସରକାର ନିଷ୍ପତ୍ତି କରିଥିଲେ ମାର୍କଫେଡ ତରଫରୁ ସବୁ ସୋସାଇଟ ଜରିଆରେ ଚାଷୀଙ୍କୁ ୬୦ ପ୍ରତିଶତ ସାର ଯୋଗାଇ ଦିଆଯିବ । କିନ୍ତୁ ଏବେ ଫଳ ଓଲଟା । ବହୁ ସୋସାଇଟରେ ତାଲା ଝୁଲୁଛି । ଆଧାର କାର୍ଡ ସହିତ ବିଧିବଧ ପ୍ରମାଣପତ୍ର ନ ଦେଖାଇଲେ ଚାଷୀ ସାର ପାଉନାହିଁ । ଅନ୍ୟ ପଟେ ଚାଷୀଙ୍କୁ ସହଜରେ ସାର ଯୋଗାଇବା ପରିବର୍ତ୍ତେ ସ୍ୱାସ୍ଥ୍ୟ ପାଇଁ ଫସଲରେ ରାସାୟନିକ ସାର ହିତକର ନୁହେଁ ବୋଲି ମନ୍ତବ୍ୟ ଦେବା ଏବଂ ସମବାୟ ମନ୍ତ୍ରୀ ଯଥେଷ୍ଟ ସାର ମହଜୁଦ ଅଛି, କେଉଁଠି କଳାବଜାରୀ ହେଉନାହିଁ କହିବା ଅତ୍ୟନ୍ତ କ୍ଷୋଭର ବିଷୟ । ସମବାୟ ମନ୍ତ୍ରୀ ଚାଷୀଙ୍କ ବାସ୍ତବ ସମସ୍ୟାକୁ ଗମ୍ଭୀରତା ସହିତ ବିଚାରକୁ ନେଇ ଚାଷୀ କିପରି ଆବଶ୍ୟକ ମୁତାବକ ସାର ନିର୍ଦ୍ଧାରିତ ସମୟ ଓ ନିର୍ଦ୍ଧାରିତ ମୂଲ୍ୟରେ ପାଇ ପାରିବେ ସେ ଦିଗରେ ଉଦ୍ୟମ କରନ୍ତୁ ବୋଲି କଂଗ୍ରେସ ନେତୃବୃନ୍ଦ ଦାବି କରିଛନ୍ତି । ଓଡ଼ିଶା ରାଜ୍ୟ ପାଇଁ ବିଭିନ୍ନ ସାରର ପ୍ରାୟ ୧୨ଲକ୍ଷ ମେଟ୍ରିକ୍ ଟନର ଆବଶ୍ୟକତା ରହିଛି । କିନ୍ତୁ ସରକାର ପୂର୍ବ ବର୍ଷର ଗଚ୍ଛିତ ସାରକୁ ମିଶାଇ ଚଳିତ ବର୍ଷର ଖରିଫ୍ ପାଇଁ ସାର ଯୋଗାଇବାକୁ ଚତୁରତାର ସହିତ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯଦି ସରକାର ଅବିଳମ୍ବେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଠିକଣା ସମୟରେ ଚାଷୀଙ୍କୁ ସାର ଯୋଗାଇ ପାରିବେ ନାହିଁ କଂଗ୍ରେସ ଦଳ ତରଫରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନ ପ୍ରତି ପଞ୍ଚାୟତସ୍ତରରେ ଦୁର୍ବାର କରାଯିବ ବୋଲି ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି ।

### ଟ୍ରେନରୁ ଖସି ପଡ଼ି ଯାତ୍ରୀଙ୍କ ମୃତ୍ୟୁ : ବ୍ୟବଚ୍ଛେଦ ପରେ ଶବ ପରିବାରକୁ ହସ୍ତାନ୍ତର

ନିରାକାରପୁର,(ସବ୍ୟୁ):ଟ୍ରେନରୁ ଖସି ପଡ଼ି ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ମୃତ ବ୍ୟକ୍ତି ଜଣକ ଗଞ୍ଜାମ ଜିଲ୍ଲା ଛତ୍ରପୁର ଗ୍ରାମର ରବୀନ୍ଦ୍ରନାଥ ସେନାପତି ବୋଲି ଜଣାପଡ଼ିଛି ।ମିଳିଥିବା ସୂଚନା ମୁତାବକ, ଗତକାଲି (ରବିବାର) ରାତି ପ୍ରାୟ ୧୦ଟାରେ ସମୟରେ ରବୀନ୍ଦ୍ରନାଥ ଇଷ୍ଟ କୋଷ୍ଟ ଚଳନ୍ତା ଟ୍ରେନରୁ କୌଣସି କାରଣବଶତଃ ଖସି ପଡ଼ିଥିଲେ । ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ । ଖବର ପାଇ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।ଏହି ଘଟଣାକୁ ନେଇ ଖୋର୍ଦ୍ଧାରୋଡ ଜିଆରପିଏସ ପକ୍ଷରୁ କେସ ନମ୍ବର ୪୦, ତାରିଖ ୨୦/୦୭/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।ସୋମବାର ଦିନ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଜିଆରପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ଏହି ଘଟଣାର ସେ ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛନ୍ତି । ରବୀନ୍ଦ୍ରନାଥଙ୍କ ଆକସ୍ମିକ ବିୟୋଗରେ ତାଙ୍କ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।




ପ୍ରତିବର୍ଷ ପରି ଚଳିତବର୍ଷ ପୁରୀ ରଥଯାତ୍ରା ଅବସରରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ ଓ ଫିଲାନ୍‌ଟ୍ରୋଫି ର ମିଳିତ ସହଯୋଗରେ ପୁରୀର ତାଳବଣିଆ ବସ୍‌ଷ୍ଟାଣ୍ଡ ଓ ରେଲୱେ ଷ୍ଟେସନ ଠାରେ ଦୁଇଟି ଦେୟମୁକ୍ତ ପ୍ରସାଦ ବଣ୍ଟନ ଶିବିର ଆୟୋଜିତ ହୋଇଥିଲା । ଏହି ଦୁଇଟି ସ୍ଥାନରେ ୮ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ପାଇ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଥିଲେ । ଫାଉଣ୍ଡେସନର ଭୁବନେଶ୍ୱର ବ୍ରାଞ୍ଚର ମୁଖ୍ୟ ନମ୍ରତା ପ୍ରସାଦ, ସୁନିତା ବଳ, ଶର୍ମିଷ୍ଠା ପାତ୍ର, ଭାନୁପ୍ରିୟା ରେଡ୍ଡୀ, ଗଣେଶ ଲେଙ୍କା, ମିତାଲି ମୁଖାର୍ଜୀ ଓ ଜୟନ୍ତ ପରିଡା ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ୪ ଭାରତୀୟଙ୍କ ମୃତ୍ୟୁ ଘଟଣା

# ରୁଷ୍ ରାଷ୍ଟ୍ରଦୂତଙ୍କୁ ସମନ

ନୂଆଦିଲ୍ଲୀ: ୟୁକ୍ରେନ ଉପକୂଳରେ ଗିନି-ବିସାଉ ପତାକାଧାରୀ ଏକ ବାଣିଜ୍ୟିକ ଜାହାଜ ଉପରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ଚାରି ଜଣ ଭାରତୀୟ ନାଗରିକଙ୍କ ସମେତ ଦଶ ଜଣଙ୍କର ମୃତ୍ୟୁ ହୋଇଛି। ଭାରତ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ସଂଘର୍ଷ ସମୟରେ ବାଣିଜ୍ୟିକ ଜାହାଜର ସୁରକ୍ଷା ପାଇଁ ଆହ୍ୱାନକୁ ଦୋହରାଇଛି। ଜାହାଜ ଉପରେ ହୋଇଥିବା ଆକ୍ରମଣ ପରେ ଭାରତ ମଙ୍ଗଳବାର ରୁଷର ଚାର୍ଜ ଡି'ଆଫେୟର୍ସଙ୍କୁ ସମନ ଜାରି କରିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ୧୯ ଜୁଲାଇ ସନ୍ଧ୍ୟାରେ ଓଡେସା ବନ୍ଦରରୁ ପ୍ରସ୍ଥାନ କରିବା ସମୟରେ ବାଣିଜ୍ୟ ଜାହାଜ ଏମ୍ଭି ଗୋଲଡେନ୍ ଲିଓରେ ପାଞ୍ଚ ଜଣ ଭାରତୀୟ ନାଗରିକଙ୍କ ସମେତ




୧୭ ଜଣ କ୍ରୁ ସଦସ୍ୟ ଥିଲେ। ମନ୍ତ୍ରଣାଳୟ କହିଛି, ଉପଲବ୍ଧ ସୂଚନା ଅନୁଯାୟୀ, ଚାରି ଜଣ ଭାରତୀୟ ନାଗରିକଙ୍କ ଦୁଃଖଦ ମୃତ୍ୟୁ ହୋଇଛି, ଯେତେବେଳେ ଜଣେ ଭାରତୀୟ ନାଗରିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାରତ ଏହି ଆକ୍ରମଣକୁ ନିନ୍ଦା କରି,ରୁଷର ନାମ ସିଧାସଳଖ ନ ନେଇ କହିଛି, ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରିବା ଏବଂ ନିରୀହ ନାଗରିକ କ୍ରୁ ସଦସ୍ୟଙ୍କ ଜୀବନକୁ ବିପଦରେ ପକାଇବା କିମ୍ବା ନୌଚାଳନା ଏବଂ ବାଣିଜ୍ୟର ସ୍ୱାଧୀନତାକୁ ବାଧା ଦେବା ନିନ୍ଦନୀୟ ଏବଂ ଏହାକୁ ବନ୍ଦ କରାଯିବା ଉଚିତ୍।ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ୟୁକ୍ରେନରେ ଥିବା ଭାରତୀୟ ଦୂତାବାସ ପରିସ୍ଥିତି ଉପରେ ନିକଟରୁ ନଜର ରଖିଛି ଏବଂ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରୁଛି। ଆମେ ମୃତ ଭାରତୀୟ ନାଗରିକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରୁଛୁ ଏବଂ ଆହତ ଭାରତୀୟ ନାଗରିକଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛୁ। ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା କହିଛନ୍ତି ଯେ, ରବିବାର ଦିନ ୟୁକ୍ରେନର ସାମୁଦ୍ରିକ କରିଡର ଦେଇ ଯାଉଥିବା ଏକ ବେସାମରିକ ଜାହାଜ ଉପରେ ରୁଷ କ୍ରୁଜ୍ ମିସାଇଲ୍ ଆକ୍ରମଣ କରିଥିଲା। ଏହାର କର୍ମଚାରୀଙ୍କ ମଧ୍ୟରେ ସିରିଆ ଏବଂ ଭାରତୀୟ ନାଗରିକ ଥିଲେ। ରୁଷ-ୟୁକ୍ରେନ ଯୁଦ୍ଧରେ ଭାରତୀୟ ନାବିକଙ୍କ ମୃତ୍ୟୁ ହେବାର ଏହା ପ୍ରଥମ ଘଟଣା।

## ୱାଙ୍ଗଚୁକ୍ ମାମଲା

# ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ଦିଲ୍ଲୀ ଆବାସିକ ଡାକ୍ତର

ନୂଆଦିଲ୍ଲୀ: ଦିଲ୍ଲୀ ଏମ୍ସ ଓ ସଫଦରଜଙ୍ଗ ହସ୍ପିଟାଲର ରେସିଡେଣ୍ଟ ଡାକ୍ତର ସଂଘ (ଆର୍ଡିଏ) ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପୃଥକ୍ ଭାବେ ଚିଠି ଲେଖି ରୋଗୀଙ୍କ ଅଧିକାର ସୁରକ୍ଷା ଏବଂ ଜନ୍ତରମନ୍ତରରେ ଘଟିଥିବା ଘଟଣାର ସ୍ୱାଧୀନ ତଦନ୍ତ ଦାବି କରିଛନ୍ତି। ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ 'ଲାମା' ବା ନିଜ ଇଚ୍ଛାରେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ ଛାଡ଼ିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ ଅନୁମତି ଦିଆଯାଇ ନ ଥିବା ଅଭିଯୋଗକୁ ନେଇ ସଫଦରଜଙ୍ଗ ହସ୍ପିଟାଲର ଆର୍ଡିଏ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛି।ଡାକ୍ତର ସଂଘ କହିଛି, ଆଇନଗତ ପ୍ରତିବନ୍ଧକ ନ ଥିଲେ ହସ୍ପିଟାଲ ସର୍ବଦା ଚିକିତ୍ସା ଓ ସେବାର ସ୍ଥାନ ହେବା ଉଚିତ, ଏହା କୌଣସି ବ୍ୟକ୍ତିଙ୍କୁ ଅଟକ ରଖିବାର ସ୍ଥାନ ନୁହେଁ। ସାମ୍ବିଧାନିକ ଅଧିକାର, ଚିକିତ୍ସା ନୈତିକତା, ରୋଗୀଙ୍କ ସ୍ୱାଧୀନ ନିଷ୍ପତ୍ତିର ଅଧିକାର ଏବଂ ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକର ସ୍ୱାଧୀନତା ରକ୍ଷା ପାଇଁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ସେହିପରି ଜନ୍ତରମନ୍ତରରେ ଘଟିଥିବା ଘଟଣାର ସ୍ୱାଧୀନ ତଦନ୍ତ ପାଇଁ ମଧ୍ୟ ଦାବି କରାଯାଇଛି।ଚିଠିରେ ଆହୁରି କୁହାଯାଇଛି ଯେ, ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ତାଙ୍କର ହସ୍ପିଟାଲରେ ରହିବାର ଆବଶ୍ୟକତା ସମ୍ପୂର୍ଣ୍ଣ ଭାବେ ଚିକିତ୍ସକଙ୍କ ସ୍ୱାଧୀନ ଚିକିତ୍ସାଗତ ନିଷ୍ପତ୍ତିର ବିଷୟ। ହସ୍ପିଟାଲରେ ଭର୍ତ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଥମେ ଜଣେ ରୋଗୀ ଭାବେ ସମ୍ମାନ, ସହାନୁଭୂତି ଓ ଚିକିତ୍ସା ନୈତିକତା ସହ ଭାରତୀୟ ସମ୍ବିଧାନ ଅନୁଯାୟୀ ବ୍ୟବହାର କରାଯିବା ଉଚିତ। ସଫଦରଜଙ୍ଗ ହସ୍ପିଟାଲରେ ୱାଙ୍ଗଚୁକଙ୍କ ରହିବା ସମୟରେ କରାଯାଇଥିବା 'ଅସାଧାରଣ ସୁରକ୍ଷା ବ୍ୟବସ୍ଥା'କୁ ନେଇ ମଧ୍ୟ ଡାକ୍ତର ସଂଘ ଚିନ୍ତା ପ୍ରକଟ କରିଛି। ସଂଘ କହିଛି, ଯଦି ଏହି ସୁରକ୍ଷା ବ୍ୟବସ୍ଥା ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଥାଏ, ତେବେ ଏହାର ସ୍ୱାଧୀନ ତଦନ୍ତ କରାଯିବା ଉଚିତ। ଅନ୍ୟପକ୍ଷରେ, ଦିଲ୍ଲୀ ଏମ୍ସର ରେସିଡେଣ୍ଟ ଡାକ୍ତର ସଂଘ ମଧ୍ୟ ମଙ୍ଗଳବାର ରାଷ୍ଟ୍ରପତି ମୁର୍ମୁଙ୍କୁ ଚିଠି ଲେଖି ସୋମବାର ଜନ୍ତରମନ୍ତରରେ ଘଟିଥିବା ଘଟଣାର ସ୍ୱାଧୀନ, ନିରପେକ୍ଷ ଓ ସମୟସୀମା ମଧ୍ୟରେ ତଦନ୍ତ ଦାବି କରିଛି। ଏମ୍ସ ଆର୍ଡିଏ କହିଛି, ୱାଙ୍ଗଚୁକ 'ଲାମା'ରେ ହସ୍ପିଟାଲ ଛାଡ଼ିବାକୁ ଚାହୁଁଥିବା ସତ୍ତ୍ୱେ ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲ ଛାଡ଼ିବାକୁ ଦିଆଯାଇ ନ ଥିବା ଅଭିଯୋଗ ଉଠିଛି। ଯଦି ଏହି ଅଭିଯୋଗ ସତ ହୋଇଥାଏ, ତେବେ ଏହା ରୋଗୀଙ୍କ ଅଧିକାର ଓ ସ୍ୱାଧୀନ ନିଷ୍ପତ୍ତି ଉପରେ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି।

## କନିଷ୍କ ନାରାୟଣ ବ୍ରିଟେନର ପ୍ରଥମ ଏଆଇ ମନ୍ତ୍ରୀ

ନୂଆଦିଲ୍ଲୀ:ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ନହାମ୍ ପ୍ରବାସୀ ଭାରତୀୟ କନିଷ୍କ ନାରାୟଣଙ୍କୁ ଦେଶର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମନ୍ତ୍ରୀ ଭାବେ କ୍ୟାବିନେଟ୍ରେ ସାମିଲ କରିଛନ୍ତି। ୱେଲ୍ସ ଅଞ୍ଚଳରୁ ଲେବର ପାର୍ଟିର ସଦସ୍ୟ ଶ୍ରୀ ନାରାୟଣ ପ୍ରଯୁକ୍ତି କ୍ଷେତ୍ରରେ ବ୍ରିଟେନର ସ୍ଥିତିକୁ ମଜଭୁତ କରିବା ଦିଗରେ କାମ କରିବେ। ବିହାରର ମୁଜାଫରାପୁରରେ ଜନ୍ମଗ୍ରହଣ କରିଥିବା ନାରାୟଣଙ୍କ ବାଲ୍ୟ ଜୀବନ ବିହାରରେ କଟିଥିଲା।ତାପରେ ସେ ଦିଲ୍ଲୀ ଯାଇଥିଲେ ଓ ସେଠାରୁ ୧୨ ବର୍ଷ ବୟସ ହୋଇଥିବା ବେଳେ କାର୍ଡିଫ୍ ଚାଲିଯାଇଥିଲେ। ସେଠାରେ ରହଣୀ ପରେ ସେ ଉଭୟ ସରକାର ଓ ଘରୋଇ କ୍ଷେତ୍ରରେ କାମ କରିଥିଲେ। ରାଜନୀତିରେ ପ୍ରବେଶ କରି ସେ ୨୦୨୪ରେ ସଂସଦକୁ ନିର୍ବାଚିତ ହୋଇଥିଲେ। ନିକଟରେ ସେ ବ୍ରିଟେନ ଅନଲାଇନ ସୁରକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

## ଇପିଏଫ୍ଓ ଆଣିବ ନୂଆ ପେନସନ୍ ଯୋଜନା: ସମସ୍ତେ ନେଇପାରିବେ ଭାଗ

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ଏକ ସାର୍ବଜନୀନ ପେନ୍ସନ୍ ଯୋଜନା ଉପରେ କାମ କରୁଛି। ଇପିଏଫ୍ଓ ୩.୦ ଅଧୀନରେ ଏହାକୁ ବିକାଶ କରାଯାଉଛି। ଏହାର ଲାଭ କେବଳ ବେତନଭୋଗୀ କର୍ମଚାରୀ ନୁହେଁ, ବରଂ ସବୁ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ମଧ୍ୟ ମିଳିବ। ବିଶେଷ କରି ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକମାନେ ଏହା ଦ୍ୱାରା ଉପକୃତ ହେବେ। ବର୍ତ୍ତମାନ ସମୟରେ ଏହି ଯୋଜନା କେବଳ ବିଚାରବିମର୍ଶ ସ୍ତରରେ ରହିଛି। ଏହା ଉପରେ ସରକାର କୌଣସି ଠୋସ୍ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଯଦି ଏହି ଯୋଜନା ଲାଗୁ ହେବ ତେବେ ଦେଶର ପେନ୍ସନ ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନ ହେବ। କର୍ମଚାରୀ ଓ ଶ୍ରମିକମାନେ ବିଭିନ୍ନ ଉତ୍ସରୁ ହେଉଥିବା ଆୟରୁ ଏଥିପାଇଁ ଅବଦାନ ଦେଇପାରିବେ ଏବଂ ଏକ ବୃହତ୍ ଅବସରକାଳୀନ ପାଣ୍ଠି ଗଠନ କରିବାର




ସୁଯୋଗ ପାଇପାରିବେ।

ଏହି ଯୋଜନା ଏକ ଅବଦାନ ଆଧାରିତ ପେନ୍ସନ୍ ଯୋଜନା ହେବ। ଏଥିରେ କର୍ମଚାରୀ ବା ଶ୍ରମିକମାନେ ଯେଉଁ ମାସିକ ଅବଦାନ ରାଶି ପ୍ରଦାନ କରିବ ତାହା ଇପିଏଫ୍ ଭଳି ଖାତାରେ ଜମା ହୋଇରହିବ। ସେହି ଜମାରାଶିକୁ ସରକାରୀ ପ୍ରତିଭୂତିରେ ନିବେଶ କରାଯିବ ଓ ପ୍ରତିବର୍ଷ ସୁଧ ଟଙ୍କା ଖାତାରେ ଜମା କରାଯିବ। ଅବସର ବୟସ ହେବା ପରେ ସେହି ଟଙ୍କା ପାଇବା ପାଇଁ ସଦସ୍ୟମାନଙ୍କୁ ଦୁଇ ପ୍ରକାର ବିକଳ୍ପ ମିଳିବ। ପ୍ରଥମ ବିକଳ୍ପଟି ହେଉଛି ନିୟମିତ ପେନ୍ସନ୍। ଦ୍ୱିତୀୟ ବିକଳ୍ପଟି ହେଉଛି ସିଷ୍ଟମେଟିକ୍ ୱିଥଡ୍ରଆଲ ପ୍ଲାନ୍। ଏଥିରେ ନିୟମିତ ବ୍ୟବଧାନରେ ଖାତାରୁ ଟଙ୍କା ଉଠାଇବାର ସୁବିଧା ମିଳିବ।ଏହି ଯୋଜନାର ଆଉ ଏକ ଲାଭ ହେଉଛି ସଦସ୍ୟମାନେ ନିଜ ଅବସର ନେଇ ଆଗୁଆ ଯୋଜନା କରିପାରିବେ ଓ ସେହି ଅନୁସାରେ ଯେତିକି ଅବଦାନ ରାଶି ଦରକାର ତାହା ଦେଇପାରିବେ। ଏଥିରେ ବୟସ ଅଧିକ ହୋଇଯାଇଥିବା ଲୋକମାନେ ଉପକୃତ ହେବେ। ସେମାନେ ନିର୍ଦ୍ଦିଷ୍ଟ ଏକ ଅବଧି ପାଇଁ ଯୋଗଦାନ ରାଶି ଦେଇ ପେନ୍ସନ୍ ଭଳି ସୁବିଧା ପାଇପାରିବେ। ଏହି ଯୋଜନାରେ କର୍ମଚାରୀ ଓ ଶ୍ରମିକମାନେ ନିଜେ ଅବଦାନ ଦେଇପାରିବେ, ନିଯୁକ୍ତିଦାତା ତାଙ୍କ ପାଇଁ ଟଙ୍କା ଦେଇପାରିବେ, ନିମ୍ନ ଆୟ ବର୍ଗର ଲୋକମାନଙ୍କ ପାଇଁ ସରକାର ଟଙ୍କା ଦେଇପାରିବେ, ଗିଗ୍ ଶ୍ରମିକମାନଙ୍କ ପାଇଁ ଅନ୍ଲାଇନ୍ ସଂସ୍ଥା ଟଙ୍କା ଦେଇପାରିବେ, ସିଏସ୍ଆର୍ ଟଙ୍କା ବି ଖର୍ଚ୍ଚ ହୋଇପାରିବ ଏବଂ ଏନ୍ଜିଓ ଓ ଦାତବ୍ୟ ଅନୁଷ୍ଠାନ ବି ଟଙ୍କା ଦେଇପାରିବେ।

## ସିକିମ ସୁଡ଼ଙ୍ଗ ଭୁଶୁଡ଼ିବା ଘଟଣା

# ଅନେକ ଏବେ ବି ଫସି ରହିଛନ୍ତି

ଗ୍ୟାଙ୍ଗଟକ୍: ସିକିମର ନାମଚି ଜିଲ୍ଲାରେ ସୋମବାର ଭୂସ୍ଖଳନ




ଯୋଗୁ ଏକ ସୁଡ଼ଙ୍ଗ ଭୁଶୁଡ଼ିବା ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଆହୁରି ୧୫ ଜଣ ସୁଡ଼ଙ୍ଗ ଭିତରେ ଫସି ରହିଛନ୍ତି। ଲଗାଣ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସୁଡ଼ଙ୍ଗ ଭିତରେ ବିଷାକ୍ତ ଗ୍ୟାସ ଲିକ୍ ହେବାର ସନ୍ଦେହ ଥିବାରୁ ତଲାସି ଓ ଉଦ୍ଧାର ଅଭିଯାନ ଆହୁରି ଜଟିଳ ହୋଇପଡ଼ିଛି।

## ୨୨୬ ଆରଜିସି ଗ୍ରେନେଡ୍ ଜବତ

ଦାମାସକସ୍: ଏକ ସରକାରୀ ବିବୃତି ଅନୁଯାୟୀ, ସିରିଆର କଷ୍ଟମ୍ସ କର୍ତ୍ତୃପକ୍ଷ ମଙ୍ଗଳବାର ଦିନ ଲେବାନନ ଯାଉଥିବା ଏକ ଗାଡ଼ିରେ ଲୁଚାଇ ରଖାଯାଇଥିବା ୨୨୬ଟି ଆରଜିସି ଗ୍ରେନେଡ୍ ଜବତ କରିଛନ୍ତି। ଜେଡେଟ୍ ୟାବୋସ୍ ସୀମା କ୍ରସିଂର ଅଧିକାରୀମାନେ ଲେବାନନ୍ ଯାଉଥିବା ଏକ ଗାଡ଼ି ଭିତରେ ଲୁଚାଇ ରଖାଯାଇଥିବା ଗ୍ରେନେଡ୍ ଆବିଷ୍କାର କରିଥିଲେ। ଏହା ହିଜବୁଲ୍ଲା ପାଖକୁ ଯାଉଥିବା ସନ୍ଦେହ କରାଯାଉଛି। ଏନେଇ ଅଧିକ ତଦନ୍ତ ଏବଂ ପଚରାଉଚରା ଜାରି ରହିଛି। ଏହା ପୂର୍ବରୁ ଗୁରୁବାର ଦିନ, ସିରିଆର କର୍ତ୍ତୃପକ୍ଷ ଇରାକ ସୀମା ଦେଇ ଲେବାନିଜ୍ ଗୋଷ୍ଠୀ ହିଜବୁଲ୍ଲା ପାଇଁ ଉଦ୍ଦିଷ୍ଟ ଏକ ବଡ଼ ଅସ୍ତ୍ରଶସ୍ତ୍ର ଚାଲାଣର ପ୍ରୟାସକୁ ପଣ୍ଡ କରିଥିଲେ।୨୦୨୪ ଶେଷ ଭାଗରେ ବସର ଅଲ-ଆସାଦଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ଫଳରେ ତାଙ୍କର ୨୪ ବର୍ଷ ଶାସନର ଅନ୍ତ ଘଟିଥିଲା। ପରେ ଦେଶକୁ ସଜାଡ଼ିବା ଏବଂ ପୁନଃନିର୍ମାଣ ଆରମ୍ଭ କରିବା ପାଇଁ ବ୍ୟାପକ ଯୋଜନାର ଅଂଶ ଭାବରେ ସିରିଆର ନୂତନ କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି।

# ଦିଲ୍ଲୀକୁ ଫେରିଲା କୃଷକଙ୍କ ଆନ୍ଦୋଳନ

### ଶମ୍ଭୁ ସୀମାରେ ଅଟକାଇଲା ଦିଲ୍ଲୀ ପୋଲିସ

ଚଣ୍ଡୀଗଡ଼: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର 'ଚଲୋ ସଂସଦ' ଅଭିଯାନ ପରେ ଫେରିଛି କୃଷକଙ୍କ ଆନ୍ଦୋଳନ। ମଙ୍ଗଳବାର ବିଭିନ୍ନ ଦାବି ନେଇ ଦିଲ୍ଲୀ ଅଭିମୁଖେ ପଦଯାତ୍ରା କରୁଥିବା କୃଷକମାନଙ୍କୁ ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ପୁଲିସ ଅଟକାଇ ଦେଇଛି। ବ୍ୟାରିକେଡ୍, କଣ୍ଟେନର ଓ ବହୁସଂଖ୍ୟକ ସୁରକ୍ଷାକର୍ମୀ ମୁତୟନ କରି କୃଷକମାନଙ୍କୁ ଆଗକୁ ବଢ଼ିବାକୁ ଦିଆଯାଇ ନ ଥିଲା। ଏହାକୁ ନେଇ ସୀମାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଓ କିଷାନ ମଜଦୁର ମୋର୍ଚ୍ଚାର ନେତୃତ୍ୱରେ କୃଷକମାନେ ପୁଣିଥରେ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କର ମୁଖ୍ୟ ଦାବି ହେଉଛି ସମସ୍ତ ଫସଲ ପାଇଁ ଆଇନଗତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)ର ଗ୍ୟାରେଣ୍ଟି, କୃଷକଙ୍କ ଋଣ ଛାଡ଼, ଆନ୍ଦୋଳନ



ସମୟରେ ଦାଖଲ ହୋଇଥିବା ମାମଲା ପ୍ରତ୍ୟାହାର ଏବଂ ଲଖିମପୁର ଖେରୀ ହିଂସା ଘଟଣାରେ ନ୍ୟାୟ ପ୍ରଦାନ। କୃଷକ ନେତାମାନଙ୍କ କହିବା ଅନୁସାରେ, କେନ୍ଦ୍ର ସରକାର ପୂର୍ବରୁ ଦେଇଥିବା ଅନେକ ପ୍ରତିଶ୍ରୁତି ପାଳନ କରିନାହାନ୍ତି। ବିଶେଷ କରି ଏମ୍ଏସ୍ପିକୁ ଆଇନଗତ ମାନ୍ୟତା ଦେବା ଏବଂ କୃଷକଙ୍କ ଅନ୍ୟାନ୍ୟ ଦାବି ପୂରଣ ନେଇ କୌଣସି ସ୍ପଷ୍ଟ ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ପୁଣିଥରେ ଆନ୍ଦୋଳନର ପଥ ବାଛିଛନ୍ତି। ସରକାରଙ୍କ ସହ ଅନେକ ପର୍ଯ୍ୟାୟର ଆଲୋଚନା ସତ୍ତ୍ୱେ ସମାଧାନ ବାହାରି ନ ଥିବାରୁ ସେମାନେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି।ଅନ୍ୟପକ୍ଷରେ, ହରିୟାଣା ସରକାର ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଶମ୍ଭୁ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ପୁଲିସ କହିଛି, ଅନୁମତି ବିନା କାହାକୁ ଦିଲ୍ଲୀ ଅଭିମୁଖେ ଯିବାକୁ ଦିଆଯିବ ନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ସୀମା ଅଞ୍ଚଳରେ ଅତିରିକ୍ତ ପୁଲିସ ବଳ ମୁତୟନ କରାଯାଇଛି। କୃଷକ ସଂଗଠନଗୁଡ଼ିକ କହିଛନ୍ତି, ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଅନ୍ୟପକ୍ଷରେ, କେନ୍ଦ୍ର ସରକାର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଆହ୍ୱାନ ଜଣାଇଛନ୍ତି।

## ନିକାରାଗୁଆ ରାଷ୍ଟ୍ରପତି ଘୋଷଣା କଲେ ନିର୍ବାଚନ

ମାନାଗୁଆ: ମଧ୍ୟ ଆମେରିକୀୟ ଦେଶ ନିକାରାଗୁଆର ରାଷ୍ଟ୍ରପତି ଡାନିଏଲ୍ ଓର୍ଟେଗା ଏକ ଚାଞ୍ଚଲ୍ୟକର ନିର୍ବାଚନୀ ଘୋଷଣା କରିଛନ୍ତି ଯାହା ଦେଶ ଏବଂ ବିଶ୍ୱର ଲୋକଙ୍କୁ ଚକିତ କରିଦେଇଛି। ୨୦୦୭ମସିହାରୁ କ୍ଷମତାରେ ଥିବା ଓର୍ଟେଗା ଘୋଷଣା କରିଛନ୍ତି ଯେ, ନିକାରାଗୁଆରେ ଆଉ କୌଣସି ନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ଏହାର ଅର୍ଥ ହେଉଛି ଯେ, ଆସନ୍ତା ବର୍ଷ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ, ନିର୍ବାଚନ ହେବାର ଚ୍ୟାଲେଞ୍ଜ୍ ଦୂର ହୋଇଯିବ। ଏହା ତାଙ୍କର ଏବଂ ତାଙ୍କ ପତ୍ନୀଙ୍କ କ୍ଷମତାକୁ ଆହୁରି ସୁଦୃଢ଼ କରିବ। ୧୯୮୦ ଦଶକରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ହୋଇଥିବା ଏବଂ ୨୦୦୭ ମସିହାରୁ ଲଗାତାର ୧୯ ବର୍ଷଧରି କ୍ଷମତାରେ ଥିବା ଓର୍ଟେଗା କହିଛନ୍ତି, ଏହି ଘୋଷଣା ବିରୋଧୀଙ୍କ ପାଇଁ ସମସ୍ତ ରାସ୍ତା ବନ୍ଦ କରିଦେବ। ତେବେ ସେ ଏହି ପଦକ୍ଷେପର କାର୍ଯ୍ୟାନ୍ୱୟନ ବିଷୟରେ କୌଣସି ସୂଚନା ପ୍ରଦାନ କରିନାହାନ୍ତି।

## ନର୍ସିଂ ଶିକ୍ଷାନୁଷ୍ଠାନ ସ୍ଥାପନ ପ୍ରସଙ୍ଗ

# ଟ୍ରଷ୍ଟ, ସୋସାଇଟି ଉପରୁ ପ୍ରତିବନ୍ଧକ ହଟାଯାଉ : ଭର୍ତ୍ତୃହରି

ନୂଆଦିଲ୍ଲୀ: ବର୍ତ୍ତମାନ ପ୍ରଚଳିତ ନିୟାମକ ବ୍ୟବସ୍ଥା ଅନୁଯାୟୀ ଏକ ଟ୍ରଷ୍ଟ କିମ୍ବା ସୋସାଇଟିକୁ ଏକ ସହର କିମ୍ବା ନଗରରେ ଗୋଟିଏରୁ ଅଧିକ ନର୍ସିଂ ଶିକ୍ଷାନୁଷ୍ଠାନ ସ୍ଥାପନ କରିବାର ଅନୁମତି ନ ଦିଆଯିବା ବ୍ୟବସ୍ଥାର ପୁନଃବିଚାର କରାଯିବାକୁ ବିଜେପି ସାଂସଦ ଭର୍ତ୍ତୃହରି ମହତାବ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଦେଶରେ ଦକ୍ଷ ନର୍ସମାନଙ୍କର ଚାହିଦା ଦ୍ରୁତ ହାରରେ ବୃଦ୍ଧି ପାଉଥିବା ବେଳେ ଏହି ପ୍ରତିବନ୍ଧକ ନର୍ସିଂ ଶିକ୍ଷାର ସମ୍ପ୍ରସାରଣରେ ଏକ ବଡ଼ ବାଧା ସୃଷ୍ଟି କରୁଛି । ନର୍ସମାନେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମେରୁଦଣ୍ଡ ସଦୃଶ । ସେମାନେ ରୋଗୀଙ୍କ ସେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି ଏବଂ ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ପ୍ରମୁଖ ସେତୁ ଭାବେ କାର୍ଯ୍ୟ କରନ୍ତି ।ଦେଶର ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ଏବଂ ବେସରକାରୀ-ଉଭୟ ସ୍ୱାସ୍ଥ୍ୟସେବା ସଂସ୍ଥାରେ ଅଧିକ ସଂଖ୍ୟକ ପ୍ରଶିକ୍ଷିତ ନର୍ସଙ୍କ ଆବଶ୍ୟକତା ରହିଛି । ଭାରତୀୟ ନର୍ସିଂ ପରିଷଦର ସ୍ଥାନରେ ଜାତୀୟ ନର୍ସିଂ କମିଶନ ଗଠନ ପାଇଁ ସଂସଦ ଆଇନ ପ୍ରଣୟନ କରିସାରିଛି । ତେଣୁ ଏହି ନୂତନ ବ୍ୟବସ୍ଥା ଅଧୀନରେ ଏକ ସହରରେ ଏକ ଟ୍ରଷ୍ଟ କିମ୍ବା ସୋସାଇଟି ପକ୍ଷରୁ କେବଳ ଗୋଟିଏ ନର୍ସିଂ କଲେଜ ସ୍ଥାପନ କରିପାରିବେ ବୋଲି ଥିବା ପୁରୁଣା ପ୍ରତିବନ୍ଧକୁ ହଟାଇବା ପାଇଁ ଏହା ଉପଯୁକ୍ତ ସମୟ । ସାଂସଦ ଶ୍ରୀ ମହତାବ ଆହୁରି କହିଛନ୍ତି ଯେ ଏହି ପ୍ରତିବନ୍ଧକୁ ହଟାଇଲେ ଯଥେଷ୍ଟ ଭିତ୍ତିଭୂମି ଓ ଶିକ୍ଷକ ଉପଲବ୍ଧ ଥିବା ସ୍ଥାନରେ ବିଶ୍ୱସନୀୟ ଶିକ୍ଷାନୁଷ୍ଠାନ, ଟ୍ରଷ୍ଟ ଓ ସୋସାଇଟିମାନେ ଅତିରିକ୍ତ ନର୍ସିଂ କଲେଜ ସ୍ଥାପନ କରିପାରିବେ । ଏହା ଦ୍ୱାରା ପ୍ରଶିକ୍ଷିତ ନର୍ସଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ ଏବଂ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ । ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛି ଯେ, ଜାତୀୟ ନର୍ସିଂ କମିଶନର ନୂତନ ବ୍ୟବସ୍ଥା ଅଧୀନରେ ସମ୍ପୃକ୍ତ ନିୟାମକ ପ୍ରାବଧାନଗୁଡ଼ିକର ସଂଶୋଧନ କରି ଅଧିକ ସଂଖ୍ୟକ ନର୍ସିଂ କଲେଜ ସ୍ଥାପନକୁ ସୁବିଧାଜନକ ଏବଂ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଦକ୍ଷ ମାନବ ସମ୍ପଦକୁ ସୁଦୃଢ଼ କରାଯାଉ ।

# ଚୀନର ବିରଳ ନୌସେନା ଅଭ୍ୟାସକୁ ନେଇ ଜାପାନର ଆପତ୍ତି

ଟୋକିଓ: ଚୀନ୍ ପ୍ରଥମ ଥର ପାଇଁ ଜାପାନ ଦାବି କରୁଥିବା ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ (ଇଇଜେଡ୍) ମଧ୍ୟରେ ଓକିନୋତୋରିଶିମା ନିକଟ ସମୁଦ୍ର ଅଞ୍ଚଳରେ ସିଧାସଳଖ ଗୁଳିଚାଳନା ସହ ନୌସେନା ଅଭ୍ୟାସ କରିଛି। ଏହି ଘଟଣାକୁ ନେଇ ଜାପାନ କଡ଼ା ଆପତ୍ତି ପ୍ରକାଶ କରିବା ସହ ବେଜିଂ ନିକଟରେ କୂଟନୈତିକ ପ୍ରତିବାଦ ଜଣାଇଛି।ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଚୀନର ଏକାଧିକ ଯୁଦ୍ଧଜାହାଜ ଓକିନୋତୋରିଶିମାର ଦକ୍ଷିଣ-ପୂର୍ବ ସମୁଦ୍ର ଅଞ୍ଚଳରେ ପ୍ରବେଶ କରି ସିଧାସଳଖ ଗୁଳିଚାଳନା ଅଭ୍ୟାସ କରିଥିଲେ। ଏହା ପରେ ଜାପାନ ସରକାର ଚୀନ୍ ଦୂତାବାସ ମାଧ୍ୟମରେ ଔପଚାରିକ ପ୍ରତିବାଦ କରିଛନ୍ତି। ଜାପାନର କହିବା ଅନୁସାରେ, ଏହି ଅଞ୍ଚଳ ତାହାର ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ମଧ୍ୟରେ ରହିଛି ଏବଂ ଏଭଳି ସାମରିକ ଅଭ୍ୟାସ ଆଞ୍ଚଳିକ ସୁରକ୍ଷା ପାଇଁ ଚିନ୍ତାର ବିଷୟ।ଅନ୍ୟପକ୍ଷରେ, ଚୀନ୍ କହିଛି ଯେ ଏହି ସମୁଦ୍ର ଅଞ୍ଚଳ ଅନ୍ତର୍ଜାତୀୟ ଜଳସୀମାର ଅଂଶ ଏବଂ ସେଠାରେ ସାମରିକ ଅଭ୍ୟାସ କରିବା ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ବୈଧ। ଏହି ପ୍ରସଙ୍ଗରେ ଚୀନ୍ ଓ ଜାପାନ ମଧ୍ୟରେ ଦୀର୍ଘ ଦିନ ଧରି ମତଭେଦ ରହିଆସିଛି। ବିଶେଷଜ୍ଞଙ୍କ ମତରେ, ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଚୀନର ବଢ଼ୁଥିବା ସାମରିକ ସକ୍ରିୟତା ଓ ଜାପାନର ପ୍ରତିରକ୍ଷା ପ୍ରସ୍ତୁତି ମଧ୍ୟରେ ଏହି ଘଟଣା ଦ୍ୱିପାକ୍ଷିକ ଉତ୍ତେଜନାକୁ ଆହୁରି ବଢ଼ାଇପାରେ। ଆମେରିକା ସହ ଜାପାନର ସୁରକ୍ଷା ସହଯୋଗକୁ ନେଇ ମଧ୍ୟ ଚୀନ୍ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଆସୁଛି। ଏହି ଘଟଣା ପରେ ଜାପାନ ସମୁଦ୍ର ଅଞ୍ଚଳରେ ନଜରଦାରି ବଢ଼ାଇଥିବାବେଳେ ଚୀନର ସାମରିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବ ବୋଲି କହିଛି। ଉଭୟ ଦେଶ ମଧ୍ୟରେ ସାମୁଦ୍ରିକ ସୀମା ଓ ସୁରକ୍ଷା ପ୍ରସଙ୍ଗକୁ ନେଇ ତିକ୍ତତା ଏବେ ପୁଣି ଥରେ ସାମ୍ନାକୁ ଆସିଛି।

## ସିନ୍ଦେ ଗୋଷ୍ଠୀରେ ୬ ସାଂସଦଙ୍କ ମିଶ୍ରଣ

# ବାଚସ୍ପତିଙ୍କ ଅନୁମୋଦନକୁ ବିରୋଧ

ମୁମ୍ବାଇ: ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଗୋଷ୍ଠୀ ଆଜି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀରେ ୬ ସାଂସଦଙ୍କ ମିଶ୍ରଣକୁ ବାଚସ୍ପତି ଓମ୍ ବିର୍ଲା ସ୍ୱୀକୃତି ପ୍ରଦାନ କରିବା ପରେ ଏହାକୁ ଉଦ୍ଧବ ସେନା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି।ଶିବସେନା (ୟୁବିଟି) ସଂସଦୀୟ ଦଳ ନେତା ଅରବିନ୍ଦ ସାୱନ୍ତଙ୍କୁ ବରିଷ୍ଠ ଆଇନଜୀବୀ ଦେବଦତ୍ତ କାମାତ କୋର୍ଟରେ ପ୍ରତିନିଧିତ୍ୱ କରିଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠଙ୍କ ନିକଟରେ ରିଟ୍ ପିଟିସନ୍ ଦାଖଲ କରି ସେ ଏହା ଉପରେ ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିଥିଲେ। କୋର୍ଟ ମଧ୍ୟ ଏହି ଆବେଦନ ଉପରେ ଶୁଣାଣି ପାଇଁ ରାଜି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଉଦ୍ଧବ ସେନା ଗୋଷ୍ଠୀର ୬ ସାଂସଦ ସିନ୍ଦେ ଗୋଷ୍ଠୀରେ ଯୋଗ ଦେବାକୁ ଜୁଲାଇ ୧୮ ତାରିଖରେ ଲୋକସଭା ବାଚସ୍ପତି ସ୍ୱୀକୃତି ପ୍ରଦାନ କରିଥିଲେ। ସିନ୍ଦେ ଗୋଷ୍ଠୀରେ ଉଦ୍ଧବ ସେନାର ୬ ସାଂସଦଙ୍କ ମିଶ୍ରଣକୁ ବାଚସ୍ପତି ଅନୁମୋଦନ କରିବା ପରେ ଲୋକସଭାରେ ଶିବସେନା ୟୁବିଟିର ସାଂସଦ ସଂଖ୍ୟା ୩କୁ ଖସି ଆସିଛି ଏବଂ ସିନ୍ଦେ ଗୋଷ୍ଠୀର ସଂଖ୍ୟା ୭ରୁ ୧୩କୁ ବୃଦ୍ଧି ପାଇଛି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବେ



ଏନ୍ଡିଏର ତୃତୀୟ ବୃହତ୍ତମ ଅଂଶୀଦାର ହୋଇଛି। ଏନ୍ଡିଏରେ ବିଜେପିର ୨୩୯ ସାଂସଦ ଥିବାବେଳେ ଟିଡିପିର ୧୬ ସାଂସଦ ରହିଛନ୍ତି। ନୀତୀଶ କୁମାରଙ୍କ ଜେଡିୟୁ (୧୨ ସାଂସଦ) ସଂଖ୍ୟାକୁ ମଧ୍ୟ ସିନ୍ଦେ ଗୋଷ୍ଠୀ ଟପିଯାଇଛି।

# ନାଇରୋବିରେ ଶ୍ରୀ ଜଗନ୍ନାଥ ରଥଯାତ୍ରା


ନାଇରୋବି :ଶ୍ରୀଜଗନ୍ନାଥ (ଇଏ ) ସମାଜ ପକ୍ଷରୁ ନାଇରୋବିରେ ଭକ୍ତି ଏବଂ ଉତ୍ସାହର ସହିତ ପବିତ୍ର ରଥଯାତ୍ରା ମହୋତ୍ସବ ପାଳିତ ହୋଇଯାଇଛି। ପ୍ରବାସୀ ଭାରତୀୟ ଏବଂ କେନିଆର ୭୦୦ ରୁ ଅଧିକ ଭକ୍ତ ବିଶ୍ୱାସ,ଏକତା ଏବଂ ସାଂସ୍କୃତିକ ଐତିହ୍ୟର ଏକ ସ୍ପନ୍ଦନଶୀଳ ପ୍ରଦର୍ଶନରେ ଏକତ୍ରିତ ହୋଇ ଏହି ମହୋତ୍ସବକୁ ପାଳନ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବରେ ଭାରତୀୟ ହାଇକମିଶନର ସଚିବ ସୁଦୀପ କଳାସାରୀ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥୀ ଭାବରେ କେନିଆର ହିନ୍ଦୁ ପରିଷଦର ଅଧ୍ୟକ୍ଷା ସୁଜାତା, ଲ୍ୟାବ୍ ଏବଂ ଆଲାଏଡ୍ ଅଧ୍ୟକ୍ଷ ମାନେଶ ପଟେଲ,ସାଇ ଧାମର



କୋଷାଧ୍ୟକ୍ଷ ବିଜେନ୍ଦ୍ର କୁମାର ଏବଂ ଇସ୍କନ୍ ନାଇରୋବିର ଉପାଧ୍ୟକ୍ଷ ଏବଂ ଟ୍ରଷ୍ଟି ରୁକ୍ମା ଦାସ ଥିଲେ ।ଏକ ସୁସଜ୍ଜିତ ରଥରେ ମହାପ୍ରଭୁ ଜଗନ୍ନାଥ,ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ବିରାଜମାନ କରି ନାମ ସଂକୀର୍ତ୍ତନ, ଭଜନ ଏବଂ କୀର୍ତ୍ତନ ସହିତ ରଥ ଟାଣିଥିଲେ।ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ କେନିଆରେ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ବନ୍ଧୁତା ଏବଂ ସମନ୍ୱୟର ବନ୍ଧନକୁ ମଜବୁତ କରିବା ସହିତ ଓଡ଼ିଶାର ସମୃଦ୍ଧ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାରେ ଶ୍ରୀ ଜଗନ୍ନାଥ(ଇଏ) ସମାଜର ପ୍ରୟାସକୁ ପ୍ରଶଂସା କରିଥିଲେ । ସେମାନେ ରଥଯାତ୍ରାର ସାର୍ବଜନୀନ ବାର୍ତ୍ତା - ସମାନତା, କରୁଣା, ଅନ୍ତର୍ଭୁକ୍ତି ଏବଂ ମାନବତାର ସେବା ଉପରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଭକ୍ତି ସଙ୍ଗୀତ, ସାଂସ୍କୃତିକ ପ୍ରଦର୍ଶନ ଏବଂ ସମସ୍ତ ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା ।କେନିଆର ୭୦ ରୁ ଅଧିକ ଓଡ଼ିଆ ପରିବାରଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।ଏହାର ନେତୃତ୍ୱ ନେଇଥିଲେ ଛନ୍ଦ ଚରଣ ମିଶ୍ର (ଅଧ୍ୟକ୍ଷ), ପ୍ରଶାନ୍ତ କୁମାର ବିଶ୍ୱାଳ (ସଚିବ), ଗୁରୁଦେବନ ସାହୁ, ସ୍ୱପ୍ନେଶ୍ୱର ଷଡଙ୍ଗୀ, ଡି. ପି. ମହାନ୍ତି, ଡକଫର ଜି. ପି. ମହାପାତ୍ର, ପନ୍ନଗ ପଟ୍ଟନାୟକ, ଶୁଭେନ୍ଦୁ ମହାପାତ୍ର, ମାନସ ରାୟ, ଶ୍ରୀକାନ୍ତ ବାବୁ, ଜୟନ୍ତ, ବସନ୍ତ, ରାଜେନ୍ଦ୍ର ପତି ଏବଂ ଅନ୍ୟମାନେ । ସାଇ ଧାମର ସଦସ୍ୟ ଏବଂ ଟ୍ରଷ୍ଟିଙ୍କ ସାମୂହିକ ପ୍ରୟାସ ଉତ୍ସବର ମହାନ ସଫଳତାକୁ ସୁନିଶ୍ଚିତ କରିଥିଲା ।

# ମେସିଙ୍କ ପାଇଁ ମାରାଡୋନାଙ୍କ ଦୁଃଖର ପୁନରାବୃତ୍ତି

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି) : ବିଶ୍ୱର ମହାମଞ୍ଚଳରେ ଫିଫା ବିଶ୍ୱକପ୍ ହଇଚମଟ ସହ ଶେଷ ହୋଇଛି । ଏଥର ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ପଛକୁ ଠେଲି ବିଶ୍ୱ ବିଜେତା ବନିଛି ସ୍ପେନ । ଏହି ବିଶ୍ୱକପ୍‌ରେ ଏକାଧିକ ଘଟଣାବଳୀ ଫୁଟବଲ କିମ୍ବଦନ୍ତୀଙ୍କ ପାଇଁ ସଦା ସ୍ମରଣୀୟ ହୋଇରହିବ । ଏହି ବିଶ୍ୱକପ୍‌ରେ ଫୁଟବଲ ଦୁନିଆ ପୁଣି ମନେ ପକାଇଛି ଆର୍ଜେଣ୍ଟିନାର ଅନ୍ୟତମ ମହାନ ଡିଏଗୋ ମରାଡୋନାଙ୍କୁ । ୩୭ ବର୍ଷ ତଳେ ମାରାଡୋନା ଯେଉଁଭଳି କ୍ରମାଗତ ଟ୍ରଫି ଜିତିନପାରିବାର ଦୁଃଖରେ ଭାଙ୍ଗି ପଡିଥିଲେ , ରବିବାର ଠିକ୍ ସେହିଭଳି ଦୁଃଖରେ ଭାଙ୍ଗିପଡିଥିଲେ ନିଓଲେନ୍ ମେସି । ୧୯୯୦ ଫାଇନାଲରେ ରୋମର ଷ୍ଟାଡିଓ ଅଲିମ୍ପିକୋରେ ଜର୍ମାନୀ ନିକଟରୁ ହାରି ଆର୍ଜେଣ୍ଟିନା ଟ୍ରଫି ତୋଳି ଧରିବାରୁ ବଞ୍ଚିତ ହୋଇଥିଲେ । ମାରାଡୋନାଙ୍କ ଆଖିରେ ଏତେ ଲୁହ ଆସିଯାଇଥିଲା ଯେ ତାଙ୍କୁ ବୁଝାଇବା ଭଳି ସ୍ଥିତି ନଥିଲା । ପ୍ରାୟ ୪ ଦଶନ୍ଧି ପରେ ସମାନ ସ୍ଥିତି ଆର୍ଜେଣ୍ଟିନା ଶିବିରରେ ଦେଖିବାକୁ ମିଳିଥିଲା । ନ୍ୟୁୟର୍କ ନ୍ୟୁଜର୍ସି ମେଟ୍ ଲାଇଫ୍ ଷ୍ଟାଡିୟମରେ ଆର୍ଜେଣ୍ଟିଆ ୧-୦ ବ୍ୟବଧାନରେ ସ୍ପେନଠାରୁ ହାରିଯିବା ପରେ ମେସି ମଧ୍ୟ ପଡିଆରେ କାନ୍ଦିଥିଲେ । ସାଥି ଖେଳାଳି, ପ୍ରତିଦ୍ୱନ୍ଦି, ପ୍ରଶିକ୍ଷକ ସମସ୍ତଙ୍କ ସାନ୍ତ୍ୱନା ମଧ୍ୟ ତାଙ୍କ ଉପରେ ପ୍ରଭାବ ପକାଇନଥିଲା ।



ଏହି ଦୁଇ ମହାନ ଖେଳାଳି କ୍ରମାଗତ ଟ୍ରଫି ହାତେଇବାରୁ ବଞ୍ଚିତ ହୋଇଛନ୍ତି । ୧୯୮୬ରେ ମାରାଡୋନା ବିଶ୍ୱକପ୍ ଜିତିବା ପରେ ୧୯୯୦ ସଫଳତା ଦୋହରାଇ ପାରିନଥିଲେ । ଠିକ୍ ସମାନ ଭାବେ ମେସି ୨୦୨୨ରେ ଆର୍ଜେଣ୍ଟିନାକୁ ବିଶ୍ୱ ଚାମ୍ପିଅନ କରିଥିବା ବେଳେ ୨୦୨୬ରେ ପୂର୍ବ ସଫଳତା ଦୋହରାଇ ପାରିନାହାଁନ୍ତି । ରବିବାର ମେସିଙ୍କ ଦଳ ସ୍ପେନ୍ ବିପକ୍ଷରେ ବଲ ନିୟନ୍ତ୍ରଣରେ ମାତ୍ର ୩୫ ପ୍ରତିଶତ ସଫଳ ହୋଇଥିଲା । ୧୯୯୦ ଫାଇନାଲରେ ମାରାଡୋନାଙ୍କ ଦଳ ଜର୍ମାନୀ ବିପକ୍ଷରେ ମଧ୍ୟ ୩୯ ପ୍ରତିଶତ ବଲ ନିୟନ୍ତ୍ରଣ କରି ପଛରେପଡିଯାଇଥିଲା । ରବିବାର ରାତିରେ ସ୍ପେନ୍ କିନ୍ତୁ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲା । ମ୍ୟାଚର ୧୧୬ ମିନିଟ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଗୋଟିଏ ବି ସଟ୍ ସ୍ପେନ୍ ଗୋଲ ପୋଷ୍ଟରେ ପହଞ୍ଚିପାରିନଥିଲା । ସେତେବେଳକୁ ସ୍ପେନ ୨୦ ତମ ସଟ୍‌ରେ ସଫଳ ହୋଇ ଟୋରେଶଙ୍କ ଜରିଆରେ ବାଜିମାରିନେଇଥିଲା ।

ମେସିଙ୍କ ପାଇଁ ଚଳିତ ବିଶ୍ୱକପ୍ ପରାଜୟ ଚିର ଯନ୍ତ୍ରଣା ହୋଇରହିବ । ସ୍ପେନ ନିକଟରୁ ପରାଜୟ ପରେ ମେସି କହିଛନ୍ତି ଏ ପରାଜୟଯନ୍ତ୍ରଣାଦାୟକ । ଏହା ମୋ ସହ ଚିରକାଳ ରହିବ । ଯନ୍ତ୍ରଣାମୁକ୍ତ ହେବା ପାଇଁ ଲମ୍ବା ସମୟ ଲାଗିବ । ଏତଦ୍ ବ୍ୟତୀତ ସେ ତାଙ୍କ ପ୍ରଶଂସକ ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ବିଶ୍ୱକପ୍‌ର ପ୍ରତିଟି ମୂହୁର୍ତ୍ତ ଓ ଅଭିଯାନ ସମୟରେ ଦଳକୁ ସମର୍ଥନ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୩୯ ବର୍ଷୀୟ ମେସିଙ୍କ ମଧ୍ୟ ବିଜୟୀ ସ୍ପେନକୁ ଅଭିନନ୍ଦନ ଜଣାଇଛନ୍ତି । ତଥାପି ଆର୍ଜେଣ୍ଟିନା ସମର୍ଥନ ଏକାଠି ରହିବା ଏବଂ ଗର୍ବର ସହ ବିଶ୍ୱକପ୍ ସ୍ମୃତିକୁ ସାଉଣ୍ଟି ଥିବାରୁ ମେସି ଖୁସିବ୍ୟକ୍ତ କରିଛନ୍ତି । କ୍ରମାଗତ ଫାଇନାଲ ଖେଳିବାର ଉପଲବ୍ଧିକୁ ନେଇ ଗର୍ବ କରିବାକୁ କହିଛନ୍ତି । ୨୦୨୨ ମସିହାରେ ମେସିଙ୍କ ଦଳ ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି ବିଶ୍ୱ ବିଜେତା ହୋଇଥିଲା । ଏଥର ଜିତିପାରିଥିଲେ ଦଳ ଦେଶର ତୃତୀୟ ଦେଶ ଭାବେ ଟାଇଟଲ ଜିତି ୬୪ ବର୍ଷ ପ୍ରତିକ୍ଷାର ଅନ୍ତ ଘଟାଇଥାନ୍ତେ । ଏପର୍ଯ୍ୟନ୍ତ କେବଳ ଇଟାଲୀ ୧୯୩୪ ଓ ୧୯୩୮ ଏବଂ ବ୍ରାଜିଲ ୧୯୫୮ ଓ ୧୯୬୨ ବିଶ୍ୱକପ୍‌କୁ କ୍ରମାଗତ ଜିତିବାର ଦୁଇ ଦେଶ ହୋଇରହିଛନ୍ତି ।

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା

# ସୁନ୍ଦରଙ୍କ ଉପରେ ନଜର



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି) : ଆଗାମୀ ଅଗଷ୍ଟ ମାସରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତରେ ଯିବ । ଘରୋଇ ଦଳ ସହ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ ଭାରତ । ଅଗଷ୍ଟ ୧୫ ରେ ଶୃଙ୍ଖଳା ଆରମ୍ଭ ହେବ । ଏଥିପାଇଁ ଖୁବ୍‌ଶୀଘ୍ର ଦଳ ଚୟନ କରାଯିବ । ଏସବୁ ଭିତରେ ଅଜିତ ଅଗରକର ଓ ତାଙ୍କ ଚୟନ କମିଟି ଉପରେ ସମସ୍ତଙ୍କ ନଜର ରହିଛି । ଇଂଲଣ୍ଡ ଗସ୍ତରେ ଭାରତର ପ୍ରଦର୍ଶନ ପରେ ଦଳ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି । ଚୟନ କମିଟି ୱାଶିଂଟନ ସୁନ୍ଦରଙ୍କ ଉପରେ ଫୋକସ ରଖିଛି । ଇଂଲଣ୍ଡ ବିପକ୍ଷ ଦିନିକିଆରେ ଆହତ ହୋଇଥିଲେ । ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସରୁ ଫିଟ୍ ରିପୋର୍ଟ ପାଇବା ପରେ ହିଁ ସେ ଖେଳିପାରିବେ । ଏତଦ୍ ବ୍ୟତିତ ଯଦି ଆହତ ସମସ୍ୟା ସାମାନ୍ୟ ଥିବ ତେବେ ତାଙ୍କୁ ଦଳରେ ସ୍ଥାନ ମିଳିବ । ଭାରତୀୟ ଦଳ ଅଗଷ୍ଟ ୪ ରେ ଶ୍ରୀଲଙ୍କା ଗସ୍ତ କରିବ । କିଛି ଦିନ ସେଠାରେ ଅଭ୍ୟାସ କରିବେ ଭାରତୀୟ ଖେଳାଳି । ଶୁବମନ୍ ଗିଲ ଦଳର ନେତୃତ୍ୱ ନେବେ । ଗତ ଆଫଗାନିସ୍ତାନ ଶୃଙ୍ଖଳାରେ ଯେଉଁ ଦଳ ଥିବା ତାହା ପରିବର୍ତ୍ତନ ହୋଇପାରେ । ରବିନ୍ଦ୍ର ଜାଡେଜା ଏବଂ ଯଶପ୍ରୀତ ବୁମରା ଦଳକୁ ଫେରିବେ । ହର୍ଷ ଦୁବେଙ୍କୁ ସୁଯୋଗ ମିଳିବା ନେଇ ସମ୍ଭାବନା ଅଛି । ଅନ୍ୟ ଦିଗରେ ସ୍ପିନ ଆଟାକ୍ ପାଇଁ ସରନ୍ସ ଜୈନଙ୍କୁ ନିଆଯାଇପାରେ । ମାନବ ସୁତାର, କୁଲଦୀପ ଯାଦବ, ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କ୍ରିଷ୍ଣା ବୋଲିଂ ବିଭାଗ ସମ୍ଭାଳିବେ । ଗୌତମ ଗମ୍ଭୀର କୋଚ୍ ହେଲା ପରେ ଭାରତୀୟ କ୍ରିକେଟରେ ସଂଘର୍ଷ କରୁଛି । କ୍ରମାଗତ ଭାବେ ଶୃଙ୍ଖଳା ହାରୁଛି । ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ଶୃଙ୍ଖଳା ପରାଜିତ ହୋଇଥିଲା । ଶ୍ରୀଲଙ୍କାରେ ଦଳ ପାଖରେ ସୁଯୋଗ ରହିଛି । ଯଦି ଶ୍ରୀଲଙ୍କାକୁ ଦଳ ପରାସ୍ତ କରେ ତାହା ହେଲେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ଆଶା ଜୀବିତ ରହିବ ।

# କିଟରେ ସିବିଏସ୍‌ଇ ପୂର୍ବାଞ୍ଚଳ ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୭ (ସବ୍ୟୁ) : ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ୧୦ ରେ ଥିବା ବିଶ୍ୱନାଥନଆନନ୍ଦ ଚେସ୍ ହଲରେ ସିବିଏସ୍‌ଇ ଫାର ପୂର୍ବାଞ୍ଚଳ ବକ୍ସିଂ ଚାମ୍ପିଅନସିପ ଉଦ୍‌ଘାଟିତ ହୋଇଛି । କିଟ୍ ଅନ୍ତର୍ଜାତୀୟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ସିବିଏସ୍‌ର ପୂର୍ଣ୍ଣ ସମର୍ଥନ ରହିଛି । ୨୧ ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୪ ତାରିଖରେ ଶେଷ ହେବ । ମର୍ଯ୍ୟାଦାଜନକ ଏହି ପ୍ରତିଯୋଗିତାରେ ମୋଟି ୩୫୦ ଜଣ ପ୍ରତିଯୋଗୀ, କୋଚ୍ , ମ୍ୟାନେଜର ଟେକ୍ନିକାଲ ଅଫିସିଆଲ, ରେଫରୀ, ଜଜ୍ ଏବଂ ଆୟୋଜନ କମିଟିର ସଦସ୍ୟ ରହିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ କିଟ୍ ଓ କିସ୍‌ର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଯୋଗ ଦେଇ କ୍ରୀଡା ପାଇଁ କିଟ୍‌ର ଉତ୍ସାହ ସମ୍ପର୍କରେ ସୂଚନା ଦେଇଥିଲେ । ସିବିଏସ୍‌ଇର ନିରିକ୍ଷକ ସୌମେନ କୁମାର ଲେଙ୍କା କହିଛନ୍ତି କିଟର କ୍ରୀଡା ଭିତ୍ତିଭୂମି ବିଶ୍ୱସ୍ତରୀୟ । ଏତେ ସୁନ୍ଦର ଆୟୋଜନ ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକ ତୁଳନାରେ ଉଚ୍ଚ ପ୍ରଶଂସନୀୟ ବୋଲି ଶ୍ରୀ ଲେଙ୍କା କହିଛନ୍ତି । କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି ।



## ଜୋନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

# ୧୯ ବର୍ଷରୁ କମ୍ ଫାଇନାଲରେ ବିଜୟ ଗୁଡିଆ , ଶ୍ରୀୟାଂଶ କେଜ୍ରିୱାଲ

ବଲାଙ୍ଗିର,୨୧/୭ (ସବ୍ୟୁ): ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ବଲାଙ୍ଗିର ଆନୁକୁଲ୍ୟରେ ଜୋନେକ୍ସ -ସନରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ତୃତୀୟ ଦିନର ଖେଳ ରେ ପ୍ରାୟତ ସମସ୍ତ ବିଭାଗର ଫାଇନାଲ ଲାଇନଅପ ଚୁଡାନ୍ତ ହୋଇଯିବ । ଏ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ପ୍ରତିଯୋଗିତାରେ ୧୯ ବର୍ଷରୁ କମ୍ ବାଳକ ଫାଇନାଲରେ ବିଜୟ ଗୁଡିଆ ଙ୍କ ସହ ଶ୍ରୀୟାଂଶ କେଜ୍ରିୱାଲ ଫାଇନାଲ ମୁକାବିଲା ହେବ । ୬୫ ବର୍ଷ ଫାଇନାଲ ରେ ଗୋପାଳ ପଣ୍ଡା ଓ ସନାତନ ହାତୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ୧୫ ବର୍ଷ ବାଳିକା ଫାଇନାଲରେ ରିଚା ଅଗ୍ରୱାଲ ଆଲିସା ସାହୁଙ୍କୁ ଭେଟିବେ । ବରିଷ୍ଠ ବର୍ଗ ପୁରୁଷ ଡବଲ୍ସ ରେ ପିୟୁଷ ନାଗ ସାଥୀ ବିନୀତ ନାଏକ ଓ ନିଖିଲ ସୁନା ସାଥୀ ହିମାଂଶୁ ହାତୀଙ୍କ ସହ ଅନୁଷ୍ଠିତ ହେବ । ୬୦ବର୍ଷ ଭେଟରାନ ଡବଲ୍ସ ରେ ଡା.ବେଣୁଧର ପାଣ୍ଡେ ସାଥୀ ପ୍ରଦୀପ ସାହୁ ଓ ଗୋପାଳ ପଣ୍ଡା ସାଥୀ ସନାତନ ହାତୀଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ୫୦ ବୟସ ବର୍ଗ ସିଙ୍ଗିଲ୍ସ ଫାଇନାଲରେ ସଂଗ୍ରାମ ବେହେରାଙ୍କ ସହ ଡା. ଦିପକ ବାରିକଙ୍କ ମଧ୍ୟରେ ମୁକାବିଲା ହେବ । ୫୫ ବର୍ଷ ବର୍ଗରେ ଡବଲ୍ସ ଖେଳାଳି ଡା. ବେଣୁଧର ପାଣ୍ଡେ ଓ ଘନଶ୍ୟାମ ମିଶ୍ର ଭେଟରାନ ଖେଳାଳି ସଂଗ୍ରାମ ବେହେରା ଓ ଡା. ଦିପକ ବାରିକଙ୍କୁ ଭେଟିବେ । ୩୫ ବର୍ଷ ବର୍ଗରେ ଥବିର ସାହୁ ଓ ଶିବୁନ ରଥ ଙ୍କ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବର୍ତ୍ତମାନ ଲେବଲ-୩ ୟନେକ୍ସ ସନ୍‌ରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ନୂଆକରି ବ୍ୟାଡମିଣ୍ଟନ ଖେଳୁଥିବା ସ୍କୁଲ ଖେଳାଳିମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଉଛି ତାହାର ଫାଇନାଲ ଖେଳ ମଧ୍ୟ ଅନୁଷ୍ଠିତ ହେବ । ଏହି ଖେଳର ଉଦ୍ଦେଶ୍ୟ ହେଲା କେବେ ବ୍ୟାଡ ମିଣ୍ଟନ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଏହି ଖେଳ ପ୍ରତି ଉତ୍ସାହ ସୃଷ୍ଟି କରିବ । ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ହୋଉଥିବା ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଜାତୀୟ ତଥା ରାଜ୍ୟ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ରେଫରିମାନେ ନିଯୁକ୍ତ ହୋଇଛନ୍ତି । ଖେଳର ସୁପରିଚାଳନା ପାଇଁ ଅନ୍ୟମାନଙ୍କ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ଅନନ୍ତ ବେହେରା ପ୍ରମୁଖ ବିଭିନ୍ନ ବିଭାଗର ଦାୟିତ୍ୱରେ ଅଛନ୍ତି । ୨୨ ତାରିଖ ପୂର୍ବାହ୍ନରୁ ସମସ୍ତ ବିଭାଗର ଫାଇନାଲ ପ୍ରତିଯୋଗିତା ଆରମ୍ଭ ହୋଇଯିବ ବୋଲି ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘର ସାଧାରଣ ସଂପାଦକ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି ।



# ଦିନିକିଆ ବିଶ୍ୱକପ୍ କଟ୍‌ଅଫ ତାରିଖ ଘୋଷଣା

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି) : ଆଇସିସି ପକ୍ଷରୁ ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୭ ପାଇଁ କଟ୍‌ଅଫ ତାରିଖ ଘୋଷଣା କରାଯାଇଛି । ଏହା ଲାଗୁ ହେବା ପରେ ଦୁଇଥର ଚାମ୍ପିଅନ ୱେଷ୍ଟଇଣ୍ଡିଜର ବିଶ୍ୱକପ୍ ଖେଳିବା ସମ୍ଭାବନା କମ୍ ହୋଇଯିବ । ୨୦୨୬ ସେପ୍ଟେମ୍ବର ୩୦ ତାରିଖ କଟ୍‌ଅଫ ତାରିଖ ରହିଛି । ଏହି ତାରିଖ ସୁଦ୍ଧା ଆଇସିସି ର୍ୟାଙ୍କିର ପ୍ରଥମ ୮ ଟି ଦଳ ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବ । ଆୟୋଜକ ଦଳ ଯୋଗ୍ୟତା ହାସଲ କରିବା ନିୟମ ଥିବାରୁ ଦ. ଆଫ୍ରିକା ଓ ଜିମ୍ବାୱେ ପୂର୍ବରୁ ବିଶ୍ୱକପ୍‌ରେ ସାମିଲ ହୋଇସାରିଛନ୍ତି । ଆୟୋଜକ ଦେଶ ବ୍ୟତୀତ ୮ ଟି ଦଳ ଯୋଗ୍ୟତା ହାସଲ କରିବେ । ଭାରତ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ପାକିସ୍ତାନ, ଶ୍ରୀଲଙ୍କା ଓ ଇଂଲଣ୍ଡ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ । ଏମାନଙ୍କ ବ୍ୟତୀତ ଆଫଗାନିସ୍ତାନ ଏବଂ ବାଂଲାଦେଶ ମଧ୍ୟ ଦୌଡରେ ଆଗରେ ଅଛନ୍ତି । ୱେଷ୍ଟଇଣ୍ଡିଜ୍ କଟଅଫ ତାରିଖ ସୁଦ୍ଧା ଯଦି ର୍ୟାଙ୍କିଙ୍ଗରେ ବଡ ଧରଣର ସୁଦ୍ଧାର ଆଣିନପାରିବ, ତେବେ ଯୋଗ୍ୟତା ହାସଲ କରିବା ସମ୍ଭବ ହେବ ନାହିଁ । ଏଥିପାଇଁ ପୁନର୍ବାର ଇଣ୍ଡିଜକୁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳିବାକୁ ପଡିବ । ଏହି ସମୟ ମଧ୍ୟରେ ଇଣ୍ଡିଜ୍ କେବଳ ୩ ଟି ଦିନିକିଆ ମ୍ୟାଚ ଖେଳିବ । ଏହା ଦଳ ପାଇଁ ର୍ୟାଙ୍କିଙ୍ଗ ସୁଧାରିବାରେ ପର୍ଯ୍ୟାପ୍ତ ହେବ ନାହିଁ ।

# ଶ୍ରୀଜୀଉଙ୍କ ଦର୍ଶନ କଲେ ଅଲିମ୍ପିଆନ ଗଗନ ନାରଙ୍ଗ

ଭୁବନେଶ୍ୱର, ୨୧।୭ (ସବ୍ୟୁ) : ଭାରତୀୟ ସୁଟର ପଦ୍ମଶ୍ରୀ ଗଗନ ନାରଙ୍ଗ ଶ୍ରୀଜୀଉଙ୍କୁ ଆଡପ ମଣ୍ଡପରେ ଦର୍ଶନ କରିଛନ୍ତି । ଦର୍ଶନ ପରେ ଅଲିମ୍ପିଆନ ନାରଙ୍ଗ ନିଜ ପ୍ରତିକ୍ରିୟାରେ କହିଛନ୍ତି ମହାପ୍ରଭୁଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମଣୁଛି । ଏହି ଅନୁଭବ ସାରା ଜୀବନ ମୋ ସହ ରହିବ ବୋଲି ଭାବବିହ୍ୱଳ ହୋଇ ନାରଙ୍ଗ କହିଛନ୍ତି । ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ପିନାକ ମିଶ୍ର, କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, କ୍ରୀଡା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ନାରଙ୍ଗଙ୍କୁ ଶ୍ରୀକ୍ଷେତ୍ରରେ ସ୍ୱାଗତ କରିଥିଲେ ।



ପଦ୍ମଶ୍ରୀ ନାରଙ୍ଗ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ପଦକ ଜିତିଥିଲେ । ସେ ପୁରୁଷ ୧୦ ମିଟର ଏୟାର ରାଇଫଲରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ୨୦୧୨ ସଂସ୍କରଣରେ ନାରଙ୍ଗ ହିଁ ଭାରତ ପାଇଁ ପ୍ରଥମ ପଦକ ଆଣିଦେଇଥିଲେ । ନାରଙ୍ଗ କ୍ୟାରିୟରେ ୪ ଥର ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ନାରଙ୍ଗ ଚିଫ ଡି ମିଶନ ହୋଇଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡାରେ ସେ ୨୦୦୬ ଓ ୨୦୧୦ରେ ୪ ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିଲେ । ୨୦୧୦ ମ୍ୟୁନିକ୍ ବିଶ୍ୱ ଚାମ୍ପିଅନସିପରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ଓ ରାଜୀବ ଗାନ୍ଧି ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

# ରାଜ୍ୟ ଓପନ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୧।୭ (ସବ୍ୟୁ) : ଅଲ ଓଡିଶା ଚେସ୍ ଆସୋସିଏସନର ତତ୍ତ୍ୱାବଧାନରେ ଯାଜପୁର ଚେସ୍ ୟୁନାଇଟେଡ୍ ଚେସ୍ ଆସୋସିଏସନ୍ ପକ୍ଷରୁ ୧୩ ବର୍ଷରୁ କମ୍ ରାଜ୍ୟ ଓପନ ବାଳକ -ବାଳିକା ଫିଡେରେଟେଡ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି । ଯାଜପୁରର ଜାରକା ସ୍ଥିତ ଧର୍ମଶାଳା ଇଣ୍ଡୋର ଷ୍ଟାଡିୟମରେ ସଫଳତାର ସହ ଏହି ପ୍ରତିଯୋଗିତା ଶେଷ ହୋଇଛି । ଏହି ୪ ଦିନିଆ ଚାମ୍ପିଅନସିପରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଭାବାନ ଯୁବ ଚେସ୍ ଖେଳାଳି ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଖୋର୍ଦ୍ଧାର ମନୀଷ ମିଶ୍ର ଓପନ ବର୍ଗରେ ଚାମ୍ପିଅନ ହୋଇଛନ୍ତି । ସାୟାଂଶ ଦାସ ରନର୍ସ ଅପ୍ ଏବଂ ସୋନାଲ ବୈଭବ ତୃତୀୟସ୍ଥାନ ଅଧିକାର କରିଥିଲେ । ବାଳିକାରେ ନୈନିକା ସାହୁ ଚାମ୍ପିଅନ ହୋଇଥିବା ବେଳେ ଆର୍ଣ୍ଣିକା ଦାସ ରନର୍ସ ଏବଂ ସାରଦା ଭାଗ୍ୟ କାମିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଭିନ୍ନ ବୟସ ବର୍ଗର ଯୁବ ଚାମ୍ପିଅନମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଟ୍ରଫି ସହିତ ସମ୍ମାନିତ କରାଯାଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅର୍ଥ ପୁରସ୍କାର ସହ ଟ୍ରଫି ତଥା ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# 'ଗ୍ରାମୀଣ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ : ଛୁଇଁଲା ସଫଳତାର ନୂଆ ଶିଖର

ସୁନ୍ଦରଗଡ଼, ୨୧।୭ (ସବ୍ୟୁ): ଆରମ୍ଭ ହେବାର ବର୍ଷକ ମଧ୍ୟରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ଅଧୀନରେ ଟ୍ରଷ୍ଟ ଅଫ୍ ପିପୁଲ୍ (ଟିଓପି)ର ସହଯୋଗରେ ପରିଚାଳିତ 'ଗ୍ରାମୀଣ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ'ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସୁନ୍ଦରଗଡ଼ ଜିଲ୍ଲାର ୪୦ଟି ଗ୍ରାମରୁ ୫୦୦ରୁ ଅଧିକ ଯୁବ କ୍ରୀଡ଼ାବିତ୍ଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଅନେକ ଜଣ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ସୁନ୍ଦରଗଡ଼ ପାଇଁ ଗୌରବ ଆଣିଛନ୍ତି ।

ଗତ ଅଗଷ୍ଟ ୨୦୨୫ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ପ୍ରତିଭାବାନ ଯୁବ କ୍ରୀଡ଼ାବିତ୍ଙ୍କୁ ଚିହ୍ନଟ କରି ଫୁଟବଲ୍, ଆଥଲେଟିକ୍ସ ଓ ଖୋ-ଖୋ କ୍ଷେତ୍ରରେ ବୃତ୍ତିଗତ ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ପ୍ରଦାନ କରିବା । ବର୍ତ୍ତମାନ ପର୍ଯ୍ୟାୟରେ ୪୦୦ ଜଣ କ୍ରୀଡ଼ାବିତ୍ଙ୍କୁ ସାମିଲ କରିବାର ଲକ୍ଷ୍ୟ ରହିଥିବା ବେଳେ, ଏପର୍ଯ୍ୟନ୍ତ ୫୦୨ ଜଣ ପଞ୍ଜୀକୃତ ହୋଇ ସାରିଛନ୍ତି । ଏଥିମଧ୍ୟରେ ୪୦ ପ୍ରତିଶତରୁ ଅଧିକ ଝିଅ ଅଂଶଗ୍ରହଣ ରହିଛି । ଏହି ପଦକ୍ଷେପ ମାଧ୍ୟମରେ ପ୍ରତିଭାବାନ କ୍ରୀଡ଼ାବିମାନଙ୍କୁ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ସହ କ୍ରୀଡ଼ା ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ କ୍ରୀଡ଼ା କୋଟାରେ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ।



ଏହି ଅଭିଯାନରେ ପ୍ରଶିକ୍ଷଣ ପାଇଥିବା କ୍ରୀଡ଼ାବିମାନେ ବିଭିନ୍ନ ପ୍ରତିଯୋଗିତାରେ ଚମତ୍କାର ସଫଳତା ହାସଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ରଫିରେ ପ୍ରକଳ୍ପର ବାଳିକା ଫୁଟବଲ୍ ଦଳ ଜୋନାଲ୍ ଚାମ୍ପିଅନ୍ ହେବା ସହ ଇଣ୍ଟର-ଜୋନାଲ୍ ପ୍ରତିଯୋଗିତାରେ ରନର୍ସ-ଅପ୍ ହୋଇଥିଲା । ଏହି ଦଳର ଅନେକ ଖେଳାଳି ସୁନ୍ଦରଗଡ଼ ଜିଲ୍ଲା ଦଳରେ ସ୍ଥାନ ପାଇଛନ୍ତି । ଆଥଲେଟିକ୍ସରେ ପ୍ରଶିକ୍ଷାର୍ଥୀମାନେ କଟକର ବାରବାଟୀ ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ହାସଲ କରି ମଧ୍ୟମ ଦୂରତା ଦୌଡ଼ ଓ ହାଇ ଜମ୍ପରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ।

ଏହି ଅବସରରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି, "ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ପ୍ରଦାନ ସହିତ ସମାଜର ସାମଗ୍ରିକ ବିକାଶ ପ୍ରତି ମଧ୍ୟ ଟିପିଡବ୍ଲୁଓଡିଏଲ୍ ସମାନ ଭାବେ ପ୍ରତିବଦ୍ଧ । ଆମର ସିଏସ୍‌ଆର୍ ପଦକ୍ଷେପ ମାଧ୍ୟମରେ ଯୁବ ପ୍ରତିଭାଙ୍କୁ ସଶକ୍ତ କରିବା ଓ ସମାଜକୁ ଅଧିକ ସୁଦୃଢ଼ କରିବା ଆମର ଲକ୍ଷ୍ୟ ।

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ । ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି